

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୧ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 11 JANUARY 2022
Vol.No. 33 ■ No. 11 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ୧୨ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

## ଚାକିରି ନିଯୁକ୍ତିରେ ବୟସ ସୀମାକୁ ବଢାଇଲେ ରାଜ୍ୟ ସରକାର

ଭୁବନେଶ୍ୱର, ୧୦/୦୧ (ନି.ପ୍ର): ସୋମବାର ଦିନ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୨ ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିଛି । କ୍ୟାବିନେଟ୍ ନିଷ୍ପତି ଅନୁଯାୟୀ ରାଜ୍ୟ ସରକାର ସରକାରୀ ଚାକିରୀ ପାଇଁ ବୟସ ସୀମା ବୃଦ୍ଧି କରିଛନ୍ତି । ଚାକିରୀ ପାଇଁ ବୟସ ସମୟ ସୀମା ୩୨ ରୁ ୩୮ କୁ ବୃଦ୍ଧି କରାଯାଇଛି । କ୍ୟାବିନେଟ୍ ରେ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ, ଉଚ୍ଚଶିକ୍ଷା; ପଂଚାୟତି ରାଜ ଏବଂ ପାନୀୟ ଜଳ, ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପ୍ରମୁଖ ବିଭାଗ ଗୁଡିକର ବିଭିନ୍ନ ପ୍ରସ୍ତାବକୁ ମଂଜୁରୀ ମିଳିଛି । କ୍ୟାବିନେଟ୍ ନିଷ୍ପତି ବିଷୟରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ




ସୁରେଶ ଚନ୍ଦ୍ର ମହାପାତ୍ର ଓ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି ଯେ ରାଜ୍ୟ ସରକାରୀ ଚାକିରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସ ସୀମାକୁ ୩୨ ରୁ ୩୮ ପର୍ଯ୍ୟନ୍ତ ତିନି ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୨୦୨୨ ମସିହାରେ ଓଡିଶା ବେସରକାରୀ କଲେଜ, ଜୁନିଅର କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗ୍ରାଂଟ ଇନ୍‌ଏଡ୍ କୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ମୟୂରଭଞ୍ଜ ଜିଲ୍ଲାର ସାମାଖୁଂଟା, କପ୍ତିପଦା ଏବଂ ବାରିପଦା ବ୍ଲକ ପାଇଁ ମେଗା ପାଇପ୍ ଜଳ ଯୋଗାଣ ଯୋଜନାର ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି । କଟକ ଜିଲ୍ଲାର ବାଙ୍କି, ଡମପଡା ବାରଙ୍ଗ; ସମ୍ବଲପୁର ଜିଲ୍ଲାର ଜୁଜୁମରା, ମାନେଶ୍ୱର ,ନାକଟିଦେଉଳ , ରେଢାଖୋଲ ବ୍ଲକଗୁଡିକ; ଏବଂ ମୟୂରଭଞ୍ଜ ଜିଲ୍ଲାର ସାସକଣା, କୁଳିଅଣା ଏବଂ ବାଙ୍ଗିରିପୋସି ବ୍ଲକ୍ ରେ ମେଗା ପାଇପ୍ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ ହେବ । ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଛନ୍ତି ଯେ ଏହି ପାଇପ୍ ଜଳ ଯୋଗାଣ ଯୋଜନାର ନିର୍ମାଣ କାର୍ଯ୍ୟ ଚୁକ୍ତିନାମା ଠାରୁ ୨ ବର୍ଷ ମଧ୍ୟରେ ଶେଷ ହେବ ।

# ଆଜି ଘୋଷଣା ହୋଇପାରେ ପଞ୍ଚାୟତ ନିର୍ବାଚନ ତାରିଖ

ଭୁବନେଶ୍ୱର,୧୦/୦୧(ନି.ପ୍ର): ଆସନ୍ତାକାଲି ଘୋଷଣା ହୋଇପାରେ ପଞ୍ଚାୟତ ନିର୍ବାଚନ ତାରିଖ । କାଲି ୧୧ଟା ୩୦ରେ ଘୋଷଣା କରିପାରନ୍ତି ରାଜ୍ୟ ନର୍ବାଚନ କମିଶନ । ଏନେଇ ରାଜ୍ୟପାଳଙ୍କୁ ଭେଟିଛନ୍ତି ନିର୍ବାଚନ କମିଶନ ଆଦିତ୍ୟ ପାଢୀ । ପୋଲିସ ଡିଜି ଓ ପୋଲିସ ବିଭାଗର ଅନ୍ୟ ପଦାଧିକାରୀଙ୍କ ସହ ଆଲୋଚନା କରିଛନ୍ତି ନିର୍ବାଚନ କମିଶନ । କରୋନା ପାଇଁ ପଞ୍ଚାୟତ ନିର୍ବାଚନ ହେବ ନା ନାହିଁ ଯେଉଁ ଚର୍ଚ୍ଚା ଲାଗିଥିଲା, ତାକୁ ନେଇ ସବୁଜ ସଙ୍କେତ ମିଳିପାରେ । ପଞ୍ଚାୟତ ନିର୍ବାଚନ ନେଇ ଆସନ୍ତାକାଲି ତାରିଖ ଘୋଷଣା ସହ କିଛି ବଡ ଘୋଷଣା କରିପାରନ୍ତି ନିର୍ବାଚନ କମିଶନ । ତେବେ ନିର୍ବାଚନ ପାଇଁ କେନ୍ଦ୍ର ମଡେଲ ଆପଣେଇ ପାରେ ଓଡିଶା । କରୋନା କଟକଣା ସହ ନିର୍ବାଚନ



କରିବାକୁ ଗୁରୁତ୍ୱ ଦିଆଯାଇପାରେ । ସେହିପରି ଲୋକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବୁଥ ସଂଖ୍ୟା ମଧ ବଢାଯାଇପାରେ । ଏହାସହ ଭୋଟିଂ ପର୍ଯ୍ୟାୟକୁ ମଧ ବୃଦ୍ଧା କରାଯାଇପାରେ । ସେପଟେ ନିର୍ବାଚନ ଦାୟିତ୍ୱରେ ରହିଥିବା ଅଫିସରମାନଙ୍କ ଟିକାକରଣ ଓ ସେମାନେ କିପରି ସଂକ୍ରମଣରୁ ଦୂରେଇ ରହିବେ ସେଥପ୍ରତି ଅଧିକ ଧ୍ୟାନ ଦିଆଯାଇପାରେ । ଏହାସହ ରାଲି, ଶୋଭାଯାତ୍ରା, ସଭାସମିତି ଉପରେ ମଧ କଟକଣା ଲଗାଯାଇପାରେ । ବୁଥ ଗୁଡିକରେ ସାମାଜିକ ଦୂରତା ରକ୍ଷା କରାଯିବା ସହ ମାସ୍କ ମଧ ବାଧ୍ୟତାମୂଳକ ରହିପାରେ । ତେବେ କରୋନା ମହାମାରୀ ବେଳେ ପଞ୍ଚାୟତ ନିର୍ବାଚନ ନିହାତି ଭାବେ ପୋଲିସ ଓ ପ୍ରଶାସନ ପାଇଁ ବଡ ଚ୍ୟାଲେଞ୍ଜ ହେବ । ସେପଟେ ପଞ୍ଚାୟତ ନିର୍ବାଚନ ପାଇଁ ଆଜି ସର୍ବଦଳୀୟ ବୈଠକ ଡାକି ଆଲୋଚନା କରାଯାଇଛି । ବୈଠକରେ ବିରୋଧୀ ମାନେ ନିର୍ବାଚନକୁ ଘୁଞ୍ଚାଇବାକୁ ଦାବି କରିଥିବାବେଳେ ବିଜେଡି ନିର୍ବାଚନ ସପକ୍ଷରେ ମତ ରଖିଛି । କୋଭିଡ୍ ପାଇଁ ନିର୍ବାଚନକୁ ତିନି ମାସ ଘୁଞ୍ଚାଇବା ପାଇଁ ପ୍ରସ୍ତାବ ଦେଇଛି କଂଗ୍ରେସ । ଏହାସହ ପଛୁଆବର୍ଗଙ୍କୁ ସଂରକ୍ଷଣରୁ ବାଦ ଦେବା ଓ ବିଭିନ୍ନ ଜିଲ୍ଲାରେ ଅନୁସୂଚିତ ଜନଜାତି ବର୍ଗ ଲାଗି ସଂରକ୍ଷଣ ଠିକ୍ ଭାବେ ଦିଆଯାଇନଥିବାରୁ ନିର୍ବାଚନ ସ୍ଥଗିତ ରଖିବାକୁ ଦାବି କରିଛି କଂଗ୍ରେସ । ସେହିପରି ଓବିସିଙ୍କୁ ସଂରକ୍ଷଣରୁ ବାଦ ଦିଆଯିବା ପ୍ରସଙ୍ଗ ଉଠାଇ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ନିର୍ବାଚନ ସ୍ଥଗିତ ରଖିବାକୁ ବିଜେପି ଦାବି କରିଛି । ପେସା ଆଇନ ଲାଗୁ ହେଉଥିବା ଜିଲ୍ଲାରେ ସରପଞ୍ଚ ଓ ସମିତି ସଭ୍ୟ ପଦବୀ ପାଇଁ ଅନୁସୂଚିତ ଜନଜାତି ବର୍ଗଙ୍କୁ ସଂରକ୍ଷଣ ଦେବାକୁ ଦାବି କରିଛି ବିଜେପି ।

## ରାଜ୍ୟର ସବୁ ଜିଲ୍ଲାରେ ଓମିକ୍ରନର ରହିଛି ଉପସ୍ଥିତି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୦/୦୧ (ନି.ପ୍ର): ଓଡିଶାରେ ମୁଖ୍ୟତଃ ୪/୫ ଟି ଜିଲାରେ ଅଧିକା ସଂକ୍ରମଣ ରହୁଛି । ତେବେ ରାଜ୍ୟର ସମସ୍ତ ଜିଲ୍ଲାରେ ଓମିକ୍ରନର ଉପସ୍ଥିତି ରହିଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସେ କହିଛନ୍ତି ଯେ ଦେଶରେ ଓ ରାଜ୍ୟରେ କରୋନା ସଂକ୍ରମଣ ଗ୍ରାଫ ବଢୁଛି । କିଛି ବିଶେଷଜ୍ଞ କହିଛନ୍ତି ଦିଲ୍ଲୀ, ମହାରାଷ୍ଟ୍ରରେ ଜାନୁଆରି ୧୫ ସୁଦ୍ଧା ପିକ ନେବ । ସେହି ଅନୁସାରେ ଆମର ତାର ୧୦ରୁ ୧୫ ଦିନ ଭିତରେ ପିକ୍ ନେବାର ସମ୍ଭାବନା ରହିଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ଏହା ମଧ୍ୟରେ ଟେଷ୍ଟ ସର୍ଭିଲାନ୍ ଓ ଟିକାକରଣକୁ ମଧ ବଢାଯାଇଛି । ଯେଉଁଭଳି ଭାବେ ଏବେ ସଂକ୍ରମଣ ବଢୁଛି ଲୋକ ତାକୁ ହାଲୁକା ଭାବେ ନ ନେଇ ସଜାଗ ହେବା ଆବଶ୍ୟକ । ସ୍ଥିତି ଉପରେ ସରକାର ନଜର ରଖିଥିବା ସେ ପ୍ରକାଶ କରିଛନ୍ତି । ଏପଟେ ଟେଷ୍ଟିଂ କିଟକୁ ନେଇ କଳାବଜାରୀ ବଢୁଥିବାରୁ ଆଇସିଏମଆର ଦ୍ୱାରା ଅନୁବନ୍ଧିତ କିଟରେ ଟେଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ।

## ସାରାଦେଶରେ ଆରମ୍ଭ ହେଲା ବୁଷ୍ଟର ଡୋଜ୍

ନୂଆଦିଲ୍ଲୀ,୧୦/୦୧: ଆଜିଠୁ ସାରା ଦେଶରେ ଆରମ୍ଭ ହୋଇଛି କୋଭିଡ ବିରୋଧୀ ମୁକାବିଲା ପାଇଁ ବୁଷ୍ଟର ବା ପ୍ରିକସନ ଡୋଜ୍ । ସ୍ୱାସ୍ଥ୍ୟକର୍ମୀ, ୬୦ବର୍ଷର ଉର୍ଦ୍ଧ ବରିଷ୍ଠ ନାଗରିକ ଓ ନାନାବିଧ ଶାରୀରିକ ସମସ୍ୟାରେ ଥିବା ବ୍ୟକ୍ତିଙ୍କୁ ଆଜିଠୁ ବୁଷ୍ଟର ଡୋଜ ପ୍ରଦାନ ଆରମ୍ଭ ହୋଇଛି । ଦେଶରେ ମାଡି ମାଡି ଚାଲିଛି କରୋନାର ନୂଆ ନୂଆ ପ୍ରଜାତି । ବର୍ତ୍ତମାନ ଦେଶ ସହ ସାରା ବିଶ୍ୱରେ ଚିନ୍ତା ବଢାଇଛି କରୋନାର ନୂଆ ଭାରିଆଂଟ ଓମିକ୍ରନ । ଦେଶରେ ହୁ ହୁ ହୋଇ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଆଜିଠୁ ଆରମ୍ଭ ହୋଇଛି ବୁଷ୍ଟର ବା ପ୍ରିକସନ ଡୋଜର ଟିକାକରଣ । ସ୍ୱାସ୍ଥ୍ୟ କର୍ମୀ, ଆଗ ଧାଡିର କରୋନା ଯୋଦ୍ଧା ଏବଂ ବିଭିନ୍ନ ରୋଗରେ ପୀଡିତ ୬୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିମାନେ ତୃତୀୟ ଡୋଜ ନେଉଛନ୍ତି । ଏହି ଡୋଜ



ପାଇଁ ନୂଆ ପଂଜିକରଣ କରିବାକୁ ପଡିବ ନାହିଁ । କେବଳ ଆପଏଂଟମେଂଟ ନେଇ ପ୍ରିକସନ ଡୋଜ ନେଇ ହେବ । ତେବେ ଦ୍ୱିତୀୟ ଡୋଜ ଟିକା ନେବାର ୩୯ ସପ୍ତାହ ବିତିଥିବା ଆବଶ୍ୟକ । ବିଭିନ୍ନ ରୋଗରେ ପୀଡିତ ବରିଷ୍ଠ ନାଗରିକମାନେ ଡାକ୍ତରୀ ପରାମର୍ଶ ଅନୁସାରେ ଟିକା ନେବେ । ପୂର୍ବରୁ ଯିଏ ଯେଉଁ ଟିକା ନେଇଥିବେ ଏବେ ପ୍ରିକସନାରୀ ଡୋଜ ଭାବେ ସେହି ଟିକା ନେବେ । ଅର୍ଥାତ୍ ଯିଏ କୋଭାକ୍ସିନର ଦୁଇ ଡୋଜ ଟିକା ନେଇଥିବେ ସେମାନେ ବୁଷ୍ଟର ଡୋଜ ଭାବେ ସେହି କୋଭାକ୍ସିନ ଦିଆଯିବ । ସେହିପରି କୋଭିଶିଲ୍ଡ ନେଇଥିବା ବ୍ୟକ୍ତି ତୃତୀୟ ଡୋଜ ଭାବେ ସେହି କୋଭିଶିଲ୍ଡ ଟିକା ନେବେ । ଶନିବାର ସଂଧ୍ୟାରୁ ଅନ୍ ଲାଇନ ଆପଏଂଟମେଂଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଯେଉଁମାନେ ଅନ୍ ଲାଇନ୍ ଆପଏଂଟମେଂଟ ନେଇନଥିବେ ସେମାନେ ଅନ୍ ସାଇଟ୍ ବା ଟିକାକରଣ କେନ୍ଦ୍ରରେ ଆପଏଂଟମେଂଟ ନେଇ ତୃତୀୟ ଡୋଜ ନେଇପାରିବେ ।

## ପଞ୍ଚାୟତ ନିର୍ବାଚନ ୩ ମାସ ସ୍ଥଗିତ ରଖିବାକୁ ସମସ୍ତ ବିରୋଧୀଙ୍କ ଦାବି

ଭୁବନେଶ୍ୱର,୧୦/୦୧(ନି.ପ୍ର): ପଞ୍ଚାୟତ ନିର୍ବାଚନ ୩ ମାସ ସ୍ଥଗିତ ରଖିବାକୁ ଦାବି କରିଛନ୍ତି ରାଜ୍ୟର ସମସ୍ତ ବିରୋଧୀ ଦଳ । ଆଜି ପଞ୍ଚାୟତ ନିର୍ବାଚନ ନେଇ ନିର୍ବାଚନ କମିଶନ ସର୍ବଦଳୀୟ ବୈଠକ ଡକାଇଥିବା ବେଳେ ଏଥିରେ ସରକାରୀ ଦଳ ବିଜେଡିକୁ ଛାଡ଼ି ଅନ୍ୟ ସମସ୍ତ ଦଳ ନିର୍ବାଚନକୁ ସ୍ଥଗିତ କରିବା ପାଇଁ ଦାବି କରିଛନ୍ତି । କରୋନାର ତୃତୀୟ ଲହର ଚାଲିଥିବାରୁ ନିର୍ବାଚନ ସ୍ଥଗିତ ରଖିବାକୁ ବିରୋଧୀ ଦଳ ▶▶ପୃଷ୍ଠା ୭

## ତୃତୀୟ ଲହରର ମୁକାବିଲା ନେଇ ରାଜ୍ୟଗୁଡିକୁ ଚିଠି ଲେଖିଲେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର,୧୦/୦୧(ନି.ପ୍ର): ରାଜ୍ୟ ଓ ଦେଶର କରୋନା ମିଟର ଉପରମୁହାଁ ରହିଛି । ରାଜ୍ୟରେ ପ୍ରତିଦିନ ବଢ଼ି ଚାଲିଛି ସଂକ୍ରମଣ । ରାଜ୍ୟରେ ଆଜି ୫ହଜାର ପାଖାପାଖି ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ୨୮ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବିଶେଷକରି ଖୋର୍ଦ୍ଧା, ସୁନ୍ଦରଗଡ, ସମ୍ବଲପୁରରେ ସଂକ୍ରମଣ ଦ୍ରୁତ ଗତିରେ ମାଡି ଚାଲିଛି । ସୁନ୍ଦରଗଡ ଓ ସମ୍ବଲପୁରରେ ସଂକ୍ରମଣ ହାର ୨୦ ପ୍ରତିଶତରୁ ଅଧିକ ହୋଇଛି । ଖୋର୍ଦ୍ଧା ଓ ଝାରସୁଗୁଡାରେ ସଂକ୍ରମଣ ହାର ୧୦ ପ୍ରତିଶତ ଉପରେ ରହିଛି । ଯାହାକି ଚିନ୍ତାର ବିଷୟ ହୋଇଛି । ସ୍ଥିତିର ସମୀକ୍ଷା କରିଛନ୍ତି



ମୁଖ୍ୟମନ୍ତ୍ରୀ । ଦେଶରେ ମଧ ସଂକ୍ରମଣ ଉପରମୁହାଁ ରହିଛି । କେମିତି ହେବ ତୃତୀୟ ଲହରର ମୁକାବିଲା ? ରାଜ୍ୟଗୁଡିକୁ ଚିଠି ଲେଖିଲେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ । ହସ୍ପିଟାଲ୍ ବେଡ୍ ପ୍ରସ୍ତୁତ ରଖିବାକୁ ପରାମର୍ଶ । ଦେଶର କରୋନା ମିଟର ଉପରମୁହାଁ ହୋଇଥିବା ବେଳେ କିପରି ଏହାର ମୁକାବିଲା ହେବ, ଏ ନେଇ ଚିଠି ଲେଖିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ । ବେଡ୍ ସଂଖ୍ୟା ବୃଦ୍ଧି, ମେଡିକାଲ ଛାତ୍ର ଓ ଅବସରପ୍ରାପ୍ତ ଡାକ୍ତରଙ୍କୁ ଚିକିତ୍ସା ସେବାରେ ନିୟୋଜିତ କରିବାକୁ ପରାମର୍ଶ ଦେଇଛନ୍ତି ରାଜେଶ ଭୂଷଣ । ▶▶ପୃଷ୍ଠା ୭

## ମୁମ୍ବାଇ ବିମାନବନ୍ଦରରେ ବଡ ଦୁର୍ଘଟଣା



ମୁମ୍ବାଇ,୧୦/୦୧: ମୁମ୍ବାଇ ବମାନବନ୍ଦରରେ ଏକ ବଡ ଅଘଟଣ । ବିମାନ ବନ୍ଦରରେ ଭିତରେ ଏକ ଅଗ୍ନିକାଣ୍ଡ ଦେଖିବାକୁ ମିଳିଛି । ବିମାନ ସାମ୍ନାରେ ଥିବା ଏକ ଗାଡିରେ ନିଆଁ ଲାଗିଯାଇଛି । ଫଳରେ ଗାଡିଟି ହୁ ହୁ ହୋଇ ଜଳୁଥିବା ଦେଖିବାକୁ ମିଳିଛି । ଘଟଣାର ସୁଚନା ପାଇ ଘଟଣା ସ୍ଥଳରେ ପହଂଚି ନିଆ କୁ ଆୟତ୍ତ କରିଛି । କିନ୍ତୁ ସବୁଠୁ ବଡକଥା ହେଲା ସାମ୍ନାରେ ଥିବା ବିମାନ ଭିତରେ ୮୫ ଜଣ ଯାତ୍ରୀ ଥିଲେ । ଯଦି ଠିକ ସମୟରେ ନିଆକୁ ଆୟତ୍ତ କରାଯାଇ ନଥାନ୍ତା ତାହେଲେ ଏକ ବଡ ବିପଦ ସୃଷ୍ଟି ହୋଇଥାନ୍ତା ବୋଲି ଆଶଙ୍କା କରାଯାଉଛି । ଘଟଣାରେ କେହି ମୃତାହତ ହୋଇନଥିବା ସୁଚନା ଜଣାପଡିଛି ।

## ବିଦ୍ୱାନ ବ୍ୟକ୍ତି ହିଁ ନ୍ୟାୟପୂର୍ଣ୍ଣ ଏବଂ ପ୍ରଗତିଶୀଳ ସମାଜ ନିର୍ମାଣ କରିବା ପାଇଁ ଚେଷ୍ଟା କରିଥାଏ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୦/୦୧ (ନି.ପ୍ର): ଜଣେ ବିଦ୍ୱାନ ବ୍ୟକ୍ତି ହିଁ ନ୍ୟାୟପୂର୍ଣ୍ଣ ଏବଂ ପ୍ରଗତିଶୀଳ ସମାଜ ନିର୍ମାଣ କରିବାକୁ ଚେଷ୍ଟା କରିଥାଏ ବୋଲି ସୋମବାର ଡୁନ୍ ସ୍କୁଲ ପକ୍ଷରୁ ଆୟୋଜିତ ୮୨ତମ ଇଣ୍ଡିଆନ ପବ୍ଲିକ୍ ସ୍କୁଲ କନଫରେନ୍ସ (ଆଇପିଏସସି) ପ୍ରିନ୍ସିପାଲ୍ସ କନକ୍ଲେଭରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଷ୍ଟ୍ରୀୟ ଶିକ୍ଷା ନୀତି(୨୦୨୦) ସାମାଜିକ ଏବଂ ଆର୍ଥିକ ଅନଗ୍ରସର ବର୍ଗର ପିଲାମାନଙ୍କୁ ବିଶେଷ ଧ୍ୟାନ ଦେବା ସହ ସର୍ବବ୍ୟାପୀ ଏବଂ ସମାବେଶୀ ଶିକ୍ଷା ଉପରେ




କେନ୍ଦ୍ରୀଭୂତ । ଏକ ଶ୍ରେଣୀଗୃହରେ ସମାନ ପ୍ରକାର ଶିକ୍ଷା ସମସ୍ତଙ୍କୁ ଅସଂଖ୍ୟ ଅନୁଭବ ଏବଂ ଦୃଷ୍ଟିକୋଣରୁ ଲାଭାନ୍ୱିତ କରେ ଏବଂ ଦେଶ ସାମ୍ନାରେ ଆସୁଥିବା ବିଭିନ୍ନ ଆହ୍ୱାନକୁ ବୁଝାଇ ପାରିବାରେ ସକ୍ଷମ ହୋଇଥାଏ । ଶ୍ରୀ ପ୍ରଧାନ ଏହି କନକ୍ଲେଭରେ ଅଂଶଗ୍ରହଣ କରିଥିବା ସମସ୍ତ ସ୍କୁଲକୁ ଆହ୍ୱାନ କରିଛନ୍ତି ଯେ ଆମର ଶ୍ରେଣୀଗୃହ ସମାନ ହେବା ଜରୁରୀ । ଦେଶର ସବୁ ପିଲାଙ୍କୁ ସର୍ବୋତମ ଶିକ୍ଷା ମିଳୁ, ଏହା ସୁନିଶ୍ଚିତ କରିବା ପାଇଁ ଆଉ କ'ଣ କରାଯାଇପାରିବ, ଏହା ଉପରେ ବିଚାରବିମର୍ଷ କରିବା ଦରକାର । ଏକ ବିଦ୍ୱାନ ବ୍ୟକ୍ତି ହିଁ ଭଲ, ନ୍ୟାୟପୂର୍ଣ୍ଣ ଏବଂ ପ୍ରଗତିଶୀଳ ସମାଜର ▶▶ପୃଷ୍ଠା ୭

## ୧୪ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୦/୦୧(ନି.ପ୍ର): ଉତ୍ତର ହରିୟାଣାରୁ ଦକ୍ଷିଣ ପୂର୍ବ ମଧ୍ୟ ପ୍ରଦେଶ ଦେଇ ଏକ ନିମ୍ନ ଚାପ ରେଖା ରହିଛି । ଏହା ପ୍ରଭାବରେ ୧୧ ରୁ ୧୪ ତାରିଖ ମଧ୍ୟରେ ରାଜ୍ୟରେ କିଛି ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ କୁଆପଥର ବର୍ଷା ସହ କିଛି ସ୍ଥାନରେ ପ୍ରବଳ ବର୍ଷାର ( ପ୍ରବଳ ବର୍ଷା: ୬ ରୁ ୧୧ ସେମି ମଧ୍ୟରେ) ସମ୍ଭାବନା ରହିଥିବା ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୦ ଜିଲ୍ଲାରେ କାଳବୈଶାଖୀ ସହିତ ବଜ୍ରପାତ ଆଶଙ୍କା ରହିଛି । ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨ଟି ଶିଳ୍ପ ପ୍ରକଳ୍ପ ଉଦ୍‌ଘାଟିତ, ୧୧ଟିର ଶିଳାନ୍ୟାସ

ଭୁବନେଶ୍ୱର,୧୦/୦୧(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ୨ଟି ଶିଳ୍ପ ପ୍ରକଳ୍ପର ଉଦଘାଟନ କରିଥିବାବେଳେ ୧୧ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏସବୁ ପ୍ରକଳ୍ପରେ ମୋଟ ୨୩୫୯ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଥିବାବେଳେ ୩୨୦୦ ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଉଦଘାଟିତ ହୋଇଥିବା ୨ଟି ଶିଳ୍ପ ପ୍ରକଳ୍ପ ହେଲା ଯାଜପୁର କଳିଙ୍ଗନଗରସ୍ଥିତ ୧.୫ ନିୟୁତ ଟନ କ୍ଷମତା ବିଶିଷ୍ଟ ସିମେଣ୍ଟ ଗ୍ରିଣ୍ଡିଂ ୟୁନିଟ ଓ ବଲାଙ୍ଗୀରଠାରେ ସ୍ୱସ୍ତି ଇକୋୱେୟାରପକ୍ଷରୁ ନିର୍ମିତ ବାୟୋଡିଗ୍ରେଡେବଲ ଟେବୁଲୱେୟାର କାରଖାନା । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ୧୧ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଗୁଡ଼ିକରେ ମୋଟ ୧୯୫୦ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ । ମୋଟ ୧୩ ଟି ଶିଳ୍ପ ପ୍ରକଳ୍ପ ମଧ୍ୟରେ ରହିଛି ଗୋଟିଏ ଲଜିଷ୍ଟିକ୍ ପାର୍କ, ୩ଟି ଇଥାନଲ୍ ପ୍ଲାଣ୍ଟ, ଗୋଟିଏ ଇସ୍ପାତ ପ୍ରକଳ୍ପର ସଂପ୍ରସାରଣ, ଏକ ସିମେଣ୍ଟ ଉତ୍ପାଦନ ୟୁନିଟ୍ ଏବଂ ଅନ୍ୟମାନଙ୍କ ମଧ୍ୟରେ ଏକ ୫-ତାରକା ରିସର୍ଟ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପଗୁଡିକରେ ନିବେଶ କରୁଥିବା କେତେକ ଅଗ୍ରଣୀ କମ୍ପାନୀ ମଧ୍ୟରେ ଟାଟା ଷ୍ଟିଲ୍, ସ୍ୱସ୍ତି ପ୍ରିମିୟମ୍, ଗ୍ରିଣ୍ଟେକ୍ ବାୟୋଏନର୍ଜି ଏବଂ କୋଷ୍ଟାଲ୍ ବାୟୋଟେକ୍ ଅନ୍ତର୍ଭୁକ୍ତ । ଅନ୍ୟପକ୍ଷରେ ଯୋଡ଼ାଠାରେ ଥିବା ଟାଟା ଷ୍ଟିଲର ଲୁହାପଥର ବେନିଫିସିଏସନ ପ୍ଲାଣ୍ଟର କ୍ଷମତାକୁ ୧୨ ନିୟୁତ ଟନରୁ ୧୭.୬ ନିୟୁତ ଟନକୁ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି । ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ପ୍ରକଳ୍ପରେ ଟାଟା ୯୪୬ କୋଟି ନିବେଶ କରିବ ଓ ଏଥିରେ ୮୦୩ ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

## ପଞ୍ଚାୟତ ନିର୍ବାଚନ ବାତିଲ ପାଇଁ ହାଇକୋର୍ଟରେ ମାମଲା

ଭୁବନେଶ୍ୱର,୧୦/୦୧(ନି.ପ୍ର): ପଞ୍ଚାୟତ ନିର୍ବାଚନ ବାତିଲ ପାଇଁ ହାଇକୋର୍ଟରେ ମାମଲା । ହାଇକୋର୍ଟରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଜନସ୍ୱାର୍ଥ ମାମଲା । ରାଜ୍ୟ ନିର୍ବାଚନ କମିଶନ, ମୁଖ୍ୟ ଶାସନ ସଚିବ ପକ୍ଷଭୁକ୍ତ କରାଯାଇଛି । ସେହିଭଳି ଗୃହ ଓ ସହରାଞ୍ଚଳ ବିଭାଗର ପ୍ରମୁଖ ସଚିବ ପକ୍ଷଭୁକ୍ତ ହୋଇଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗର ପ୍ରମୁଖ ସଚିବ ପକ୍ଷଭୁକ୍ତ । ସେପଟେ, ସର୍ବଦଳୀୟ ବୈଠକରେ ପଂଚାୟତ ନିର୍ବାଚନ ଘୁଂଚାଇବାକୁ ଦାବି କରିଛନ୍ତି ବିରୋଧୀ ଦଳ । କରୋନା ଓ ଓବିସି ସଂରକ୍ଷଣ ପ୍ରସଙ୍ଗକୁ ନେଇ ନିର୍ବାଚନକୁ ୩ ମାସ ଘୁଂଚାଇବାକୁ ଦାବି କରିଛନ୍ତି ବିଜେପି ଓ କଂଗ୍ରେସ । ଓବିସିଙ୍କୁ ସଂରକ୍ଷଣରୁ ବାଦ ଦିଆଯିବା ପ୍ରସଙ୍ଗ ଉଠାଇ ଯେ ଯାଏଁ ସମସ୍ୟାର ସମାଧାନ ନ ହୋଇଛି ନିର୍ବାଚନକୁ ସ୍ଥଗିତ ରଖିବାକୁ ବିଜେପି ଦାବି କରିଛି । ଦଳ କହିଛି, ପେସା ଆଇନ ଲାଗୁ ହେଉଥିବା ଜିଲ୍ଲାରେ ମଧ ସଂ ସଂରପଚ ଓ ସମିତି ସଭ୍ୟ ପଦବୀ ପାଇଁ ଅନୁସୂଚିତ ଜନଜାତି ବର୍ଗଙ୍କୁ ସଂରକ୍ଷଣ ଦିଆଯାଇନି । ଭୋଟର ତାଲିକାରେ ତ୍ରୁଟି ରହିଛି ଏଭଳି ୮ ଟି ଦାବି ଉପସ୍ଥାପନ କରିଛି ଦଳ । କଂଗ୍ରେସ ମଧ ନିର୍ବାଚନକୁ ୩ ମାସ ଲାଗି ଘୁଂଚାଇବାକୁ ପ୍ରସ୍ତାବ ଦେଇଛି । ପଛୁଆବର୍ଗଙ୍କୁ ସଂରକ୍ଷଣ ନ ଦେବା ଓ ବିଭିନ୍ନ ଜିଲ୍ଲାରେ ଅନୁସୂଚିତ ଜନଜୋତି ବର୍ଗ ଲାଗି ସଂରକ୍ଷଣ ଠିକ ଭାବେ ଦିଆଯାଇନଥିବାରୁ ନିର୍ବାଚନକୁ ଘୁଂଚାଇବାକୁ ଦାବି କରିଛି । ତେବେ ବିଜେଡି ତୁରନ୍ତ ନିର୍ବାଚନ କରିବାକୁ ଦାବି କରିଛି ବିଜେଡି । କୋଭିଡ ଗାଇଡ ଲାଇନରେ ନିର୍ବାଚନ କିଭଳି ହେବ ତାଙ୍କୁ ଆମେ ସହଯୋଗ କରିବାକୁ ବୋଲି କହିଛି ବିଜେଡି ।

# ବିଦେଇପୁର ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ



ବାସୁଦେବପୁର,୧୦/୧ (ନି.ପ୍ର): ବାସୁଦେବପୁର ବ୍ଲକ ର ବିଦେଇପୁର ସେବା ସମବାୟ ସମିତି ,ବିରସ ରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ଏହି ଉତ୍ସବ ରେ ଅତିଥି ଭାବେ ଯୋଗ ଦେଇଥିଲେ ଆଡ଼ମିନିଷ୍ଟ୍ରେଟର ତାପସ ରାଉତ, ଆର ଏମ ସି ସମ୍ପାଦକ ଶକ୍ତିଧର କାଣ୍ଡି, ଷ୍ଟାଫ ଚିତ୍ତ ରଂଜନ ସାହୁ, ସମ୍ପାଦକ ରତିକାନ୍ତ ରାଉତ, ସରପଞ୍ଚ ଦୟାନିଧି ଦାସ, ନିରଂଜନ ଦାସ ।ଅନ୍ୟ ମାନଙ୍କ ମଧ୍ୟରେ ଶଶାଙ୍କ ସାମନ୍ତ, ତପନ ରାୟ, ନଟ କିଶୋର ନାୟକ, ହରିହର ପଣ୍ଡା, ଅକ୍ଷୟ ମହାନ୍ତି, ନିରାକାର ନିରଂଜନ ପାଣିଗ୍ରାହୀ, ନାୟିକାନିଡ଼ିହି ସମ୍ପାଦକ ନରହରି ମାଝି, ତନ୍ମୟ ମଲ୍ଲିକ, ମାଟିପକା ସମ୍ପାଦକ ଧର୍ମ ନାରାୟଣ ଜେନା ଓ ବିଭିନ୍ନ ଚାଷୀ ମାନେ ଯୋଗ ଦେଇଥିଲେ । ଧାନ କଣ୍ଟା ପୂଜା ହେବା ସହିତ ଧାନ ବସ୍ତା ପୂଜା କରାଯାଇଥିଲା ।

# ଜିଲ୍ଲାରେ ମିଲର୍ସଙ୍କ ଦାଦାଗିରି ରୋକିବା ପାଇ ଜିଲ୍ଲାପାଳଙ୍କ ନିକଟରେ ଦାବି

ଜୟପୁର ,୧୦/୧ (ନି.ପ୍ର): ଉତ୍କଳ ସମ୍ମିଳନି କୋରାପୁଟ ଜିଲା ଶାଖା ତରଫରୁ ଜିଲାପାଳ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଜିଲାରେ ଧାନ ମଣ୍ଡିରେ ମିଲର୍ସ ଙ୍କ ଦାଦାଗିରି ଚାଷିଙ୍କୁ ହୈରାଣ୍ ଓ କଟନ ଛଟନି କରାଯାଉଥିବାରୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ୨୦୨୧-୨୨ ଖରିଫ ଋତୁରେ ସରକାର ଙ୍କ ନିଦ୍ଦେଷକ୍ରମେ ଗତ ୧୫।୧୨।୨୧ ତାରିଖରୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ମଣ୍ଡିରେ ମଲ ମାଲିକ ମାନେ ଲ୍ୟାମ୍ପ, ଆରଏମସି ଏବଂ ଏସଏସଜି ଗ୍ରୁପ ଙ୍କ ଜରିଆରେ ସରକାର ଙ୍କ ତରଫରୁ ଧାନ ଚାଷି ମାନଙ୍କ ଠାରୁ କିଣୁଛନ୍ତି । ଏଥି ନିମନ୍ତେ ତଦାରଖ ସମନ୍ଦେ ଯୋଗାଣ ବିଭାଗ ଓ ପ୍ରଶାସନର ଭୁମିକା ଅତ୍ୟନ୍ତ ଗୁରୁତ୍ୱ ପୁର୍ଣ୍ଣ । ଚାଷି ମାନେ ସବୁ ବେଳେ ଅଭିଯୋଗ କରୁଛନ୍ତି ଯେ ଚଳିତ ଖରିପ ଧାନ ମଣ୍ଡିରେ ଘୋର ଅବ୍ୟବସ୍ଥା ପରିଲକ୍ଷିତ ଦୃଷ୍ଟିକୁ ଆସିଛି । ସରକାର ଙ୍କ ତରଫରୁ ଧାନ କିଣିବା ପାଇଁ ମିଲର୍ସ ମାନଙ୍କୁ ଅନୁମିତି ଦିଆଯାଇଛି । ସେ ମାନେ ନିଜ ନିଜ ମିଲକୁ ଧାନ କିଣି ସରକାରଙ୍କୁ ଚାଉଳ ଆକାରରେ ଯୋଗାଣ କରିବେ । କିନ୍ତୁ ବହୁ ମିଲ ମାଲିକ ସରକାରଙ୍କ ତଥା ପ୍ରଶାସନର ନିଦ୍ଦେଷ ମୁତାବକ କାଯ୍ୟକରି ଆସୁଛନ୍ତି । କିନ୍ତୁ ଅସାଧୁ ଲାଭ ଖୋରି ଏବଂ ଦାୟିତ୍ୱ ହିନ ବ୍ୟବସାୟୀ ମାନେ ତାର ଖିଲାପ କରୁଛନ୍ତି ।

# କେଡିଏମ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ : ଗଙ୍ଗାଧରପୁର ଚମ୍ପିଅନ

ଧର୍ମଶାଳା,୧୦/୧ (ନି.ପ୍ର): ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ଖେଳପଡିଆରେ ଦୀର୍ଘ ଏକ ମାସରୁ ଉର୍ଦ୍ଧ ସମୟ ଧରି ଚାଲିଥିବା ସପ୍ତମ ବାର୍ଷିକ କଳ୍ପତରୁ ଦାସ ମେମୋରିଆଲର କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦଯାପିତ ହୋଇଯାଇଛି । ଧର୍ମଶାଳା ବ୍ଲକ ଜାରକାସ୍ଥିତ ଷ୍ଟାଡିୟମରେ ଅନୁଷ୍ଠିତ ଉଦଯାପନୀ ଦିବସର ଫାଇନାଲ ମ୍ୟାଚରେ ଚୋରମୁହାଁ ଟିମକୁ ୪୩ ରନରେ ପରାସ୍ତ କରି ଗଙ୍ଗାଧରପୁର ଟିମ ଚଳିତ ବର୍ଷ ଚମ୍ପିଅନ ହୋଇଛି । ଗଙ୍ଗାଧରପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୧୭ ରନ କରିଥିଲେ । ଦଳ ପକ୍ଷରୁ ଅମିତୋଷ ନାୟକ ୩୭ ରନ ଓ ଦେବଦତ ସାମଲ ୨୮ ରନ କରିଥିଲେ । ବିପକ୍ଷ ଚୋରମୁହାଁ ଟିମର ବିଜୟ ଦାସ ଓ ସମ୍ବିତ ପ୍ରତମ ୩ଟି ଲେଖାଏଁ ଉଇକେଟ ନେଇଥିଲେ । ଜବାବରେ ଚୋରମୁହାଁ ଟିମ ବ୍ୟାଟିଂ କରି ୧୩.୪ ଓଭରରେ ସମସ୍ତ ଉଇକେଟ ହରାଇ ୭୪ରନ କରି ପରାସ୍ତ ହୋଇଥିଲା । ଦଳ ପକ୍ଷରୁ ସୁର୍ଯ୍ୟକାନ୍ତ ଶତପଥୀ ୨୦ ରନ ଓ ସୁରଜ ବେହେରା ୧୬ ରନ କରିଥିଲେ । ବିପକ୍ଷ ଗଙ୍ଗାଧରପୁର ଟିମର ବୋଲର ପଲବେଶ ମିଶ୍ର ୩ଟି ଓ ହିମାଂଶୁ ବରାଳ ୨ଟି ଉଇକେଟ ନେଇଥିଲେ । ଆଜିର ମ୍ୟାଚକୁ ସୁବ୍ରତ ଜେନା ଓ ଉତ୍ତମ ସାମଲ ପରିଚାଳନା କରିଥିଲେ । କେଡଏମ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ସହ ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ । ଏଥିସହ ମ୍ୟାନ ଅଫ ଦି ମ୍ୟାଚରେ ଅମିତୋଷ ନାୟକ, ପ୍ଲେୟାର ଅଫଦି ଟୁର୍ଣ୍ଣାମେଂଟ ବିଜୟ ଦାସ, ଶ୍ରେଷ୍ଠ ବୋଲର ସୁରେଶ ବେହେରା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ସତ୍ୟପ୍ରକାଶ ଜେନା, ଶ୍ରେଷ୍ଠ ଫିଲଡର ପବିତ୍ର ନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବେଷ୍ଟ ବ୍ୟାଟ୍ସମ୍ୟାନ, ବେଷ୍ଟ ବୋଲର ଓ ବେଷ୍ଟ ପରିଚାଳକଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କୋସଲୀ କଥାନୀ ମାଲାର ଶୁଭ ଉନ୍ମୋଚନ

ନୂଆପଡ଼ା,୧୦/୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଦେଓବାହାଲ ଗ୍ରାମ ଠାରେ ସୁରଜିତ ସିଂ ମହାରଥୀଙ୍କ କୋସଲୀ ବହି କୋସଲୀ କଥାନୀ ମାଲା ରବିବାର ଉନ୍ମୋଚିତ ହୋଇଯାଇଛି । ଉକ୍ତ ପୁସ୍ତକ ଉନ୍ମୋଚନ ଉତ୍ସବରେ ଥିବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରମେଶ ଚନ୍ଦ୍ର ଠାକୁର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଖଡିଆଳ ପାଟଣା କ୍ଷତ୍ରୀୟ ସମାଜର କୁଳପତି ବିଜୟ ସିଂ ମହାରଥା, ମୁଖ୍ୟବକ୍ତା ଭାବରେ କୋସଲରତ୍ନ ସ୍ୱର୍ଗତ ପଣ୍ଡିତ ପ୍ରୟାଗଦତ ଯୋଶୀଙ୍କ ସୁପୁତ୍ର ସିଦ୍ଧାର୍ଥ ଚନ୍ଦ୍ର ଯୋଷୀ, ସମ୍ମାନୀତ ଅତିଥି ଭାବରେ ଖଡିଆଳ ପାଟଣା କ୍ଷତ୍ରୀୟ ସମାଜର ପରାମର୍ଶଦାତା ତଥା ଗାୟତ୍ରୀ ଶକ୍ତିପୀଠ ଚଳନାପଡାର ମୁଖ୍ୟଟ୍ରଷ୍ଟି କେତନ ସିଂ ବାରିକ, ଗାୟତ୍ରୀ ମାତାଙ୍କ ଉପାସକ ଦୟାନିଧି ବାରିକ ଯୋଗଦାନ କରିଥିଲେ । କୋସଲୀ କଥାନୀ ମାଳାର ଲେଖକ ସୁରଜିତ ସିଂ ମହାରଥା କୋସଲୀ ଭାଷା ବିଷୟରେ ସମ୍ୟକ୍ ଧାରଣା ପ୍ରଦାନ କରି ସମସ୍ତେ ଏହି କୋସଲୀ ଭାଷା ଆନ୍ଦୋଳନରେ ସମ୍ପୃକ୍ତ ରହି ଭାଷା ସାହିତ୍ୟର ଉତରୋତର ଉନ୍ନତି ଏବଂ ସରକାରୀ ଭାଷା ସାହିତ୍ୟର ମାନ୍ୟତା ପ୍ରାପ୍ତ କିପରି ହେବ ସେ ବିଷୟରେ ଧ୍ୟାନ ଦେବା ପାଇଁ ଅନୁରୋଧ କରିଥିଲେ । ଏହା ସହିତ ଲେଖକ ଶ୍ରୀ ମହାରଥାଙ୍କ ଆଗରୁ କବିତା ସଂକଳନ ଓ କୋଷଳୀ ଗୀତ ଗଙ୍ଗା ପ୍ରକାଶିତ ହୋଇ ସାରିଛି । ପରେ ଦ୍ୱିତୀୟ ଅଧିବେଶନରେ କୋସଲୀ ଭାଷାର କବୀ ମାନେ ସ୍ୱରଚିତ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମରେ କବିତା ସଂଯୋଜନା ଶିକ୍ଷାବିତ ଉମେଶ ଚନ୍ଦ୍ର କ୍ଷତ୍ରୀ, ଗୋବିନ୍ଦ ପଣ୍ଡା, ପିୟୁଷ ପଣ୍ଡା, ରଣଜିତ ସିଂ ମହାରଥା, ସ୍ମିତା ସିଂ ମହାରଥା, ଅରୁଣ ଯୋଷୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଶତ୍ରୁଜିତ ସିଂ ମହାରଥା ପରିଚାଳନା କରିଥିବା ବେଳେ ସାର୍ଥକ ସିଂ ମହାରଥା, ଶ୍ୱେତା ସିଂ ମହାରଥା, କୁସୁମାଞ୍ଜଳୀ ମହାରଥା, ବେଦମତୀ ମହାରଥା , କୁଂଜଲତା ମହାରଥା ସହଯୋଗ କରିଥିଲେ । ଶେଷରେ ସାର୍ଥକ ସାରଥ ସିଂ ମହାରଥା ଧନ୍ୟବାଦ ଅର୍ପଣ କରିଥିଲେ ।

# ସହରବାସୀଙ୍କୁ କଷ୍ଟଦେଇ ଚାଲିଛି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

ପୁରୀ,୧୦/୧ (ନି.ପ୍ର): ଶ୍ରୀକ୍ଷେତ୍ର ହେବ ବିଶ୍ୱ ଐତିହ୍ୟ ନଗରୀ। ଭାଟିକାନ୍ ସିଟିପରି ଚକାଚକ୍ ହେବ ସହର । ବିଶ୍ୱ ସ୍ତରୀୟ ହେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ । ବିଶ୍ୱ ସ୍ତରୀୟ ହେବ ରଘୁନନ୍ଦନ ଲାଇବ୍ରେରୀ । ବିଶ୍ୱସ୍ତରୀୟ ନାମ ଶୁଣି ଶୁଣି ସହରବାସୀ ହେଲେଣି ଅତିଷ୍ଠ। ସହରବାସୀଙ୍କ ଘରୋଇ ଠାକୁର ହିସାବରେ ଶ୍ରୀମନ୍ଦିର ସହ ସମ୍ପର୍କ ରହିଛି । ଠାକୁରାଣୀଙ୍କ ପାଇଁ ସରପୁଲି ଆଣିବା, ଲଡ୍ଡୁ ମହାପ୍ରସାଦ ଅଣିଲେ ବିବାହ, ବ୍ରତ ଓ ଶୁଭକାର୍ଯ୍ୟ ପାଇଁ ଗୁଆପକା ବନ୍ଧୁଙ୍କ ନିକଟକୁ ପଠାଯିବ । ବିଭିନ୍ନ କାମରେ ମନ୍ଦିର ସହ ସହରବାସୀଙ୍କ ସମ୍ପର୍କ ରହିଛି । ହେଲେ ସୌନ୍ଦର୍ଯ୍ୟକରଣ ନାମରେ ସହରବାସୀ ଅତିଷ୍ଠ ହେଲେଣି । ମରଚିକୋଟ ଛକ ଠାରୁ ମନ୍ଦିର ପର୍ଯ୍ୟନ୍ତ ଚାଲିକରି ଯିବା କଷ୍ଟ ହେଲାଣି । ଦର୍ଶନ ପାଇଁ ବ୍ୟାରିକେଡ଼ରେ ଭକ୍ତଙ୍କ ଲମ୍ବା ଲାଇନ ଦେଖି ସହରବାସୀ ମନ୍ଦିରକୁ ଯିବାକୁ କୁଣ୍ଠାବୋଧ କଲେଣି । ଭକ୍ତମାନେ ମଧ ବିଭିନ୍ନ ସ୍ଥାନରେ ଯାଂଚ୍, ଚପଲ ରଖିବା ପାଇଁ ବିଳମ୍ବ ଯୋଗୁଁ ଅତିଷ୍ଠ ହେଲେଣି । ସହରରେ ଚର୍ଚ୍ଚା ହେଉଛି କାହା ପାଇଁ ଏହି ସୌନ୍ଦର୍ଯ୍ୟକରଣ । ଶ୍ରୀମନ୍ଦିର ଚାରିପଟେ ମଠ ମନ୍ଦିର ଥିବାରୁ ଧାର୍ମିକ ବାତାବରଣ ସୃଷ୍ଟି ହେଉଥିଲା । ଏବେ ଖାଲି ଚପଲ ଷ୍ଟାଣ୍ଡ, ଲାଟିନ୍ ଓ ଗାଡ଼ି ପାର୍କିଂ ହେଉଥିବାରୁ ଆଉ ସେହି ପରିବେଶ ନାହିଁ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୧୦/୧ (ନି.ପ୍ର): ବ୍ରହ୍ମପୁର ଗୋସାଣି ନୂଆଁଗାଁ ସ୍ଥିତ ରାଜୁ ଦଲୁଆ ସାହି ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ତରଫରୁ ସେବା ସପ୍ତାହ ଅବସରରେ ଆଜି ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ ଓ ଡା. ଏ. ବାଳକୃଷ୍ଣ ଯୋଗଦେଇ ରୋଗୀଙ୍କ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ ଆଦି ରୋଗର ପରୀକ୍ଷା କରି ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଡାବର ପ୍ରତିନିଧି ସୁରଜିତ୍ ପାତ୍ର ଏବଂ ଆରଏସଏସର ସଭ୍ୟ ଦଣ୍ଡପାଣି ପାତ୍ର, ନାରାୟଣ ପଣ୍ଡା, ଭଗବାନ ଚୌଧୁରୀ, ଶିବଶଙ୍କର ପାଢ଼ୀ, ପ୍ରଫୁଲ ଚନ୍ଦ୍ର ପାତ୍ର, ଶରତ ଚନ୍ଦ୍ର ପଣ୍ଡା ଓ ପ୍ରକାଶ ଚନ୍ଦ୍ର ପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଟାଙ୍ଗରଯୋଡ଼ାରେ ରକ୍ତଦାନ ଶିବିର : ୩୦ ୟୁନିଟ୍ ରକ୍ତ ସଂଗୃହୀତ

ରାଇରଙ୍ଗପୁର,୧୦/୧ (ନି.ପ୍ର): ରାଇରଙ୍ଗପୁର ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ସଙ୍କଟ ଦେଖାଦେଇଛି । ଏହି ପରିପ୍ରେକ୍ଷୀରେ ଜୁନିୟର ରେଡକ୍ରସ୍, ମୟୁରଭଞ୍ଜ ଶାଖା ଓ ଲଂଚ ଓଇଣ୍ଡୋଜ ଏଜୁକେସନ ଟ୍ରଷ୍ଟର ମିଳିତ ସହଯୋଗରେ ଟାଙ୍ଗରଯୋଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ୍ ୩୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ରାଜ୍ୟ କାଜୁ ନିଗମର ଅଧକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇଥିଲେ ଓ ପ୍ରବଳ ଶୀତର ଲହରୀ ସମୟରେ ଉପାନ୍ତ ଅଂଚଳରେ ରକ୍ତଦାନ ଶିବିରର ଆୟୋଜନ କରି ସଚେତନତା ସୃଷ୍ଟି କରିବାର ଉଦ୍ୟମକୁ ଶ୍ରୀ ଦାସ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଦୀପ୍ତିମାନ ବଳ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି ନିଜେ ରକ୍ତଦାନ କରି 'ରକ୍ତଦାନ ଜୀବନ ଦାନ ବୋଲି ସ୍ଲୋଗାନ ଦେଇଥିଲେ । ଲଂଚ ଓଇଣ୍ଡୋଜ ଏଜୁକେସନ ଟ୍ରଷ୍ଟର ଅଧକ୍ଷ ଦୀପକ କୁମାର ବେହେରା ସମସ୍ତ ପ୍ରକାରର ସହଯୋଗ କରିଥିଲେ । ରାଇରଙ୍ଗପୁର ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ପବିତ୍ର ପ୍ରତ୍ୟୁଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏଲ.ଟି.ଇ. ଦେବବ୍ରତ ଗିରି, ସୁମନ୍ତ ଗିରି, କାମେଶ୍ୱର ମୁଣ୍ଡା ଓ ରଜନୀ ଭରପୁରିଆ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗୃହ କରିଥିଲେ । ସାମ୍ବାଦିକ ତୁଷାର କାନ୍ତ ମହାନ୍ତ, ଅଧିକଥର ରକ୍ତଦାନ କରିଥିବା ରକ୍ତଦାତା ଗତିକୃଷ ମହାନ୍ତ, ଜଗନ୍ନାଥ ପଲେଇ, ଆଶିଷ ଦଳେଇ, ଦେବଦର୍ଶୀ ରଥ, ବନ୍ଧନ ବଳ, ରାଧେଶ୍ୟାମ ପ୍ରଧାନ, ସତ୍ୟଜିତ ଦାସ, ଲିକୁ ଦାସ, ଦେବାଶିଷ ଦଳେଇ, ଦେବ ବ୍ରତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିଲିକାରେ ଡ଼ଲଫିନ ଗଣନା ଆରମ୍ଭ

ଖୋର୍ଦ୍ଧା,୧୦/୧ (ନି.ପ୍ର): ଏସିଆର ବୃହତମ ଲୁଣାହ୍ରଦ ଚିଲିକାରେ ପୂର୍ବବର୍ଷ ପରି ଚଳିତ ବର୍ଷ ଅନୁଷ୍ଠାନିକ ଭାବେ ଆଜି ଡଲଫିନ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ଏ ନେଇ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦିଆଯାଇଥିଲା । ଚିଲିକାରେ ବାଲୁଗାଁ ବନ୍ୟ ପ୍ରାଣୀ ଡିଭିଜନର ସାତପଡା ଓ ବାଲୁଗାଁ ଏହି ୨ଟି ରେଞ୍ଜରେ ଏହି ଡ଼ଲଫିନ ଗଣନା କାର୍ଯ୍ୟ ହେବ । ୨ଟି ରେଞ୍ଜକୁ ୩ଟି ସେକ୍ଟରରେ ବିଭକ୍ତ କରାଯାଇଛି । ୩ଟି ସେକ୍ଟରରେ ୧୮ଟି ଟିମ୍ ନିଯୁକ୍ତ ହୋଇଛନ୍ତି । ପ୍ରତି ଟିମ୍ ରେ ୫ରୁ ୬ ଜଣ ସଦସ୍ୟଙ୍କ ସମେତ ସମେତ ୨ ଜଣ ଡଙ୍ଗା ଚାଳକ ସାମିଲ୍ ହୋଇଛନ୍ତି । ଏ ନେଇ ବାଲୁଗାଁ ବନ୍ୟ ପ୍ରାଣୀ ଡିଭିଜନ୍ କାର୍ଯ୍ୟାଳୟରେ ଟ୍ରେନିଂ ଶିବିର ଅନୁଷ୍ଠିତ ହୋଇଥିଲା । ରବିବାର ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ଗଣନା କାର୍ଯ୍ୟ ମଧ୍ୟାହ୍ନ ୧୨ ଟା ଯାଏ ଚାଲିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି । ଚିଲିକା ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ସାତପଡ଼ା, ବାଲୁଗାଁ ଅଂଚଳରେ ୧୮ଟି ଟିମ୍ ନିୟୋଜିତ ହୋଇଛନ୍ତି ।

# ଶିମିଳିପାଳରେ ନିଆଁ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ

ରାଇରଙ୍ଗପୁର,୧୦/୧ (ନି.ପ୍ର): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଶିମିଳିପାଳକୁ ନିଆଁ ଦାଉରୁ ରକ୍ଷା କରିବା ଉଦ୍ଦେଶ୍ୟରେ ଏନଏସଏସ ତରଫରୁ ଅଧକ୍ଷ ଡାକ୍ତର ପ୍ରଦିପ ମିଶ୍ରଙ୍କ ସଭାପତିତ୍ୱରେ ଏବଂ କାର୍ଯ୍ୟକ୍ରମ ଅଧିକାରି ବିଜୟ କୁମାର ରାମଙ୍କ ଆବାହକତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଅଧକ୍ଷଙ୍କ ଅଫିସ ଠାରୁ କଲେଜ କର୍ମଚାରୀଙ୍କ ସହିତ ସ୍ୱେଚ୍ଛାସେବୀ ଏବଂ ଛାତ୍ରୀମାନଙ୍କ ଏକ ଶୋଭାଯାତ୍ରା ବାହାରି ବିଜ୍ଞାନ ବ୍ଲକ ରେ ପହଂଚିଥିଲା । ସଭାକାର୍ଯ୍ୟରେ ରାଇରଙ୍ଗପୁର ଡିଏଫଓ ନଳିନୀକାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମନୁଷ୍ୟ ଓ ପରିବେଶ ଉପରେ ଭାବନାତ୍ମକ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଏସଟିଆର ନୋର୍ଥ ଯଦୁମଣି କେରକେଟା, ରେଞ୍ଜ ଅଫିସର ସୀତା ମାଝି, ଅନ୍ତର୍ଯ୍ୟାମି ମହାକୁଡ, ବରିଷ୍ଠ ସାମ୍ବାଦିକ ନିଗମାନନ୍ଦ ପଟ୍ଟନାୟକ, ବନପାଳ ସତ୍ୟବ୍ରତ ପଟ୍ଟନାୟକ ଯୋଗଦେଇ ଶିମିଳିପାଳରେ ନିଆଁର ଆତଙ୍କ ଉପରେ ମତବ୍ୟକ୍ତ କରିଥିଲେ । ଶିମିଳିପାଳ ଅଭୟାରଣ୍ୟର ରକ୍ଷା ନିମନ୍ତେ ସ୍ଲୋଗାନ ଦିଆଯାଇଥିଲା । ଉପଜିଲ୍ଲାପାଳ ସରୋଜ କୁମାର ଦାସ, ଏନଏସଏସ ଜିଲ୍ଲା ସଂଯୋଜକ ସ୍ମୃତିରଂଜନ ଦାସ, ସୁଭେନ୍ଦୁ ଦାସଙ୍କ ମାର୍ଗଦର୍ଶନରେ ମାସ୍କ ଏବଂ ସାମାଜିକ ଦୁରତ୍ୱ ସହିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାନିମଣି, ପୁଷ୍ପା, ଆରସୁ, ଯାଶ୍ମି, ଅଞ୍ଜନା, ଦ୍ରୌପଦୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସଭାଶେଷରେ ଅଧାପକ ରାଜେନ୍ଦ୍ର ମଣ୍ଡଳ ତାଙ୍କର ବକ୍ତବ୍ୟ ପ୍ରଦାନ କରି ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ଯାଜପୁର ମିଡିଆ ଏକାଦଶକୁ ପରାସ୍ତ କରି ଧର୍ମଶାଳା ପ୍ରେସ କ୍ଲବ ବିଜୟୀ

ଧର୍ମଶାଳା,୧୦/୧ (ନି.ପ୍ର): ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ସପ୍ତମ ବାର୍ଷିକ କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟରେ ଆଜି ଯାଜପୁର ମିଡିଆ ଏକାଦଶ ଏବଂ ଧର୍ମଶାଳା ପ୍ରେସ କ୍ଲବ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ଯାଜପୁର ମିଡିଆ ଏକାଦଶକୁ ୩୬ରନରେ ପରାସ୍ତ କରି ଧର୍ମଶାଳା ପ୍ରେସ କ୍ଲବ ବିଜୟ ଲାଭ କରିଛି । ଆଜିର ମ୍ୟାଚରେ ପ୍ରଥମେ ଯାଜପୁର ମିଡିଆ ଏକାଦଶ ଟସ ଜିତି ଧର୍ମଶାଳା ପ୍ରେସ କ୍ଲବକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ପ୍ରେସ କ୍ଲବ ପକ୍ଷରୁ ରଶ୍ମିରଂଜନ ରାୟ ଓ ପ୍ରଶାନ୍ତ ଗନ୍ତାୟତଙ୍କ ଓପନିଂ ଯୋଡିର ଉତମ ବ୍ୟାଟିଂ ପ୍ରଦର୍ଶନ ଫଳରେ ନିର୍ଦ୍ଧାରିତ ୧୨ ଓଭରରେ ୨ୱିକେଟ ହରାଇ ଦଳ ୧୪୩ରନ୍ ସଂଗ୍ରହ କରିଥିଲେ । ରଶ୍ମିରଂଜନ ରାୟ ୮୬ରନ ଓ ପ୍ରଶାନ୍ତ ଗନ୍ତାୟତ ୨୬ ରନ୍ ସଂଗ୍ରହ କରିଥିଲେ । ମିଡିଆ ଏକାଦଶ ପକ୍ଷରୁ ବିକ୍ରମ ସାହୁ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ଯାଜପୁର ମିଡିଆ ଏକାଦଶ ନିର୍ଦ୍ଧାରିତ ଓଭରରେ ୪ୱିକଟ ହରାଇ ୧୦୭ରନ କରି ପରାସ୍ତ ହୋଇଥିଲା । ଦଳ ପକ୍ଷରୁ ସଂଜୀବ ନାୟକ ୨୮ ଓ ବିକ୍ରମ ସାହୁ ୨୭ରନ୍ ସଂଗ୍ରହ କରିଥିଲେ । ପ୍ରେସ କ୍ଲବ ପକ୍ଷରୁ ରଶ୍ମିରଂଜନ ରାୟ ୨ଟି, ଅଖିଳ ସ୍ୱାଇଁ ଓ ପ୍ରଶାନ୍ତ ଗନ୍ତାୟତ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଏହି ଖେଳକୁ ଅମୀୟ କୁମାର ପରିଡା ଓ ବିଶ୍ୱଜିତ ପତି ପରିଚାଳନା କରିଥିଲେ । ଏହି ମ୍ୟାଚକୁ ବହୁ କ୍ରୀଡାପ୍ରେମୀ ଉପଭୋଗ କରିଥିଲେ ।

# ଖଡିଆଳଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ନୂଆପଡା ଜିଲ୍ଲାର ମୌଖିକ ସାହିତ୍ୟକୁ ନେଇ ଆଲୋଚନା ଚକ୍ର

ନୂଆପଡ଼ା,୧୦/୧ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ନୂଆପଡା ଜିଲ୍ଲାର ମୌଖିକସାହିତ୍ୟ କୁ ନେଇ ଏକ ଆଲୋଚନା ଚକ୍ର ଖଡିଆଳ ସ୍ଥିତ କଲ୍ୟାଣ ମଣ୍ଡପ ୨ ଠାରେ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀ ସଦସ୍ୟା ଅଧାପୀକା ସୁରେଶ୍ୱରୀ ବାଗ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ମୁଖ୍ୟ ଅତିଥି ଭାବରେ ଖଡିଆଳ ରାଜା ତଥା ବିଶିଷ୍ଟ ଗବେଷକ ଜିତାମିତ୍ର ସିଂ ଦେଓ, ଓଡିଆ ମୌଖିକ ସାହିତ୍ୟ ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଡ. ମହେନ୍ଦ୍ର ମିଶ୍ର ନୂଆପଡା ଜିଲ୍ଲାର ମୌଖିକ ସାହିତ୍ୟ ଉପରେ ଆଲୋକପାତ କରିବା ସହିତ ଲୋକ ମୁଖରେ ବଂଚିଥିବା ସାହିତ୍ୟ ହିଁ ଲିଖିତ ସାହିତ୍ୟ କୁ ପ୍ରେରଣା ଦେଇଥାଏ ବୋଲି ଅବିହିତ କରିଥିଲେ । ମୌଖିକ ସାହିତ୍ୟ କୁ ବଂଚାଇବା ପାଇଁ ସବୁ ପ୍ରକାର ଉଦ୍ୟମର ଆବଶ୍ୟକତା ଉପରେ ସମ୍ମାନୀତ ଅତିଥି ଖଡ଼ିଆଳ ସୟଂଶଅସିତ ମହାବିଦ୍ୟାଳୟରୁ ଅବସର ପ୍ରାପ୍ତ ଡା. ଫଣିନ୍ଦମ ସିଂ ଦେଓ ସମ୍ମାନୀତ ବକ୍ତା ଡା. ପୁଷ୍ପଲତା ରଥ ଗୁରୁତ୍ୱାରୋପ କରିଥିଲେ । ପ୍ରଥମ ଅଧିବେଶନରେ କବି ଗୌରାଙ୍ଗ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ଶିବ ପ୍ରସାଦ ସା ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ସଂଙ୍ଗୀତଜ୍ଞ ନନ୍ଦଲାଲ ବାରିକପ୍ରାରମ୍ଭିକ ସଂଙ୍ଗିତ ପରିବେଷଣ କରିଥିଲେ । ଠିକ ସେହିପରି ଦ୍ୱିତୀୟ ଅଧିବେଶନ ରେ କବି ଗୌରାଙ୍ଗ କୁମାର ସାହୁ, କବୟତ୍ରୀ ମନୋରମା ରଥ ଓ ନିକିତା ମହାଉତି ଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ନୂଆପଡା ଏକାଡେମୀ ସଦସ୍ୟ ଅଧକ୍ଷତା କରିଥିବା ବେଳେ ନିକିତା ମହାଭୁତ ଅତିଥ ପରିଚୟ ପ୍ରଦାନ କରିଥିଲେ । କବି ବୈଷ୍ଣବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଖଡିଆଳ ସାରସ୍ୱତ ସାଧକ ସର୍ଗତ ନଟରାଜ ମହାପାତ୍ର ଏବଂ ଇରଫାନ ମହମ୍ମଦ ଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ୫୦ ଜଣ କବି କବିତା ପାଠ କରିଥିଲେ । କାର୍ଯ୍ୟକ୍ରମରେ କୋଭିଡ ଗାଇଡ ଲାଇନ ଅନୁସାରେ କାର୍ଯ୍ୟକ୍ରମ କରାଯାଇଥିଲା ।

# ବି. ଏନ୍. ହାଇସ୍କୁଲ ୧୯୭୮ ମସିହା ମାଟ୍ରିକ ବ୍ୟାଚର ବୈଠକ

ଘସିପୁରା,୧୦/୧ (ନି.ପ୍ର): ବି. ଏନ୍. ହାଇସ୍କୁଲ ୧୯୭୮ ମସିହା ମାଟ୍ରିକ ବ୍ୟାଚର ଏକ ବୈଠକ ଆଜି ରବିବାର ଦିନ ୧୧ ଘଟିକା ସମୟରେ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହେଇଯାଇଛି ।ଏହି ବୈଠକରେ ବି. ଏନ୍. ହାଇସ୍କୁଲ ର ପ୍ରଧାନଶିକ୍ଷକ ଶ୍ରୀ ଉମାକାନ୍ତ ରାଉତ, ଆନନ୍ଦପୁର କଲେଜ ର ଅଧ୍ୟକ୍ଷ ଶ୍ରୀ ଦୀଲ୍ଲୀପ କୁମାର ଦାଶ, ବିଜେପି ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ) ର ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ, ମଧୁସୁଦନ ମହାନ୍ତି, ଦୀଲ୍ଲୀପ ମହାରଣା, ତପନ କୁମାର ସାହୁ, ତପନ କୁମାର ସିଂ, ପ୍ରଦୀପ କୁମାର ହଜାରୀ, ସୌମେନ୍ଦ୍ର କୁମାର ଜେନା. ଯତୀନ୍ଦ୍ର କୁମାର ଜେନା. ପ୍ରଦୀପ କୁମାର ହଜାରୀ. ହରିହର ରାମ. ପ୍ରାଣବନ୍ଧୁ ସାହୁ. ଦୀନବନ୍ଧୁ ସି, ଇଶ୍ୱର ଖୁଂଟିଆ, ଶରତ କୁମାର ସାହୁ, କୃପାସିନ୍ଧୁ ପଟ୍ଟନାୟକ, ପ୍ରସନ୍ନ କୁମାର ମିଶ୍ର, ଭୀମସେନ ସାହୁ, ଉମାକାନ୍ତ ମିଶ୍ର, ସୁବାଷ ଚନ୍ଦ୍ର ଖଟୁଆ, ବଳରାମ ରାମ, ଅକ୍ଷୟ କୁମାର ପାଢ଼ୀ, ଙ୍କ ସମେତ ବହୁ ୧୯୭୮ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ର ମାନେ ଯୋଗ ଦେଇଥିଲେ । ଆସନ୍ତା ଜାନୁଆରୀ ୨୩ ତାରିଖ ଦିନ ୧୯୭୮ ମାଟ୍ରିକ ବ୍ୟାଚ୍ ର ପରିବାର ବଂଧୁ ମିଳନ କାର୍ଯ୍ୟକ୍ରମ କୁ କୋଭିଡି ପାଇଁ ବଂନ୍ଦ କରାଗଲା । ଉକ୍ତ କାର୍ଯ୍ୟକ୍ରମ କୁ ଫୋବୃଆରୀ ୨୭ ତାରିଖ ରେ କରାଯିବା ପାଇଁ ବୈଠକରେ ନିଷ୍ପତି ହୋଇଛି ।

# ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଉଦଯାପିତ

ନୂଆପଡା,୧୦/୧ (ନି.ପ୍ର): କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଗଣିତ ବିଭାଗର ଅଧାପକ ଡଃ.ହରେକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ଚିଚେର ଗ୍ରାମରେ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରର ବ୍ୟବସ୍ଥାପକ ଭାବରେ ଓଡ଼ିଆ ବିଭାଗର ଅଧାପକ ଡ଼କ୍ଟର ସୁରଞ୍ଜନ ପ୍ରଧାନ ଥିବାବେଳେ ମୁଖ୍ୟ ଅତିଥି ଭାବରେ ଇଂରାଜୀ ବିଭାଗର ଅଧାପକ ଡଃ.ଅଶ୍ୱିନୀ କୁମାର ପାଢ଼ୀ,ସ୍ୱାଗତ ଭାଷଣ ଦେଇଥିଲେ ହିନ୍ଦୀ ବିଭାଗର ଅଧାପକ ଡ଼କ୍ଟର ଶୁଭରାନଶିସ ବାରିକ ସମ୍ମାନିତ ଅତିଥି ସୁନୀଲ କୁମାର ପାଢ଼ୀ , ମୁଖ୍ୟବକ୍ତା ଡ଼କ୍ଟର ତରୁଣ କୁମାର ପ୍ରଧାନ ଏଥି ସହିତ ଅଧାପକ ଧ୍ରୁବଚରଣ ପାତ୍ର ଏବଂ ଚିତ୍ତରଞ୍ଜନ ଜେନାଙ୍କ ସମେତ ଜାତୀୟ ସେବା ଯୋଜନାର କର୍ମୀମାନେ ନିଜର ମତାମତ ଦେଇଥିଲେ ।

# ୨ ବାଇକ୍ ଲୁଟେରା ଗିରଫ : ୧୬ ବାଇକ୍ ଜବତ

ଗଞ୍ଜାମ,୧୦/୧ (ନି.ପ୍ର): ବ୍ରହ୍ମପୁର ସଦର ପୋଲିସ ହାତରେ ଧରାପଡିଛନ୍ତି ଦୁଇ ଦୁର୍ଦ୍ଧାନ୍ତ ବାଇକ୍ ଲୁଟେରା । ବିଭିନ୍ନ ସ୍ଥାନରୁ ମୋଟର ସାଇକେଲ ଚୋରି କରି ଗୋଳାବନ୍ଧ ଠାରେ ଥିବା ଏକ ଗ୍ୟାରେଜରେ ଚାଲିଥିଲା ଗାଡିର ନମ୍ବର ସହ ଇଞ୍ଜିନ ଅଦଳ ବଦଳ କାରବାର । ଏହିଭଳି ୨ ଜଣ ବାଇକ୍ ଲୁଟେରାଙ୍କୁ ବ୍ରହ୍ମପୁର ସଦର ପୋଲିସ ଗିରଫ କରିଛି । ଦୁଇ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ସଦର ପୋଲିସ ଥାନା ଅନ୍ତର୍ଗତ କାଇଁପଦର ଗ୍ରାମର ମୃତ ଅବଦୁଲ ହବିବ ଖାଁନଙ୍କ ପୁତ୍ର ଗୋଲମ ହୁସନ ଖାଁନ ଓରଫ ଅପୁ (୪୩) ଓ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲୋଚାପଡା ସ୍ଥିତ ବାସୁଦେବ ନଗର ୭ମ ଗଳିର ଲକ୍ଷ୍ମଣ ବେହେରାଙ୍କ ପୁତ୍ର ଲିଲୁ ବେହେରା (୨୨) । ସେମାନଙ୍କ ଠାରୁ ୧୬ଟି ବାଇକ୍ ଜବତ ହୋଇଛି ।

ଖବର ଅନୁସାରେ ଗତକାଲି ବ୍ରହ୍ମପୁର ସଦର ଥାନାଧିକାରୀଙ୍କ ନେତୃତ୍ୱରେ ସେହି ଥାନା ଅନ୍ତର୍ଗତ ଲୋଚାପଡା ଅଂଚଳରେ ପୋଲିସର ଯାଂଚ୍ ଚାଲିଥିବା ବେଳେ ଏକ ଟିଭିଏସ୍ ଆପାଚି ବାଇକରେ ଯାଉଥିବା ଖୋର୍ଦ୍ଧା ସଦର ଥାନା ଅଂଚଳରେ ଗୋଲାମ ହୁସେନ ଖାନ ଓ ବ୍ରହ୍ମପୁର ସଦର ଥାନା ଅଂଚଳର ଲିଲୁ ବେହେରା ନାମକ ୨ଜଣ ଅଭିଯୁକ୍ତ ଗିରଫ କରି ଥାନାକୁ ଅଣାଯାଇଥିଲା । ପରେ ଉକ୍ତ ୨ ଅଭିଯୁକ୍ତଙ୍କୁ ଥାନାରେ ପଚରାଉଚରା କରିବା ସମୟରେ ସେମାନେ ବିଭିନ୍ନ ସ୍ଥାନରୁ ୧୬ଗୋଟି ବିଭିନ୍ନ କମ୍ପାନୀର ବାଇକ୍ ଚୋରି କରିଥିବା କହିଛନ୍ତି । ଅଭିଯୁକ୍ତଙ୍କ ତଥ୍ୟକୁ ଆଧାର କରି ସଦର ପୋଲିସ ସମସ୍ତ ଗାଡିକୁ ଜବତ କରିବା ସହ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ସଦର ଥାନା ଏସଡିପିଓ ଶିବ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି ।

## ଥାଇରଏଡ୍ ଗ୍ଲାଣ୍ଡ ପାଇଁ ଉପକାରୀ

**ଗଳାର ସିଓ୍ୱ ଏବଂ ଟି୧ ମଧ୍ୟରେ ଥାଇରଏଡ ଗ୍ଲାଣ୍ଡ ରହିଛି । ଏଥିରୁ କ୍ଷରଣ ହେଉଥିବା ହରମୋନ ମଣିଷର ସ୍ୱାସ୍ଥ୍ୟ ଉପରେ ବିଶେଷ ପ୍ରଭାବ ପକାଇଥାଏ । ତେଣୁ ଥାଇରଏଡ ଗ୍ଲାଣ୍ଡ ସଠିକ୍ ଭାବେ କାର୍ଯ୍ୟକରୁଥିବା ନିହାତି ଜରୁରୀ । ଏହି ସହଜ ବ୍ୟାୟାମ ଥାଇରଏଡ୍ ଗ୍ଲାଣ୍ଡ ପାଇଁ ଖୁବ୍ ଉପକାରୀ ହେବ ।**




### ପ୍ରକ୍ରିୟା:

ଚଟାଣରେ ଏକ ମୋଟା ଚାଦର ବା କମ୍ବଳ ପକାଇ ଏହା ଉପରେ ଦୁଇଟି ଲମ୍ବା ତକିଆ ଇଂରାଜୀ ଅକ୍ଷର 'ଟି' ଆକାରରେ ରଖନ୍ତୁ ।

ତକିଆ ପଛକୁ ଏକ ଚୌକି ରଖି ଏହା ଉପରେ ଏକ ଚଦର କିମ୍ବା କମ୍ବଳ ଭାଙ୍ଗି ରଖିଦେବେ । ଚୌକି ଯେପରୀ ଖସି ନଯାଏ । ପଦ୍ମାସନ ମୁଦ୍ରାରେ




ଲମ୍ବ ଭାବେ ପଡ଼ିଥିବା ତକିଆର ଏକ ପାର୍ଶ୍ୱରେ ବସନ୍ତୁ ।

ଏବେ ଧୀରେଧୀରେ ତକିଆ ଉପରେ ଶରୀରକୁ ଲମ୍ବାଇଦେବେ ।

ମୁଣ୍ଡ ତଳକୁ ରହିବା ସହ ଦୁଇ ହାତ ତକିଆର ଦୁଇପଟେ ରହୁଥିବ ।

ଧୀରେଧୀରେ ଶରୀରକୁ ,ପରି ଉଠାଇବେ ଯେପରି ଗୋଡ଼ଦୁଇଟି ବୁଲି ଚୌକି ଉପରେ ରହିବ ।

ଏହି ସମୟରେ କାନ୍ଧ ଲମ୍ବା ତକିଆ ଉପରେ ରହିଥିବ ଏବଂ ବେକ ଉପରେ ଅଧିକ ଚାପ ପଡୁନଥିବା ଜରୁରୀ ।

ଶରୀରକୁ ସଳଖ ରଖିବା ସହ ବାହୁ ଆରାମଦାୟକ ସ୍ଥିତିରେ ରଖନ୍ତୁ ।

ତଳିପେଟୀକୁ ସକ୍ରିୟ କରି ଶ୍ୱାସଗ୍ରହଣ କରି ୫ମିନିଟ୍ ଏହି ଅବସ୍ଥାରେ ରହିବେ ।

ପାପୁଲିକୁ ଚାପ ଦେବା ସହ ଧୀରେଧୀରେ ସାମାନ୍ୟ ହୁଅନ୍ତୁ । ବସିରହି ୧ମିନିଟ୍ ବିଶ୍ରାମ ନେବା ପରେ ଉଠିବେ ।

### ଦ୍ୱିତୀୟ ପ୍ରକ୍ରିୟା:

ତକିଆ ଉପରେ ପଦ୍ମାସନ ମୁଦ୍ରାରେ ବସନ୍ତୁ ।

ସମ୍ମୁଖରେ ଏକ ଚୌକି ଏବଂ ଏହା ଉପରେ ଚାଦର ଭାଙ୍ଗି ରଖିବେ ।

ଧୀରେଧୀରେ ଆଗକୁ ନଇଁ କପାଳ ଚୌକି ଉପରେ ରଖିବେ । ଏହି ସମୟରେ ସମ୍ପୂର୍ଣ ମେରୁଦଣ୍ଡ ଷ୍ଟ୍ରେଚ ହୋଇପାରିବା ଭଳି ଦୂରତାରେ ଚୌକି ରହିଥିବା ତଳିପେଟ ସାହାୟତାରେ ଶ୍ୱାସ ଗ୍ରହଣ କରି ୫ମିନିଟ୍ ଏହି ଅବସ୍ଥାରେ ରହିବେ ଏବଂ ଧୀରେଧୀରେ ନିଜକୁ ସାମାନ୍ୟ ସ୍ଥିତିକୁ ଫେରାଇ ଆଣିବେ ।

## ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି

ଅଣ୍ଟାବ୍ୟଥା ଏବେ ପ୍ରାୟ ପ୍ରତ୍ୟେକଙ୍କୁ ଆକ୍ରାନ୍ତ କରୁଥିବା ବେଳେ ଏହାର ମୁଖ୍ୟତଃ ଦୁଇଟି କାରଣ ରହିଛି । ଆଗକୁ ନଇଁ ଭାରି ଜିନିଷ ଉଠାଉଥିବା ବେଳେ ମେରୁଦଣ୍ଡ ଦୁଇପାଖରେ ସକଅବଜର୍ଭର ଭାବେ କାମ କରୁଥିବା ଡିସ୍କ ଖସିଯାଏ । ଏହାକୁ କହନ୍ତି ସ୍ଲିପ୍ ଡିସ୍କ । ଅନ୍ୟ ଏକ ସମସ୍ୟାରେ ବୟସ ବଢ଼ିଲେ ମେରୁଦଣ୍ଡ କେନାଲର ବ୍ୟାସାର୍ଦ୍ଧ, ଧୀରେଧୀରେ କମିଯାଏ ଓ ସୁଷୁମ୍ନାକାଣ୍ଡକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାରୁ ଗୋଡ଼ ପର୍ଯ୍ୟନ୍ତ ବିନ୍ଧେ । ଗୋଡ଼ ଝିମଝିମ ହୋଇ କାଲୁଆ ପଡ଼ିଯାଏ । ଚାଲିଲାବେଳେ ଗୋଡ଼ ବାନ୍ଧିରଖେ ଓ ଚାଲିବାର ଦୂରତା କମିଆସେ । ବେଳେବେଳେ ମଳମୂତ୍ର ତ୍ୟାଗର ବେଗ ଉପରେ ନିୟନ୍ତ୍ରଣ ରହେନାହିଁ । ଏହାକୁ ସିଆଟିକା ମଧ କହନ୍ତି । ଏବେ ଏସବୁ ସମସ୍ୟାର ଚିକିତ୍ସା ଅତ୍ୟାଧୁନିକ ଏଣ୍ଡୋସ୍ପାଇନ ସାହାଯ୍ୟରେ କରାଯାଇପାରୁଛି । ଏଥିରେ ଅସ୍ତ୍ରୋପଚାରୀ କରାଗଲେ ମଧ ଷ୍ଟିଚ ଦରକାର ହୁଏନି ।




ଏହି ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନଟ୍ ମଧ୍ୟରେ ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନିଟ୍ ମଧ୍ୟରେ ଅସ୍ତ୍ରୋପଚାର ଶେଷ ହେବା ସହ ମାତ୍ର ୧୦ମିଲି ରକ୍ତ କ୍ଷୟ ହୁଏ । ଅସ୍ତ୍ରୋପଚାରର ଦୁଇଘଣ୍ଟା ପରେ ରୋଗୀ ଚାଲିପାରେ । ହସପିଟାଲରେ ଦୁଇ ଦିନ ରହିବାକୁ



ପଡ଼େ ଏବଂ ସାତଦିନ ମଧ୍ୟରେ ରୋଗୀ କାମରେ ଯୋଗଦେଇପାରନ୍ତି । ଏହି ଅସ୍ତ୍ରୋପଚାର ସମୟରେ ସୁଷୁମ୍ନାକାଣ୍ଡରୁ ବାହାରିଥିବା ସ୍ନାୟୁକୁ ଅଲଗା କରି ରଖିବା ଲାଗି ସ୍ୱତନ୍ତ୍ର ଭାବେ ଏକ ଯନ୍ତ୍ର ରହିଛି । ଏହା ଏକ ଅତି ସୂକ୍ଷ୍ମ ଟେଲିସ୍କୋପିକ ଯନ୍ତ୍ର ଭଳି ଆଗରୁ ଅସ୍ତ୍ରୋପଚାର ବେଳେ କେତେକ କ୍ଷେତ୍ରରେ ରକ୍ତମାଂସ ମଝିରେ ରହିଥିବା ସରୁସ୍ନାୟୁ କାଟି ହୋଇଯାଉଥିଲା । ଫଳରେ ରୋଗୀଙ୍କ ପାଦ ଝୁଲିପଡ଼େ ,ବଂ ପରାଲିସିସ୍ ହେବାର ଆଶଙ୍କା ଦେଖାଯାଏ । ଏହାକୁ ଫୁଟ୍‌ଡ୍ରପ୍ ବୋଲି କହଂନ୍ତି ଏବେ ଅତ୍ୟାଧୁନିକ ଯନ୍ତ୍ରରେ ଅସ୍ତ୍ରେପଚାର ଦ୍ୱାରା ଏହି ଆଶଙ୍କା ଏଡାଯାଇପାରିଛି । ଏଥିସହିତ ସେଣ୍ଟ୍ରାଲଡିସ୍କ ପାରାସେଣ୍ଟ୍ରାଲ ହିସ୍କ ଲାଟେଲାଲ ଡିସ୍କ, ଫାରାଲାଟେରାଲ ଡିସ୍କ ଏବଂ ଫୋରାମିନାଲ ଡିସ୍କ ଆଦି ରୋଗ ସହଜରେ ଚିକିତ୍ସା କରାଯାଇପାରୁଛି । ଏହି ଯନ୍ତ୍ର ଦ୍ୱାରା ବାମ ପାଖରେ ପଶି ଡାହାଣ ପାଖକୁ ଭିତରେ ଭିତରେ ଯାଇ ଲାମିନା ବା ଫେସେଟ୍ ବୟସଜନିତ ହାଡ଼ର ଅଧିକ ବୃଦ୍ଧି ହାଇପରଟ୍ରଫ୍ ଲିଗାମେଣ୍ଟକୁ ମଧ ସଫା କରିହୁଏ ।

ଏହି ଅସ୍ତ୍ରୋପଚାର ସାଧାରଣ ଅସ୍ତ୍ରୋପଚାରଠାରୁ କମ ସମୟ ଓ କମ ଖର୍ଚ୍ଚରେ ହୋଇଥାଏ । ଓଡ଼ିଶାର ସ୍ୱନାମଧନ୍ୟ ଅର୍ଥୋସ୍କୋପିକ ସର୍ଜନ ଡା. ପି.ସି. ସେ ୧୨ବର୍ଷ ତଳେ ଫ୍ରାନ୍ସର ଡାକ୍ତରଜିନ୍ ଡେସଟାଣ୍ଟୁଙ୍କଠାରୁ ଶିକ୍ଷାଲାଭ କରି ୧୬୦୦ରୁ ଅଧିକ ରୋଗୀଙ୍କୁ ଆରୋଗ୍ୟ କରିପାରିଛନ୍ତି ।

## କେଶରେ ଚିନିର ପ୍ରୟୋଗ





ଘନ କେଶ ପ୍ରତି ପ୍ରତ୍ୟେକ ଯୁବତୀ ତଥା ମହିଳାଙ୍କ ଅହେତୁକ ଦୁର୍ବଳତା ରହିଛି । ସୁନ୍ଦର କେଶ ନିମନ୍ତେ ବିଭିନ୍ନ ପ୍ରକାର ଘରୋଇ ଉପଚାର କରିବା ଉଚିତ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ । ବଜାରରେ ଉପଲବ୍ଧ ଅର୍ଗାନିକ୍ ଶାମ୍ପୁ ନଚେତ ଘରୋଇ ଉପାୟରେ ତିଆରି ଶ୍ୟାମ୍ପୁର ପ୍ରୟୋଗ କେଶରେ କରିବା ଉଚିତ । ତେବେ ଆମ ରୋଷେଇଘରେ ବ୍ୟବହୃତ ହେଉଥିବା ଚିନିକୁ ମଧ କେଶ ଚର୍ଚ୍ଚାରେ ପ୍ରୟୋଗ କରିହେବ । ମେହେନ୍ଦୀ ପ୍ୟାକରେ ଅଧ ଚାମଚ ଚିନି ଗୁଣ୍ଡର ପ୍ରୟୋଗ କରି ତାହାକୁ କେଶରେ ଲଗାଇବେ । କେଶର ଘନତ୍ୱ ବଢ଼ିଥାଏ । କେଶରେ ଶ୍ୟାମ୍ପୁ କଲାବେଳେ ଶ୍ୟାମ୍ପୁ କେଶରେ ଲଗାଇବା ପୂର୍ବରୁ ଗୁଣ୍ଡ ଚିନି ଚିମୁଟାଏ ଶ୍ୟାମ୍ପୁରେ ମିଶାଇ କେଶ ସଫା କରନ୍ତୁ । ନିଜେ ହିଁ ଫରକ ଜାଣିପାରିବେ । ତେବେ ହର୍ବାଲ ଶ୍ୟାମ୍ପୁ ଏଥିପାଇଁ ବ୍ୟବହାର କରିବା ଉଚିତ । ଖରାଦିନରେ କେଶରେ ଅଧିକ ଧୂଳି ଜମିବା ସହ ଝାଳ ମଧ ହୋଇଥାଏ । ତେବେ ଏଥିରୁ ରକ୍ଷା ପାଇବା ପାଇଁ ନିଜ ଶ୍ୟାମ୍ପୁରେ ଗୁଣ୍ଡ ଚିନିର ବ୍ୟବହାର କରନ୍ତୁ।

## ମଶାଠାରୁ ଶିଶୁଙ୍କ ସୁରକ୍ଷା

ମଶା କାମୁଡ଼ିଲେ ଡେଙ୍ଗୁ, ମେଲେରିଆ ପରି ମାରାତ୍ମକ ରୋଗ ହୋଇଥାଏ ଅନେକ ସମୟରେ ଏଗୁଡ଼ିକ ଜୀବନ ପ୍ରତି ବିପଦ ପାଲଟିଯାନ୍ତି । ଯେକୌଣସି ରୋଗ ହେଲେ ବି ଏହା ଶିଶୁଙ୍କୁ ଶୀଘ୍ର ଆକ୍ରାନ୍ତ କରେ । ଏବେ ବର୍ଷା ଏବଂ ପ୍ରଦୂଷଣ ଯୋଗୁ ମଶାଙ୍କ ସମସ୍ୟା ଆହୁରି ବଢ଼ିଯାଇଛି । ତେଣୁ ଘରେ ଶିଶୁ ଥିଲେ ସେମାନଙ୍କର ବିଶେଷ ଯତ୍ନ ନେବାକୁ ହୁଏ । ରାସାୟନିକ ମଶାମରା ଉପାୟ ଶିଶୁଙ୍କ ପାଇଁ କ୍ଷତିକାରକ ହୋଇପାରେ । ସେଥିପାଇଁ ପ୍ରାକୃତିକ ଉପାୟ ଆପଣାଇବା ଉଚିତ । କିଛି କର୍ପୂର ଜଳାଇଲେ ଏହା ଧୂଆଁରେ ମଶା ଆପେଆପେ ପଳାଇବେ । ଷ୍ଟାଣ୍ଡରେ ଜଳାଇଲେ କର୍ପୂର ଅଧିକ ସମୟ ଜଳିଥାଏ ।

ମଶା କଡ଼ା ବାସ୍ନାରେ ରହିପାରନ୍ତି ନାହିଁ । ପିଆଜ, ରସୁଣ ଭଲ ଭାବେ ବାଟି ଏହାର ରସ ପାଣିରେ ମିଶାଇ ଏକ ସ୍ପ୍ରେ ବୋତଲରେ ଭରି ଘରସାରା ଛିଞ୍ଚି ଦିଅନ୍ତୁ । କିଛି ସମୟ ମଧ୍ୟରେ ମଶା ପଳାଇବେ ।

ନିମ ତେଲରେ ଦୀପ ଜଳାଇଲେ ବି ମଶା ହେବେନାହିଁ । ସୋରିଷ ତେଲରେ ଜୁଆଣି ଗୁଣ୍ଡ ପକାଇ ଜଳାଇଲେ ଏହି ଧୂଆଁରେ ମଶା ପଳାଇବେ ।

ଯଦି ରାସାୟନିକ ମଶା ନିବାରକ ବ୍ୟବହାର କରିବାକୁ ବାଧ ତେବେବେ ଅତି ଛୋଟ ଶିଶୁଙ୍କ ଲାଗି ଏଥିରେ ଡିଇଇଟି, ପିକାରିଡିନ ଆଦି ନଥିବା ନିହାତି ଆବଶ୍ୟକ । ସବୁଠାରୁ ଭଲ ଉପାୟ ହେଉଛି ଶିଶୁଙ୍କୁ ମଶାରିରେ ଶୁଆଇବା ଏବଂ ଘର ସଫା ରଖିବା ।




## ପୋଷାକରୁ ଦୁର୍ଗନ୍ଧ ଦୂରେଇବାର ଉପାୟ

**ବର୍ଷାଦିନେ ଏକ ପ୍ରମୁଖ ସମସ୍ୟା ହେଉଛି କପଡ଼ା ଓ ପୋଷାକପତ୍ରରୁ ଦୁର୍ଗନ୍ଧ ବାହାରିବା । ଘର ଭିତରେ କପଡ଼ା ଶୁଖାଇଲେ ଏଇ ସମସ୍ୟା ଅଧିକ ଉପୁଜିଥାଏ । ତେବେ ଏଥିରୁ ରକ୍ଷା ପାଇବାର ସରଳ ଘରୋଇ ଉପାୟମାନ ଅଛି । ଯେପରି:**



ଭିନେଗାରକୁ ବ୍ୟବହାର କରି କପଡ଼ା ଦୁର୍ଗନ୍ଧରୁ ରକ୍ଷା ପାଇହେବ। କପଡ଼ାକୁ ଭଲଭାବେ ଧୋଇସାରିବା ପରେ ଏକ ବାଲଟି ପାଣିରେ ୨ବଡ଼ ଚାମଚ ଭିନେଗାର ମିଶାଇ ଭଲଭାବେ ଫେଣ୍ଟିନେବେ । ଏବେ ସେଥିରେ କପଡ଼ାକୁ ୧୦ମିନିଟ୍ ପାଇଁ ଭିଜାଇ ପରେ ଚୁପୁଡ଼ି ଶୁଖାଇଦିଅନ୍ତୁ । ଦେଖିବେ, କପଡ଼ାରୁ ଦୁର୍ଗନ୍ଧ ପୂର୍ବ ପରି ବାହାରିବନି ।

ଲେମ୍ବୁ ବ୍ୟବହାର କରି ମଧ କପଡ଼ା ଗନ୍ଧକୁ ଦୂରେଇପାରିବେ । ପୂର୍ବ ଭଳି ପୋଷାକପତ୍ର ଧୋଇସାରିବା ପରେ ବାଲଟିଏ ପାଣିରେ ଗୋଟିଏ ଲେମ୍ବୁ ଚୁପୁଡ଼ି ପରେ କପଡ଼ାକୁ ସେଥିରେ ଭିଜାଇ ରଖନ୍ତୁ। କିଛି ସମୟ ପରେ କପଡ଼ାକୁ ଧୋଇ ଶୁଖାଇନେବେ । ଠାକୁର ଘରର ଧୂପ ମଧ ଏଥିରେ ଖୁବ୍ କାମରେ ଆସେ । କପଡ଼ା ଶୁଖାଉଥିବା ସ୍ଥାନରେ କୌଣସି ଏକ କୋଣରେ ଧୂପ ଲଗାଇଦିଅନ୍ତୁ। ଧୂପରୀ ବାସ୍ନାରେୀ କପଡ଼ାର ଦୁର୍ଗନ୍ଧ ହୋଇନଥାଏ । ଏଇ କାମ କଲାବେଳେ କିନ୍ତୁ ସତର୍କତା ଦୁର୍ଗନ୍ଧ ହୋଇନଥାଏ ।




## ଆଜମା ଓ ସିଓପିଡି



ଆଜମାକୁ ଡାକ୍ତରୀ ଭାଷାରେ ବ୍ରୋଙ୍କିଆଲ ଆଜମା ଏବଂ ସଡ଼ିଶାରେ ଶ୍ୱାସରୋଗ କୁହାଯାଏ । ଏହି ରୋଗରେ ଶ୍ୱାସନଳୀରେ ପ୍ରଦାହ ସୃଷ୍ଟି ହୋଇ ଏହା ଆପେକ୍ଷିକ ଭାବେ ସରୁ ହୋଇଯାଏ । ତେଣୁ ଛାତି ରୁନ୍ଧିଲା ଭଳି ଲାଗେ, ଅଧିକ ଶ୍ୱାସ କଷ୍ଟ ଥିଲେ ପେଲା ଉଠେ । ଛାତି ଭିତରକୁ ପବନ ଯାଇପାରେ ନାହିଁ। ଆଜମା ଚିକିତ୍ସା ଆଜିକାଲି ବହୁତ ସହଜ ହୋଇଗଲାଣି । ଇନ ହେଲର ଓ ନେବୁଲାଇଜର ଦ୍ୱାରା ଚିକିତ୍ସାରେ ଏହାକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇପାରୁଛି । ଇନ ହେଲରଗୁଡ଼ିକ ହେଲେ ସାଲବୁଟାମଲ, ଫରମେଟରଲ ସାଲମେଟ୍ରଲ, ଟାଓ ଟ୍ରୋପିଅମ ଇତ୍ୟାଦି । ନେବୁଲାଇଜର ଭାବେ ଇପ୍ରାଟ୍ରୋପିଅମ, ଲିଭୋ ସାଲବୁଟୋମଲ ଏବଂ ଫ୍ଲୁଟିକାଜୋନ ବ୍ୟବହାର କରାଯାଏ । ସାଧାରଣ ଆଜମାରେ ପ୍ରଦାହ କମାଇବା ପାଇଁ ଆଣ୍ଟି ବାୟୋଟିକ , ବ୍ରୋଙ୍କୋଡାଇଲେଟର ବଟିକା, ଶ୍ୱାସ ଔଷଧ ଓ ଇଞ୍ଜେକସନ ଦସିଆଯାଏ କିନ୍ତୁ ଇନ ହେଲର ଚିକିତ୍ସା ସବୋତ୍ତମ । ଏଥିରେ ଥିବା 'ଷ୍ଟିରଏଡ' ଶରୀରର କୌଣସି କ୍ଷତି କରେ ନାହିଁ ।

ସିଓପିଡ଼ି ଅନ୍ୟ ଏକ ପ୍ରକାର ଧଇଁପେଲା ରୋଗ । ଏହାର ମୁଖ୍ୟ କାରଣ ବଷ ବର୍ଷ ଧରି ବିଡ଼ି, ସିଗାରେଟ୍, ଗଞ୍ଜେଇ ଧୂଆଁ ପିଇବା ଏବଂ ସ୍ତ୍ରୀ ଲୋକମାନଙ୍କୁ କ୍ଷେତ୍ରରେ ଘଷି, କଞ୍ଚାକାଠ, ପତ୍ର ଜାଳି ଅଧିକ ଧୂଆଁ ସୃଷ୍ଟି କରି ରୋଷେଇ କରିବା ଓ ବର୍ଷବର୍ଷ ଧରି ସେହି ଧୂଆଁ ଶ୍ୱାସକ୍ରିୟାରେ ଗ୍ରହଣ କରିବା । ସିଓପିଡିର ପୂରାନାମ କ୍ରନିକ୍ ଅବଷ୍ଟ୍ରକ୍ଟିଭ ପଲମୋନାରୀ ଡିଜିଜ୍ । ଏହା ଫୁସଫୁସର ଏକ ଜଟିଳ ରୋଗ। ଏଥିରେ ଶ୍ୱାସନଳୀ ସରୁ ହୋଇ ପ୍ରଶ୍ୱାସରେ ଫୁସଫୁସ କୋଠରିମାନଙ୍କରେ ପବନ ପଶେ, କିନ୍ତୁ ନିଃଶ୍ୱାସରେ ବାହାରିପାରେ ନାହିଁ । ଏଥିପାଇଁ ଫୁସଫୁସବେଲୁନ ଫୁଲା ପରି ସବୁବେଳେ ଫୁଲିରହେ । ସାଧାରଣ ଷ୍ଟିରଏଡ୍ ହରମୋନ ଇନହେଲର ଶ୍ୱାସ ଭଳି ସିସପିଡି ରୋଗରେ ବିଶେଷ ଉପକାର କରିପାରେ ନାହିଁ ।

ସିଓପିଡି ମୁଖ୍ୟତଃ ଚାଳିଶ ବର୍ଷ ପରେ ହୋଇଥାଏ । ଏହି ରୋଗରେ କାଶ କଫ ଦୀର୍ଘ ଦିନ ଲାଗି ରହେ । ସକାଳୁ ପୁଳାପୁଳା ଖଙ୍କାର ବାହାରେ । ଖଙ୍କାରରେ ଜୀବାଣୁ ସଂକ୍ରମର ହେଲେ ବଡ଼ବଡ଼ ନୀଳ ମାଛି ଆସି ବସନ୍ତି, କିନ୍ତୁ ଶ୍ୱାସ ଭଳି ଏହା ମଧ ସଂକ୍ରାମକ ହେଲେ ରୋଗ ନୁହେଁ । ରୋଗ ବଢ଼ିଲେ ନିଃଶ୍ୱାସ ନେବା କଷ୍ଟ ହୁଏ, ଓଜନ କମିଯାଏ, ଦୁର୍ବଳ ଲାଗେ । ପାଇରୋମିଟରେ ଯନ୍ତ୍ରରେ ଏହା ପରୀକ୍ଷା କରାଗଲେ, ଆଜମାଠାରୁ ଏହାର ପାର୍ଥକ୍ୟ ଧରାପଡ଼େ ଏବଂ ସଘନ ଚିକିତ୍ସା କରାଯାଏ । ଏହି ରୋଗରେ ମୃତ୍ୟୁସଂଖ୍ୟା ଅଧିକ । ଏଭଳି ରୋଗୀ ସାରା ଜୀବନ ଧୂମପାନରୁ ବିରତ ରହିବା ଆବଶ୍ୟକ । କଳକାରଖାନାରେ କାମ କରୁଥିବାବେଳେ ବିଭିନ୍ନ ରାସାୟନିକ ପଦାର୍ଥର ଗୁଣ୍ଡ ଯେପରି ଫୁସଫୁସରେ ନ ପଶେ ସେଥିପାଇଁ ଧ୍ୟାନ ଦେବା ଆବଶ୍ୟକ ।

ବିଶେଷଜ୍ଞଙ୍କ ଚିକିତ୍ସା ଅନୁସାରେ ଔଷଧ ଇନହେଲର




ନେବୁଲାଇଜର ଠିକଠିକ୍ ନେବା ଉଚିତ । ଏହି ରୋଗର ଭଲ ଚିକିତ୍ସା ପାଇଁ ଇଣ୍ଡିକାଟେରଲ ଟ୍ରାଓ ଟ୍ରୋପ୍ରିଅମ ଇନହେଲର ଓ ରୋଫ୍ଲୁମିଲାଷ୍ଟ ଭଳି ଔଷଧ ଅଧିକ ଉପକାର କରିଥାଏ । କେତେକ ରୋଗୀଙ୍କଠାରେ ଆଜମା ଓ ସିଓପିଡି ମିଶି ଥିବାରୁ ଏହାକୁ ଆଜମା ସିଓପିଡି ଓଭରଲାପ୍ କୁହାଯାଏ। ଏହାକୁ ଛାତିରୋଗ ବିଶେଷଜ୍ଞମାନେ ସ୍ପାଇରୋମେଟ୍ରିନ ସିଟିସ୍କାନ, ଏକ୍ସରେ ଇନହେଲର ମାଧ୍ୟମରେ ପରୀକ୍ଷା କରି ଏବଂ ଧୂମପାନର ଇତିହାସରୁ ଜାଣି ତୁରନ୍ତ ଚିକିତ୍ସା କରିଥାନ୍ତି ।




## ମୃତ୍ୟୁ ପରେ ହେବେ ଗଛ

ଏବ ବିଦେଶୀ କମ୍ପାନୀ ବିଶ୍ୱବାସୀଙ୍କୁ ଖୁବ୍ ଶୀଘ୍ର ଏକ ଉନ୍ନତ ତଥା ଉତ୍ତମ ଉପହାର ଦେବାକୁ ଯୋଜନା କରିଛି । ୧୫ଜଣ ଗବେଷକଙ୍କ ସହାୟତାରେ ଅତ୍ୟାଧୁନିକ ପାତ୍ର ନିର୍ମାଣ କରାଯାଇଛି । ଗବେଷକଙ୍କ କହିବା ଅନୁସାରେ, ମୃତ୍ୟୁ ପରେ ମଧ ଜଣେ ମନୁଷ୍ୟଗଛଟିଏ ହୋଇପାରିବ ଓ ପୃଥିବୀପୃଷ୍ଠକୁ ଶୀତଳ ରଖିପାରିବ । ବ୍ୟସ୍ତବହୁଳ ଜୀବନରେ ଅନ୍ୟକୁ ସାହାଯ୍ୟ କରିପାରୁନଥିବା ମନୁଷ୍ୟ ମୃତ୍ୟୁ ପରେ କିନ୍ତୁ ଗଛଟିଏ ହୋଇ ଅନ୍ୟର କାମରେ ଆସିପାରିବ । ଗବେକେ ନିର୍ମାଣକରିଥିବା ପାତ୍ରରେ ଉପରି ଭାଗରେ କୌଣସି ଏକ ବୃକ୍ଷର ମଞ୍ଜି ରହିବାବେଳେ ତଳ ଭାଗରେ ମନୁଷ୍ୟର ଅସ୍ଥି ରହିବ । ପାତ୍ରକୁ ଏଭଳି ଭାବରେ ପ୍ରସ୍ତୁତ କରାଯାଇଛି ଯେ ସମୟ ଅତିକ୍ରାନ୍ତେ ତାହା ଚାରା ହୋଇ ପରବର୍ତ୍ତୀ ସମୟରେ ଏକ ବୃକ୍ଷ ହେବ । ଯେଉଁ ବ୍ୟକ୍ତି ମୃତ୍ୟୁ ପରେ ଗଛ ହେବାକୁ ସ୍ଥିର କରିବେ, ସେମାନଙ୍କ ପାଇଁ ୭ଟି ବିଭିନ୍ନ ଗଛର ମଞ୍ଜି ମନୋନୟନ ପାଇଁ ବ୍ୟବସ୍ଥା ରହିଛି । ନିଜ ଗବେଷଣାରେ ସଫଳ ହେବା ପରେ ଗବେକେଗଣ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ୨୦ହଜାର ବ୍ୟକ୍ତିଙ୍କୁ ଏହି ଗଛ ପାତ୍ର ଦେଇଛନ୍ତି । ଗୋଟିଏ ଗଛ ପାତ୍ରର ମୂଲ୍ୟ ୧୨ ହଜାର ଟଙ୍କା ଧାର୍ଯ୍ୟ ହୋଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଏକ ବର୍ଷରେ ବାଇଡେନ୍...

ଆଉ ମାତ୍ର ଅଳ୍ପ କେତେଟା ଦିନ ପରେ ଆମେରିକୀୟ ରାଷ୍ଟ୍ରପତି ଭାବରେ ଜୋ ବାଇଡେନ୍ ଏକ ବର୍ଷ ଶେଷ କରିବେ। ଗତବର୍ଷ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ପରେ ବିଦାୟୀ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ନିଜର ହାର ମାନିବାକୁ କି ଗାଦି ଛାଡ଼ିବାକୁ ପ୍ରସ୍ତୁତ ନଥିଲେ; ଜାନୁଆରୀ ୬ ତାରିଖରେ ତାଙ୍କ ସମର୍ଥକମାନେ କ୍ୟାପିଟଲ୍ ହିଲ୍‌ରେ ଯେଉଁ ଧରଣର ହଙ୍ଗାମା ସୃଷ୍ଟି କରିଥିଲେ, ତାହା ଏଯାଏଁ ବି ଅନେକେ ଭୁଲି ନଥିବେ। ନିକଟରେ ତାଙ୍କର ଏକ ଦୃପ୍ତ ଭାଷଣ ଜରିଆରେ ବାଇଡେନ୍ ସେସହି ଦିନକୁ ମନେ ପକାଇ ଦେଇ କହିଛନ୍ତି, 'ଗଣତନ୍ତ୍ରର ତଣ୍ଟିରେ କାହାକୁ ତେଣ୍ଟା ମାରିବାକୁ ମୁଁ ସୁଯୋଗ ଦେବିନାହିଁ।' ୨୫୦ବର୍ଷ ଧରି ମୁକ୍ତିର ସ୍ୱାଦ ଚାଖି ଆସିଥିବା ଏହି ରାଷ୍ଟ୍ରର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଭୂଲୁଣ୍ଠିତ ହେବାକୁ ନଦେବା ଉଦ୍ଦେଶ୍ୟରେ ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିବା ମହାମନୀଷୀମାନଙ୍କ ପ୍ରତିମୂର୍ତ୍ତି ମଝିରେ ଠିଆହୋଇ ତାଙ୍କର ଏହି ବାର୍ତ୍ତା ପ୍ରଦାନ ଅବଶ୍ୟ ଗଣତନ୍ତ୍ର ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ସୂଚାଏ। ତେବେ ତାଙ୍କ କାର୍ଯ୍ୟକାଳର ବିଗତ ବାର ମାସ ଭିତରେ ବାଇଡେନ୍‌ଙ୍କ ଲୋକପ୍ରିୟତା ହାରେ ହ୍ରାସ ନୂଆ ଶିଖରକୁ ଛୁଇଁବାକୁ ଯାଉଛି। ଗତ ସପ୍ତାହରେ ପ୍ରକାଶିତ ଏକ ନୂତନ ମତଦାନ ଫଳାଫଳ ଦର୍ଶାଇଛି ଯେ ୫୬ ପ୍ରତିଶତ ଆମେରିକୀୟ ରାଷ୍ଟ୍ରପତି ଭାବରେ ତାଙ୍କର କାର୍ଯ୍ୟ ସମ୍ପାଦନରେ ଅସନ୍ତୁଷ୍ଟ। ଏପରି ହେବାର କାରଣ, ଏକ ବନ୍ଦ ହୋଇଯାଇଥିବା ଅର୍ଥନୀତିକୁ ଆରମ୍ଭ କରିବା ନିମନ୍ତେ ସେ ନେଇଥିବା ପଦକ୍ଷେପ ଏବଂ କୋଭିଡ୍-୧୯ ମହାମାରୀ ସଂକ୍ରମିତ ଆମେରିକୀୟମାନଙ୍କ ସଂଖ୍ୟାରେ ରେକର୍ଡ ପରିମାଣର ବୃଦ୍ଧି ଲୋକମାନଙ୍କ ଅସନ୍ତୋଷର ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ତଥାପି, ତାଙ୍କୁ ସମାଲୋଚନା କରିବାକୁ ରିପବ୍ଲିକାନ୍‌ମାନେ ସେମାନଙ୍କର ଅସ୍ତ୍ର ସଜ କରୁଥିବାବେଳେ ବାଇଡେନ୍ ତାଙ୍କ ନିଜ ଡେମୋକ୍ରାଟିକ୍ ଦଳ ଭିତରେ ଦେଖା ଦେଇଥିବା ଫାଟକୁ ନେଇ ଅଧିକ ଚିନ୍ତିତ ରହିବେ। ନିଜ ଦଳରେ ବାଇଡେନ୍ ଗୋଟିଏ ପଟେ ବାମପନ୍ଥୀମାନଙ୍କ ପକ୍ଷରୁ ଘୋର ଚାପର ସମ୍ମୁଖୀନ ହେଉଥିବାବେଳେ ପ୍ରାଚୀନ ମଧ୍ୟମପନ୍ଥୀମାନେ ତାଙ୍କର କେତେଗୁଡ଼ିଏ ଉଚ୍ଚାକାଂକ୍ଷୀ ଯୋଜନାକୁ କାର୍ଯ୍ୟକାରୀ କରାଇବା ପଥରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ପୂର୍ବସୂରୀ ଡୋନାଲଡ୍ ଟ୍ରମ୍ପଙ୍କ ସମୟରୁ ଗଡ଼ି ଆସୁଥିବା ପ୍ରବାସୀମାନଙ୍କ ସମ୍ପର୍କିତ କେତେକ ନୀତି ବା ଇମିଗ୍ରେସନ୍ ପଲିସି ଉପରେ ତାଙ୍କର ଆସ୍ଥା ରଖିବା ମାନବାଧିକାର ନିମନ୍ତେ କାର୍ଯ୍ୟ କରୁଥିବା ଗୋଷ୍ଠୀମାନଙ୍କ ତରଫରୁ ତଥା ଅନେକ ସଂଖ୍ୟକ ଡେମୋକ୍ରାଟ୍‌ମାନଙ୍କ ପକ୍ଷରୁ କଟୁ ସମାଲୋଚନାର ଶିକାର ହୋଇଛି। ସେହିପରି ଭୋଟ୍ ଦାନ ଅଧିକାରକୁ ସୀମିତ ରଖିବାକୁ ରିପବ୍ଲିକାନ୍‌ମାନେ କରୁଥିବା ଉଦ୍ୟମକୁ ପଣ୍ଡ କରିବା ନିମନ୍ତେ ସଂଘୀୟ ଆଇନରେ ପରିବର୍ତ୍ତନ ଆଣିବା କ୍ଷେତ୍ରରେ ତାଙ୍କ ବିଫଳତା ତାଙ୍କର ଅନେକ ସମର୍ଥକଙ୍କୁ ନିରାଶ କରିଛି, ଯଦିଓ ନିର୍ବାଚନ ଫଳାଫଳକୁ ବଦଳାଇବାକୁ ନେଇ ଜାନୁଆରୀ ୬ ତାରିଖରେ ଟ୍ରମ୍ପଙ୍କ ସମର୍ଥକମାନେ କ୍ୟାପିଟାଲ ହିଲ୍‌ରେ କରିଥିବା ଭଙ୍ଗାରୁଜା ଇତ୍ୟାଦିର ସ୍ମରଣ ଉପଲକ୍ଷେ ଆମେରିକା ସେହି ଦିବସକୁ ଗଣତନ୍ତ୍ରର କଣ୍ଠରୋଧ ଦିବସ ପାଳନ କରିଛି। ପୁନଶ୍ଚ, ଆଫଗାନିସ୍ତାନରୁ ଯେଉଁଭଳି ଭାବରେ ତାର ସେନାବାହିନୀକୁ ପ୍ରତ୍ୟାହାର କରିନେଲା, ତାହା କେବଳ ରିପବ୍ଲିକାନ୍‌ମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିନାହିଁ, ଯେଉଁ ରିପବ୍ଲିକାନ୍‌ମାନେ ଅନୁଭବ କରୁଛନ୍ତି ଯେ ଆମେରିକା ସାଧାରଣ ଆଫଗାନବାସୀଙ୍କୁ ଏକ ସୁସ୍ଥ ଗଣତନ୍ତ୍ର ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲା ଏବଂ ସେଥିରୁ ଓହରି ଯାଉଛି, ତାହା ସେମାନଙ୍କୁ ବାଇଡେନ୍‌ଙ୍କ ଉପରେ ଅସନ୍ତୋଷ ପ୍ରକଟ କରିବାର ସୁଯୋଗ ପ୍ରଦାନ କରିଛି। ଏସବୁ ବ୍ୟତୀତ ବାଇଡେନ୍ ମଧ୍ୟ ନ୍ୟୁୟର୍କ କଂଗ୍ରେସ ମହିଳା ଓକାସିଓ-କୋର୍ଟେଜ୍‌ଙ୍କ ଭଳି ପ୍ରଗତିଶୀଳ ଯୁବ ବର୍ଗଙ୍କ ପକ୍ଷରୁ କେତେକ ଦାବିର ଚାପକୁ ଅନୁଭବ କରୁଥିବା ସ୍ପଷ୍ଟ ହୁଏ। ସେମାନେ କଂଗ୍ରେସରେ ଅଟକି ରହିଥିବା ରାଷ୍ଟ୍ରପତିଙ୍କ ୨.୨ ବିଲିଅନ୍ ଡଲାର ମୂଲ୍ୟର ବିଲ୍ଡ ବ୍ୟାକ୍ ବେଟର ବିଲ୍‌କୁ ବାଇଡେନ୍ ତାଙ୍କ କାର୍ଯ୍ୟନିର୍ବାହୀ କ୍ଷମତା ବଳରେ ପାରିତ କରାନ୍ତୁ ବୋଲି ଚାହୁଁଛନ୍ତି। ଫ୍ରାଙ୍କଲିନ୍ ଡି. ରୁଜ୍‌ଭେଲ୍ଟଙ୍କ ରାଷ୍ଟ୍ରପତିତ୍ୱର ଆଠ ଦଶନ୍ଧି ପରେ ବାଇଡେନଙ୍କ ଭଳି କୌଣସି ଆମେରିକୀୟ ପ୍ରଶାସନ ଏତେ ବାମପନ୍ଥୀ ଆଭିମୁଖ୍ୟ ପ୍ରଦର୍ଶନ କରି ନଥିଲେ ସୁଦ୍ଧା ବାଇଡେନ୍ ଲୋକମାନଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ଅସମର୍ଥ ହୋଇଥିବା ଅନୁଭବ କରୁଛନ୍ତି ଅଧିକାଂଶ ଆମେରିକାବାସୀ।

# ପାନାମା ପାରାଡାଇଜ ପରେ ପେଣ୍ଡୋରା



ଗୋପାଳ ମହାପାତ୍ର

ସଂସଦର ଶୀତ ଅଧିବେଶନରେ ସରକାର କହିଥିଲେ ଯେ ପାନାମା ତଥା ପାରାଡାଇଜ ପେପର ଲିକ୍ ମାମଲାରେ ଭାରତର ୯୩୦ଟି ସଂସ୍ଥା ନାମରେ ୨୦ ହଜାର ୩୫୩ କୋଟି ଟଙ୍କାର ଅଘୋଷିତ ଜମାରାଶି କଥା ଜଣାପଡ଼ିଛି । ଅମିତାଭ ବଚ୍ଚନଙ୍କ ପରିବାରର ନାମ ମଧ୍ୟ ଏଥିରେ ରହିଛି ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏ ବାବଦରେ ତଦନ୍ତ କରୁଛି । ଇଣ୍ଟରନ୍ୟାସନାଲ କନସୋର୍ଟିୟମ ଅଫ ଇନଭେଷ୍ଟିଗେଟିଭ ଜର୍ଣ୍ଣାଲିଷ୍ଟସ (ଆଇସିଆଇଜେ) ପକ୍ଷରୁ ପାନାମା ତଥା ପାରାଡାଇଜ ପେପର ସମ୍ପର୍କିତ ତଥ୍ୟ ପ୍ରକାଶ ପାଇବା ପରେ ଏ ବାବଦରେ ତଦନ୍ତ ଚାଲିଛି । ତଦନ୍ତରୁ ୧୧ ହଜାର ୧୦ କୋଟି ଟଙ୍କାରୁ ଅଧିକ ଟଙ୍କା ବାବଦରେ ଜଣାପଡିଛି । ବଚ୍ଚନ ପରିବାରର ବୋହୂ ଐଶ୍ୱର୍ଯ୍ୟା ରାୟଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଡିସେମ୍ବର ୨୦ ତାରିଖରେ ପଚରା ଉଚୁରା କରିଛନ୍ତି । ପାନାମା ଓ ପାରାଡାଇଜ ପେପର ସମ୍ପର୍କିତ ତଥ୍ୟ ଲିକ୍ ହେବା ପରେ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଦ୍ୱାରା ଏ ବାବଦରେ ତଦନ୍ତ ଚାଲିଥିବାବେଳେ ୨୦୨୧ ଅକ୍ଟୋବର ମାସରେ ପେଣ୍ଡୋରା ପେପର୍ସ ବାବଦରେ ଜଣାପଡ଼ିଛି ଓ ଏ ବାବଦରେ ଏବେ ତଦନ୍ତ ଚାଲିଲାଣି । କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି)ର ମୁଖ୍ୟ ଜେବି ମହାପାତ୍ରଙ୍କ ଅଧକ୍ଷତାରେ ଗଠନ କରାଯାଇଥିବା କମିଟିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ରିଜର୍ଭ ବ୍ୟାଙ୍କ ଏବଂ ଆର୍ଥିକ ଇଣ୍ଟେଲିଜେନ୍ସୀ ୟୁନିଟ୍‌ର ଅଧିକାରୀମାନେ ମିଳିତ ଭାବେ ଏ ବାବଦରେ ତଦନ୍ତ କରୁଛନ୍ତି ।

ଇଣ୍ଟରନ୍ୟାସନାଲ୍ କନସୋର୍ଟିୟମ ଅଫ ଇନଭେଷ୍ଟିଗେଟିଭ ଜର୍ଣ୍ଣାଲିଷ୍ଟସ ଦ୍ୱାରା ୨୦୨୧ ଅକ୍ଟୋବରର ପ୍ରଥମ ସପ୍ତାହରେ ପ୍ରକାଶିତ ପେଣ୍ଡୋରା ପେପରସ ୧୧୭ଟି ଦେଶର ୬୦୦ ଜଣ ଇନଭେଷ୍ଟିଗେଟିଭ ଜର୍ଣ୍ଣାଲିଷ୍ଟ (ସାମ୍ବାଦିକ)ମାନଙ୍କ ସହାୟତାରେ ପ୍ରସ୍ତୁତ କରାଯାଇଛି । ଏହି ପେଣ୍ଡୋରା ପେପର୍ସର ତଥ୍ୟ ଅନୁସାରେ ଭାରତ ସମେତ ବିଶ୍ୱର ଶତାଧିକ ଦେଶର ବଡ଼ ବଡ଼ ନେତା, ଧନକୁବେର ଏବଂ ବିଶିଷ୍ଟ ଲୋକମାନେ ଗୋପନୀୟ ଭାବେ ସେମାନଙ୍କର କଳାଧନକୁ ନିବେଶ କରିଛନ୍ତି । ବ୍ରିଟିଶ ଭର୍ଜିନ ଆଇଲ୍ୟାଣ୍ଡ, ସେସେଲସ, ହଂକଂ ଏବଂ ବେଲିଜିୟମ ଆଦି ଦେଶରେ ଏ ସବୁ ଲୋକମାନେ ସେମାନଙ୍କ ଅର୍ଥକୁ ଜମା କରିଛନ୍ତି । ପେଣ୍ଡୋରା ପେପର୍ସରେ ୩୦୦ରୁ ଅଧିକ ଭାରତୀୟଙ୍କ ନାମ ରହିଛି । ଏ ସବୁ ନାମ ମଧ୍ୟରେ

> ପାନାମା ଓ ପାରାଡାଇଜ ପେପର ସମ୍ପର୍କିତ ତଥ୍ୟ ଲିକ୍ ହେବା ପରେ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଦ୍ୱାରା ଏ ବାବଦରେ ତଦନ୍ତ ଚାଲିଥିବାବେଳେ ୨୦୨୧ ଅକ୍ଟୋବର ମାସରେ ପେଣ୍ଡୋରା ପେପର୍ସ ବାବଦରେ ଜଣାପଡ଼ିଛି ଓ ଏ ବାବଦରେ ଏବେ ତଦନ୍ତ ଚାଲିଲାଣି । କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି)ର ମୁଖ୍ୟ ଜେବି ମହାପାତ୍ରଙ୍କ ଅଧକ୍ଷତାରେ ଗଠନ କରାଯାଇଥିବା କମିଟିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ରିଜର୍ଭ ବ୍ୟାଙ୍କ ଏବଂ ଆର୍ଥିକ ଇଣ୍ଟେଲିଜେନ୍ସୀ ୟୁନିଟ୍‌ର ଅଧିକାରୀମାନେ ମିଳିତ ଭାବେ ଏ ବାବଦରେ ତଦନ୍ତ କରୁଛନ୍ତି ।

ଅନୀଲ ଅମ୍ବାନୀ, ବିନୋଦ ଆଦାନୀ, ସଚିନ ତେନ୍ଦୁଲକର, ଜ୍ୟାକି ସରାଫ, କରଣ ମଜୁମଦାର, ନୀରା ରାଡିଆ, ସତୀଶ ଶର୍ମା ଆଦିଙ୍କ ନାମ ସାମିଲ।

୨୦୧୭ ମସିହାରେ ଯେଉଁ ପାରାଡାଇଜ ପେପର୍ସ ଲିକ୍ ହୋଇଥିଲା ସେଥିରେ ଲକ୍ଷଲକ୍ଷ ଋଣ ବୁଝାମଣା, ବିତ୍ତୀୟ ବିବରଣୀ ଟ୍ରଷ୍ଟଡିଡ ପ୍ରଭୃତି କଥା ଜଣାପଡ଼ିଥିଲା । ପାରାଡାଇଜ ପେପର୍ସରେ ୭୧୪ ଜଣ ଭାରତୀୟଙ୍କ ନାମ ଥିଲା । ଏଥିପୂର୍ବରୁ ୨୦୧୬ରେ ପାନାମା ପେପର୍ସ କଥା ଜଣାପଡ଼ିଥିଲା । ପାନାମା ପେପର୍ସରେ ୧ କୋଟି ୧୫ ଲକ୍ଷ ସମ୍ବେଦନଶୀଳ ବିତ୍ତୀୟ ଦସ୍ତାବିଜ କଥା ଉଲ୍ଲେଖ ଥିଲା । ପାନାମା ପେପର୍ସରେ ୫୦୦ ଭାରତୀୟଙ୍କ ନାମ ଥିଲା । ଏ ସବୁ କଥାରୁ ଜଣାପଡୁଛି ଯେ ବିଶ୍ୱର ଶକ୍ତିଶାଳୀ ଲୋକମାନେ କେମିତି ଟିକସ ଫାଙ୍କିବା ପାଇଁ ଟାକ୍ସ ହେଭେନ୍ସ ଦେଶମାନଙ୍କରେ ସେମାନଙ୍କ କଳାଧନକୁ ସୁରକ୍ଷିତ ଭାବେ ଜମା କରୁଛନ୍ତି । ଟାକ୍ସ ହେଭେନ୍ସ ଦେଶର ଅର୍ଥ ହେଉଛି ଯେଉଁ ଦେଶମାନଙ୍କରେ ନକଲି ବା ବେନାମୀ କମ୍ପାନୀ ଖୋଲିବା ସହଜ ଏବଂ ସେ ସବୁ ଦେଶମାନଙ୍କରେ କମ୍ ଟିକସ ବା ଶୂନ୍ୟ ଟିକସ ଦେବାକୁ ପଡ଼ିଥା, । ଏ ସବୁ ଦେଶର ନିୟମ ଅନୁସାରେ କମ୍ପାନୀର ମାଲିକଙ୍କ ବାବଦରେ ତଥ୍ୟ ମିଳିବା କାଠିକର ପାଠ ହୋଇଥାଏ। ଏ ସବୁ ଦେଶର ନକଲି କମ୍ପାନୀମାନଙ୍କରେ ବିଶ୍ୱର ବହୁ ବଡ଼ବଡ଼ ଲୋକେ ନିଜର କଳାଧନ ଜମା ରଖିଥାନ୍ତି ।

ବସ୍ତୁତଃ କଳାଧନ ହେଉଛି ସେଭଳି ଧନ ଯାହା ଉପରେ ଆୟକର ଦେବା ପଡ଼ିଥାଏ, କିନ୍ତୁ ସରକାରଙ୍କୁ ଏ ବାବଦରେ ତଥ୍ୟ ପ୍ରଦାନ କରାଯାଇନଥାଏ । କଳାଧନର ସ୍ରୋତ ଆଇନଗତ ଅଥବା ବେଆଇନ ବି ହୋଇପାରେ । ଅପରାଧିକ ଗତିବିଧି ଯଥା ଅପହରଣ, ତସ୍କରି, ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ଲୋକମାନଙ୍କ ଦ୍ୱାରା ବେଆଇନ ଭାବେ ଅର୍ଜିତ ଦନକୁ ମଧ କଳାଧନ କୁହାଯାଇଥାଏ । ବେଆଇନ ଔଷଧ ବେପାର, ବେଆଇନ ଅସ୍ତ୍ରଶସ୍ତ୍ର ବ୍ୟବସାୟ, ସାଇବର ଅପରାଧରେ ଉପାର୍ଜନ କରାଯାଇଥିବା ଅର୍ଥ ମଧ ଟ୍ୟାକ୍ସ ହେଭେନ୍ସ ଦେଶମାନଙ୍କରେ ନକଲି କମ୍ପାନୀରେ ନିବେଶ ହୋଇଥାଏ ଓ ଏହି କଳାଧନ ନିଜ ଦେଶରେ ଧଳା ଧନରେ ପରିଣତ ହୋଇଥାଏ । ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ସଂସ୍ଥା ଅକ୍ସଫେମ ଇଣ୍ଡିଆର ନୂଆ ରିପୋର୍ଟ ଅନୁସାରେ ଏଭଳି ଟିକସ ଫାଙ୍କି ବା ଅନ୍ୟ ଅର୍ଥରେ ଟିକସ ଚୋରି କାରଣରୁ ବିଶ୍ୱର ସବୁ ଦେଶର ସରକାରମାନଙ୍କୁ ପ୍ରତିବର୍ଷ ୪୨୭ ଅରବ ଡଲାରର ଟିକସ ହରାଇବାକୁ ପଡ଼ିଥା, । ଏହାର ପ୍ରଭାବ ବିଶେଷ ଭାବରେ ବିକାଶଶୀଳ ଦେଶମାନଙ୍କ ଉପରେ ପଡ଼ିଥାଏ । ବିକାଶଶୀଳ ଦେଶମାନଙ୍କରୁ ଏହି ବେଆଇନ ଅର୍ଥ ବାହାରକୁ ଅଧିକ ଭାବରେ ଯାଇଥାଏ । ଏହା ଦେଶ ପାଇଁ ହାନିକାରକ ନିଶ୍ଚୟ । ବିଦେଶରେ ଗୋପନୀୟ ଭାବେ ଅର୍ଥ ଲୁଚାଇ ରଖିବାର ସିଧାସଳଖ ପ୍ରଭାବ ଲୋକ କଲ୍ୟାଣକାରୀ ଯୋଜନା ଉପରେ ପଡ଼ିଥାଏ । ପେଣ୍ଡୋରା, ପାନାମା ଓ ପାରାଡାଇଜ ପେପର ଲିକ୍ ହେବା ପରେ ଭାରତର ବିଶିଷ୍ଟ ଲୋକମାନଙ୍କ ନାମ ଚର୍ଚ୍ଚାକୁ ଆସିଛି ଓ ସେମାନେ ଦେଶ ବାହାରକୁ କଳାଧନ ପଠାଉଥିବାର ଖବର ଜଣାପଡୁଛି । ବିଶିଷ୍ଟ ଅର୍ଥଶାସ୍ତ୍ରୀ ଆର ବୈଦ୍ୟନାଥନ କହିଛନ୍ତି ଯେ ବିଦେଶକୁ ଯାଉଥିବା କଳାଧନର ମାତ୍ରା ପାଖାପାଖି ୭୨.୮ ଲକ୍ଷ କୋଟି ଟଙ୍କା ହୋଇପାରେ । ସ୍ୱିସ ନ୍ୟାସନାଲ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ୨୦୨୦ ସୁଦ୍ଧା ଭାରତୀୟ ନାଗରିକ ଏବଂ କମ୍ପାନୀମାନେ ସ୍ୱିସ ବ୍ୟାଙ୍କରେ ୨୦୭୦୦ କୋଟି ଟଙ୍କାରୁ ଅଧିକ ଟଙ୍କା ଜମା ରଖିଛନ୍ତି । ନ୍ୟାସନାଲ କାଉନସିଲ୍ ଅଫ୍ ଆପ୍ଲାଇଡ୍ ଇକୋନୋମିକ୍ ରିସର୍ଚ୍ଚ ଅନୁସାରେ ୧୯୮୦ରୁ ୨୦୧୦ ମଧ୍ୟରେ ଭାରତ ବାହାରେ ଭାରତୀୟମାନଙ୍କର ଜମା ଅର୍ଥ ୩୮୪ ଅରବ ଡଲାରରୁ ୪୯୦ ଅରବ ଡଲାର ମଧ୍ୟରେ ରହିଛି ।

ଏକଥା ସତ୍ୟ ଯେ କଳାଧନକୁ ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି । କିନ୍ତୁ ସରକାରୀ ଆଇନ ଥାଇ ମଧ କଳାଧନର ସ୍ରୋତ ବଢ଼ିଚାଲିଛି । କିନ୍ତୁ କଥା ହେଉଛି ବିଦେଶରେ କଳାଧନ ଜମା ରଖିଥିବା ଖାତାଧାରକ (ଜମାକାରୀ)ଙ୍କ ବାବଦରେ ତଥ୍ୟ ମିଳିଗଲେ ଯେ ସଫଳତା ମିଳିଗଲା ତା' ନୁହେଁ । ସଫଳତା ସେତିକିବେଳେ ମିଳିବ ଯେତେବେଳେ କଳାଧନ ସରକାରଙ୍କ ପାଖକୁ ଆସିପାରିବ । ଅନ୍ୟପକ୍ଷରେ ବିଶ୍ୱ ସମୁଦାୟ ଟ୍ୟାକ୍ସ ହେଭନ ଦେଶମାନଙ୍କ ଉପରେ କଟକଣା ଜାରି ନକଲେ ଏଭଳି କାର୍ଯ୍ୟ ଜାରି ରହିବ।

*+ରାମଚନ୍ଦ୍ରପୁର, ରଣପୁର,*
*ମୋ-୯୪୩୮୪୮୫୦୯୪*

# ମହାମାରୀର ଆହ୍ୱାନ: ସତତ ସତର୍କତା, ଅବିଚଳିତ ମାନବିକତା !



ପ୍ରଦୋଷ କୁମାର ଦାସ

ନାଚୁଣୀ, ଖୋରଧା-୭୫୨୦୩୪
ମୋ:୬୩୭୦୪୯୫୯୪୪

କୋଭିଡ ୧୯ର ନୂତନ ପ୍ରଜାତି 'ଓମିକ୍ରନ' ଏବେ କରୋନାର ଅନ୍ୟତମ ମାରକ ପ୍ରଜାତି ( ଭାରିଆଣ୍ଟ) 'ଡେଲଟା' ଠାରୁ ଅଧିକ ସଂକ୍ରାମକ ପ୍ରସାରୀ ବୋଲି ଭୂତାଣୁ ବିଶେଷଜ୍ଞଙ୍କ ଅନୁଶୀଳନରୁ ପ୍ରକାଶ। ଦକ୍ଷିଣ ଆଫ୍ରିକାରୁ ଚିହ୍ନଟ ହୋଇ କ୍ରମେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରରେ ଏହାର ସଂକ୍ରମଣ କାୟା ଖେଳାଇଚାଲିଥିବା କରୋନାର ଏହି ନୂତନ ପ୍ରଜାତି 'ଓମିକ୍ରନ' ଏବେ ଆମ ଭାରତରେ ଦେଖାଦେଇ ହଇଚଇ ସୃଷ୍ଟି କରିଥିବା ପ୍ରକାଶ। ଗତ ୨୦୨୧ ,ଡିସେମ୍ବର ୧୯ ରୁ ୨୫ ତାରିଖ ମଧ୍ୟରେ ଆମ ଦେଶରେ କରୋନାର ଏହି ନୂତନ ପ୍ରଜାତି 'ଓମିକ୍ରନ' ପ୍ରଭାବରେ ୬ ହଜାର୬୪୧ ଟି ନୂଆ ସଂକ୍ରମଣ ମାମଲା ଚିହ୍ନଟ ହୋଇଥିଲା। ସେହିଭଳି ପରବର୍ତ୍ତୀ ସପ୍ତାହ( ଗତ ୨୦୨୧ ଡିସେମ୍ବର ୨୫ ରୁ ଚଳିତ ନବବର୍ଷ ୨୦୨୨ ଜାନୁଆରୀ ୨ ତାରିଖ ମଧ୍ୟରେ ଉପରୋକ୍ତ ନୂଆ ମାମଲା ୧୮ ହଜାର ୨୯୦ କୁ ବୃଦ୍ଧି ପାଇଥିଲା। ଉଦବେଗର ବିଷୟ ଏହି ସଂଖ୍ୟା ଏବେ ବନାଗ୍ନୀ ଭଳି ଦେଶର ବିଭିନ୍ନ ରାଜ୍ୟରେ ମାଡି ଚାଲିଛି। ଏବେ ଚିହ୍ନଟ ହେଉଥିବା କରୋନାର ପ୍ରାୟ ମାମଲା ଓମିର୍କନ ପ୍ରଜାତିର ବୋଲି ବିଶେଷଜ୍ଞଙ୍କ ତଥ୍ୟାଭିଜ୍ଞ ମହଲରୁ ଖବର ମିଳୁଛି। ଏହି କାରଣରୁ ଆମର ସାରା ଦେଶରେ ଏବେ ନୂଆ ମାମଲା ଲକ୍ଷେ ମୁହାଁ ହୋଇଗଲାଣି। ସେହିପରି ଆମ ରାଜ୍ୟ ଓଡିଶାରେ ମଧ ଆଜି (୭.୧.୨୦୨୨) ଗୋଟିଏ ଦିନରେ ୨ ହଜାର ସଂଖ୍ୟା ଟପିବାକୁ ବସିଲାଣି। ଏମଧରେ ଆମ ରାଜ୍ୟରେ କୁଆଡେ ଓମିକ୍ରନ ପ୍ରଜାତିର ସଂକ୍ରମଣରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

ଦେଶରେ କେତେକ ସ୍ଥାନରେ ପୁଣି କରୋନା କଟକଣା ଲାଗୁହେଲାଣି। ସେହିପରି ଏବେ ଆମ ରାଜ୍ୟ ଓଡିଶାରେ ଦିନକୁଦିନ ବଢୁଥିବା କରୋନା ସଂକ୍ରମଣକୁ ପ୍ରତିହତ ପାଇଁ ରାଜ୍ୟସରକାର ସହରାଞ୍ଚଳରେ ରାତି କର୍ଫ୍ୟୁ ଲାଗୁ କରିବା ସହ ଖୋଲିଥିବା ଷଷ୍ଠରୁ ଦ୍ୱାଦଶ ଶ୍ରେଣୀଗୃହ ପାଠପଢା ବନ୍ଦ କରି ବିଦ୍ୟାଳୟ ଗୁଡିକୁ ବନ୍ଦ ଘୋଷଣା କରିଛନ୍ତି। ଏଥିସହ ଜାନୁଆରୀ ୨୦୨୨

ମାସରେ କରୋନା କଟକଣାର ନୂତନ ଗାଇଡ ଲାଇନ ଜାରିକରି ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ନିବେଦନ କରିଛନ୍ତି।

ସାଂପ୍ରତିକ ପରିସ୍ଥିତିରେ କରୋନାର ସମ୍ଭାବ୍ୟ ୩ୟ ଲହର ଆସିଯାଇଛି ବୋଲି ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଓମିକ୍ରନ ପାଇଁ ଯଦିବି ସତରେ କରୋନାର ୩ୟ ଲହର ଆସିଯାଇଛି, ତେବେ ଉଭୟ ସରକାର ପ୍ରଶାସନ ତଥା ସର୍ବସାଧାରଣ ଆମକୁ ସତତ ସତର୍କତା ଓ ସ୍ୱାସ୍ଥ୍ୟ ସଚେତନତା ପାଇଁ ଆବଶ୍ୟକ ପଦକ୍ଷେପ ଅବଲମ୍ବନ କରିବାକୁ ପଡିବ। କରୋନାକୁ ନେଇ ଥୋକେ ସମାଜରେ ହଇଚଇ ସୃଷ୍ଟି କରୁଥିବାବେଳେ ଥୋକେ ଅଯଥା ବେପରୁଆ ହୋଇ କରୋନାର ସମ୍ଭାବ୍ୟ ୩ୟ ଲହରକୁ ସତ୍ୟସିଦ୍ଧ କରାଇବା କେତେଦୂର ଯୁକ୍ତିସଂଗତ କଥା ?

ଡରିଗଲେ ଚଳିବନାହିଁ । ବେପରୁଆ ହେଲେ ମଧ ଚଳିବ ନାହିଁ। ଏହି ମହାମାରୀକୁ ପ୍ରତିହତ ଓ ସମ୍ମୁଖୀନ ହେବାକୁ ଆମ ସବୁରିଙ୍କୁ ସେବା ପରାୟଣ ଓ ସହାନୁଭୂତିଶୀଳ ହୋଇ ସଂକ୍ରମିତଙ୍କୁ ସତର୍କ ରହି ଏକ ଆରେକଙ୍କ ପାଇଁ ମାନବିକତା ପ୍ରଦର୍ଶନ କରି ପ୍ରତ୍ୟେକ ରାଷ୍ଟ୍ର ହିତାର୍ଥେ ଅବିଚଳିତ ଭାବେ ନିଜର ଆବଶ୍ୟକ କର୍ତ୍ତବ୍ୟକର୍ମକୁ ସଂପାଦନ କରିବାକୁ ହେବ। ଉଲ୍ଲେଖଯୋଗ୍ୟ ଏବେ ସାରା ଦେଶରେ ୧୫୦ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀ, ନାଗରିକଙ୍କୁ କରୋନା ପ୍ରତିଶେଧକ ଟିକାର ଉଭୟ ଡୋଜ ପ୍ରଦାନ କରାଯାଇ ସରିଥିବାବେଳେ କିଶୋର (୧୫ ରୁ ୧୮ ବର୍ଷ ଅବଧିର) ମାନଙ୍କୁ ଟିକାଦାନ ଆଗେଇଚାଲିଛି।

କରୋନାର ସଂକ୍ରାମକ ପରିସ୍ଥିତିକୁ ସମ୍ଭାଳିବାକୁ ଆମେ ସମସ୍ତେ ଭିଡ ଓ ସମାବେଶରେ ନିଜକୁ ସାମିଲ କରିବାରେ ନିବୃତ୍ତାଇବାକୁ ହେବ। ଜୀବନ ଜୀବିକା ସ୍ୱାଭାବିକ ହେବାକୁ ଆମେ ସତତ ସତର୍କ ହୋଇ ସରକାରଙ୍କର କୋଭିଡ ଗାଇଡ ଲାଇନକୁ ଅବଜ୍ଞା ନକରି ଆମର ଦୈନନ୍ଦିନ କାର୍ଯ୍ୟ ନିର୍ବାହ କରିବା ବିଧେୟ। ଟିକା ନେଇସାରିଥିବା ହିତାଧିକାରୀ ଟିକା ନେଇନଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଆବଶ୍ୟକ ସଂକଟ ସମୟରେ ମାନବିକତା ପ୍ରଦର୍ଶନ କରିବା ଉଚିତ୍।

କୋଭିଡ ସଂକ୍ରମିତଙ୍କୁ କ୍ୱାରାଣ୍ଟିନରେ ରଖାଇ ତ୍ୱରିତ ଡାକ୍ତରୀ ସହାୟତା ଯୋଗାଇ ରୋଗୀ ପରିବାରଙ୍କୁ ଆବଶ୍ୟକ ଶାନ୍ତ୍ୱନା ପ୍ରଦାନ ଓ ସେବା ଯୋଗାଇଦେବା ଉଚିତ୍। କରୋନା ଛାନିଆ ନହୋଇ ପ୍ରଥମେ ଟିକା ନେଇଥିବା ବ୍ୟକ୍ତିବିଶେଷ କୋଭିଡ ଗାଇଡ ଲାଇନରେ କରୋନା ସଂକ୍ରମିତ ତଥା ସେମାନଙ୍କ ସନ୍ତ୍ରସ୍ତ ପରିବାରଙ୍କୁ ଆବଶ୍ୟକ ସହଯୋଗ ଓ ଆତ୍ମିୟତାର ହାତ ବଢାଇବାକୁ ପଡିବ। କରୋନାରେ ପୀଡିତ ଅଛବ ନୁହଁନ୍ତି। ମାନବିକତା ଦୃଷ୍ଟିରୁ କରୋନା ମୃତକଙ୍କ ପରିବାର ଓ ପଡୋଶୀ ଯେପରି ହଇଚଇରୁ ମୁକ୍ତ ରହିବେ,ଏବାବଦରେ ଆମ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନ ରହି ସମସ୍ତଙ୍କ ପାଇଁ ସେବାପରାୟଣ ହେବା ଉଚିତ୍। ଏମଧରେ କରୋନାର ଦୁଇଦୁଇଟି ଲହର ଆମକୁ ଅନେକ ଦୁଃଖ ଦେଇସାରିଛି। କରୋନା ପୀଡିତଙ୍କୁ ଅଯଥା ହଇଚଇ ମଧକୁ ନନେଇ ତାର ଆଶୁ ଚିକିତ୍ସା ସହାୟତା ପ୍ରଦାନ ପାଇଁ ଉଭୟ ଡାକ୍ତର ଓ ସହଯୋଗୀ ପାରସ୍ପରିକ ବୁଝାମଣାରେ ଉପନୀତ ହୋଇ ରୋଗୀକଲ୍ୟାଣକାରୀ ହେବା ନିହାତି ଜରୁରୀ।

ଶରୀର ଅଛି ମାନେ, ଅସୁସ୍ଥତା ଆସିବ। ଏଥିରେ ଡରି ନଯାଇ ଶରୀରର ଆଶୁ ରୋଗ ଉପଚାର ଧୈର୍ଯ୍ୟ ସହକାରେ ନିର୍ବାହ କରିବାକୁ ହେବ। କରୋନାରେ ପୀଡିତ ହୋଇଗଲେ ମୃତ୍ୟୁ ସୁନିଶ୍ଚିତ ବୋଲି ଅଯଥା ଧାରଣା ମନରେ ଦୃଢ କରିଲେ ହୁଏତ ରୋଗୀର ଶରୀରରେ ରହିଥିବା ଓ ଲୁଚିରହିଥିବା ଅନ୍ୟାନ୍ୟ ଅସୁସ୍ଥତାର ବିକାର ବୃଦ୍ଧି ପାଇଁ ଜୀବନ ନାଶକ ପାଲଟିପାରେ। କରୋନା ହଇଚଇରେ କରୋନା ପିଡୀତ ହୁଏତ ହୃଦଘାତର ଶୀକାର ହୋଇପାରେ। ଏଣୁ ଧୀର ସଂଯମୀ ମନରେ ଉଭୟ ରୋଗୀ, ସେବାକାରୀ ପାରସ୍ପରିକ ସମନ୍ୱୟ ରଖିବା ଜରୁରୀ। ଏସମୟରେ ଡାକ୍ତର ନର୍ସ, ସ୍ୱାସ୍ଥ୍ୟ ସହାୟକ ସମୂହଙ୍କ ସହ ଉତ୍ତମ ବୁଝାମଣା ଓ ଆତ୍ମୀୟତା ରକ୍ଷା କରି ବିଶେଷ ଭାବେ କରୋନା ଅସହଜତା ବିରୋଧରେ ଆମ ସମସ୍ତଙ୍କୁ ଲଢିବାକୁ ହେବ। କରୋନା ମୃତକଙ୍କୁ ଟିକା ନେଇଥିବା ହିତାଧିକାରୀ ଅବିଚଳିତ ମାନବିକତା ପ୍ରଦର୍ଶନ କରି କୋଭିଡ ଗାଇଡ ଲାଇନରେ ରହି ତାଙ୍କର ଆବଶ୍ୟକ ସଂସ୍କାରକାର୍ଯ୍ୟରେ ପୂର୍ଣ୍ଣ ସହଯୋଗ ଓ ସମ୍ମାନ ପ୍ରଦର୍ଶନ କରି ଶୋକସନ୍ତପ୍ତ ପରିବାର ପାଇଁ ସହଯୋଗର ହାତ ବଢାଇବା ପରମ କର୍ତ୍ତବ୍ୟ ବୋଲି ଆବଶ୍ୟକ କାର୍ଯ୍ୟପନ୍ଥା ନିର୍ବାହ କରିବାକୁ ହେବ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ

### ହେ ମୋର ଅବୁଝା ପ୍ରେମିକା

ଅରୁନ୍ଧତୀ ଲେଙ୍କା



ତମ ପାଇଁ ଆଜି ହସୁଛି ହୃଦୟ
ତମେ ମୋ ନୀଳ ନୟନ
ତମ ସମ୍ବୋଦନେ ପ୍ରଫୁଲିତ ହୋଇ
ଗାଉଥାଏ ମୁଁ ଭଜନ ।

ଦୁଃଖରେ ସୁଖରେ ତମେ ମୋର ସାହା
ତମେ ମୋର ପ୍ରାଣ ଧନ
ଯେତେ ଆସୁ ଝଡ଼ ଏହି ମୋ ଜୀବନେ
ଭୁଲିବିନି କେଉଁ ଦିନ ।

ତମ ହସ ମୁଖ ଦେଖି ଦେଲା ମାତ୍ରେ
ହସି ଉଠେ ମୋର ନେତ୍ର
ତମେ ରାଗିଗଲେ ହସି ମୁଁ ପାରେନା
ମନ ମୋର ହୁଏ ଦୁଃଖ ।

କେବେ ଭୁଲିବିନି ତମ ମହାନତା
ଭୁଲିବିନି ବଡ଼ପଣ
ତମ ଭାବରେ ଭାବୁକ ହୋଇ ସଦା
ହସୁଥିବ ମୋ ସ୍ପନ୍ଦନ ।

ତମେ ମୋର ମାତା
ତମେ ମୋର ପିତା
ତମେ ମୋର ଧର୍ମ ପତ୍ନୀ
ତମେ ମୋ ଭଉଣୀ
ତମେ ମୋର ଭାଇ
ତମେ ମୋର ଏ ଧରଣୀ ।

ଯେତେ ରାଗିବାକୁ
ଇଚ୍ଛା କଲେ ମଧ୍ୟେ
କେବେ ପାରେନି ମୁଁ ରାଗି
ତମ ସେ ବିଚ୍ଛେଦ ଦିଏ ବହୁ ଦୁଃଖ
ପାରେ ନାହିଁ ଟିକେ ହସି ।

♥ ଯୋରନ୍ଦା, ଢେଙ୍କାନାଳ
(ମୋ) ୮୩୨୮୯୩୯୩୬୩

### ଆମ ପ୍ରେମ କଥା

ସିଦ୍ଧେଶ୍ୱର ତ୍ରିପାଠୀ

ଫେରିବନି ଜହ୍ନ ରାତି
ସେ ଭିଜା ଶ୍ରାବଣ
ସେଇ ସ୍ମୃତି ଅନୁଭୂତି
କାନ୍ଦି ଉଠେ ପ୍ରାଣ ।
କୁଆଡେ ଉଭେଇ ଗଲା
ଭୋଦୁଅର ଭୋଗ
ମିଠା ମିଠା ଅନୁଭୂତି
ରାଗ ଅନୁରାଗ ।
ସେଇ ଶୀତ ସେଇ ଗୀତ
ବିଭୋର ବେଳାରେ
କେତେ ରାତି ଆନନ୍ଦରେ
ଯାଉଥିଲା ପାହି ।
ନଦେଖି ବି ଏ ଆଖିରେ
ହେଇଥିଲା ପ୍ରେମ
ସେଇପ୍ରେମ ଲେଖି ତୁମେ
ଦେଲଗୋ ଲିଭେଇ
ଏତେ ସହଜରେ
ମୁଁ କିନ୍ତୁ
ଭୁଲି ପାରିଲିନି
ତୁମ ଛାପ ରହିଗଲା
ଦେହରେ ମନରେ
ଏଇ ଜୀବନରେ
ଯାହା କେବେ ଲିଭିବନି
ଲିଭେଇ ହବନି ।

♥ଖୋର୍ଦ୍ଧା

### ଶୀତୁଆ ଜଳ ମୋ ପ୍ରିୟା

ନିରଞ୍ଜନ ପତି



ଶୀତ ଦିନ ଜଳ
ସ୍ୱଚ୍ଛ ନିରିମଳ
ପ୍ରେମିକାର ତୋଫା ମୁହଁଟି ପରି,
କୋଳେଇ ଧରିଲେ
ଦେହ ମିଶାଇଲେ
ଛାତି ସହ ଦେହ ଉଠଇ ଥରି।

ତାକୁ ଭଲପାଏ
ପାନ କରିଥାଏ
ଅଳପରେ ତୃଷା ମେଣ୍ଟାଇ ଦିଏ,
ଉଷ୍ମ କରି ତାକୁ
ସ୍ନାନ କରିବାକୁ
ବଡ଼ି ଭୋରରୁ ବାଧିଅ ହୁଏ।
ଶୀତଦିନ ପାଣି
ପ୍ରେମିକାର ବାଣୀ
କେବେ କଟୁ କେବେ କାଳୁଆ ମାରେ,
ଲେଉଟା ଉତ୍ତର
ଦିଏ ତରତର
ତା ଛୁଆଁ ଦେହକୁ କାମୁଡ଼ି ଧରେ।
ଶୀତ ସର ଜଳେ
ବୁଡ ଦେବା କାଳେ
ସାରା ଦେହଟାରେ ଉଷ୍ମତା ଜାଗେ,
ତାକୁ ତ୍ୟାଗ କାଳେ
ପୁଣି ଶୀତ ଖେଳେ
ସର୍ବଦା ପ୍ରିୟର ମିଳନ ମାଗେ ।
ହେଉଯେବେ ଯାହା
ସିଏ ପରା ସାହା
ସରଳ ତରଳ ସେନେହୀ ପ୍ରିୟା
ଜୀବ ରକ୍ଷା କରେ
ସୃଷ୍ଟି କରିପାରେ
ଜାୟାଠୁ ଅଧିକ ମମତା ମାୟା।

♥ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ:୯୯୩୮୧୩୩୫୫୯

### ହେ ସମୟ...

ସୁଦର୍ଶନ ମହାପାତ୍ର



ଆସ ଏକ ନୂଆ ରୂପ ନେଇ
ଛୁଇଁ ଯାଅ ପ୍ରତି ମଣିଷ ଅନ୍ତର
ଗୋଟେ ନୂଆପଣର ମୁଗ୍ଧ ଅନୁଭବରେ
ବଦଳିଯାଉ ସାରା ପୃଥିବୀର ରଙ୍ଗ
ନୂଆ ସୃଷ୍ଟି, ନୂଆ ଭାବ,
ନୂଆ ଚେତନାରେ
ଭରିଯାଉ ସଚରାଚର ବର୍ତ୍ତମାନ ।
ଆସ ଏକ ନୂଆ ରୂପ ନେଇ
ଛୁଇଁ ଯାଅ ପୂଣ୍ୟ ପୃଥିବୀକୁ ମୋର
କାହିଁ କେତେ ଦିନୁ ନିନ୍ଦିତ
ଭୋକ ଓ ଦୁଃଖର ଛବି,
ହିଂସା ଅସୂୟାର ମଇଳା ଦାଗରେ
ଲାସ୍ୟମୟୀ ଚେହେରା ତା ବିବର୍ଣ୍ଣ
ନୂଆ ଆଶା ଆକାଂକ୍ଷାରେ
ପ୍ରତିଭାତ ହେଉ ଏବେ ଖୁସିର କିରଣ ।
ଆସ ଏକ ନୂଆ ରୂପ ନେଇ
ବିକଶିତ ସ୍ୱପ୍ନ ଓ ପ୍ରତିଶ୍ରୁତି ସହିତ
ଛୁଇଁ ଯାଅ ଏ ଧରାକୁ ମୋର
ସମ୍ଭାବନାର ଉନ୍ମେଷରେ ଖେଳିଯାଉ
ଅନ୍ତର୍ନିହିତ ଚେତନାର ପରିସର
ମଣିଷପଣିଆ ହେଉ ପରିବ୍ୟାପ୍ତ
ସମ୍ପର୍କର ବର୍ଣ୍ଣିଳ ଅଙ୍ଗୀକାରରେ
ଉଚ୍ଛୁଳି ପଡୁ ଅହେତୁକ ଉଚ୍ଛ୍ୱାସ
ଦୃଶ୍ୟ ଓ ଦୃଶ୍ୟାନ୍ତରରେ ବାରିହୋଇପଡୁ
ଜୀବନ ଓ ଜିଜ୍ଞାସାର ବିସ୍ତାରିତ ମୁହୂର୍ତ୍ତ ।
ହେ ସମୟ...!!
ଆସ ଏକ ନୂଆ ରୂପ ନେଇ...!

♥କୁଞ୍ଜବିହାରୀ ଲେନ୍, କଟକ



## ତୁମେ ଯେବେ ଆସ
### ରାଜେଶ ପୂଜାରୀ



ତୁମେ ଯେବେ ଆସ
ତେରପର୍ବର ପୁଲକ ଆଣ
ଛ' ଋତୁ ବାରମାସ ଆଣି,
ଅଗଣାରେ ତାରକସି ସ୍ୱପ୍ନ ବୁଣ

ମୁଁ ଏକା ସାଙ୍ଗେ ଭିଜେ, ଶିଝେ
ମଉଳେ, କଅଁଳେ
ଯିଏ ମୋତେ ଖେଳେ ବାକିବେଳେ
ସେଇ ସମୟକୁ ଫୁଟବଲ୍ ଭଳି ଖେଳେ

ତୁମେ ଆସିଲେ
ସିଏ ବି ଚାଲିଆସେ
ଯିଏ ମୋର ଖୁବ୍ ପସନ୍ଦ
ଆଉ ମୋତେ ବି ପସନ୍ଦ ନୁହେଁ
ଆରେ ସିଏ ମ

ଯାହାକୁ ଗେହ୍ଲାରେ ରାଜ୍ ବୋଲି ଡାକ
ତୁମକୁ ଅନୁ ଡାକେ !

କେଡ଼େ ଅଜବ୍ ପିଲା ସତରେ
ନଳକୂଅ ପାଖରେ ପକେଇଦେଇଥିଲା
ଜୀବନର ପ୍ରଥମ ପ୍ରେମଚିଠି
ତୁମେ ଭାବି ଧରି ନେଇଥିଲା
ତୁମ ଭଉଣୀ ହାତ
ଦେଖିବାକୁ ଆସିନ ଜାଣି
ଓହ୍ଲେଇ ପଡ଼ିଥିଲା ମଞ୍ଚରୁ, ନାଟକ ଅଧାରୁ
ତାକୁ ପୁଣି ଭଲ ବୋଲି କୁହ...

କେମିତି ଭଲ କହିଲ ?

ଯିଏ ହଜାରେ ଥର ଦର୍ପଣ ଦେଖେ
ଗୀତ ଗାଏ ବେଳେ ଅବେଳେ
ଛାତ ଉପରେ,ପଟାଭାଡ଼ିରେ
ସାଇକେଲ ଛୁଟାଏ
ଚାରିବର୍ଷ ତଳକୁ
ନଈକୂଳକୁ,ଆମ୍ବତୋଟାକୁ,ଫୁଲବଣକୁ...

ଅବଶ୍ୟ ଖୁବ୍ ଭଲ
ଆପେ ହିଁ ସମ୍ଭାଳିହୁଏ
ବାଟ ରୋକେ ନିଜେ ନିଜର ଯେବେ
ତୁମ ଚକ୍'ଚକ୍ କପାଳ ପାଖରେ
ବାକି ସବୁ ତୁଚ୍ଛ ଲାଗେ ଯେବେ

ତୁମେ ଥିବା ଯାଏଁ ସେ ଥାଏ
ତୁମେ ଫେରିଗଲେ
ମରିମରି ଯାଏ ମୋ ଭିତରୁ
ପାଲଟିବସେ ମୁଁ ଜୀଅନ୍ତା ଶବ
ତୁମ ବିନା ସବୁ ଋତୁ ମ୍ଳାନ ମଉଛବ ।

♥ କୁଶମେଲ, ଝାରସୁଗୁଡ଼ା

## କର୍ମ ହିଁ ଈଶ୍ୱର
### ପ୍ରଦୀପ୍ତ ଆଚାର୍ଯ୍ୟ



ଛୋଟ ଅବା ବଡ ହୋଇଥାଉ କର୍ମ,
ନିଷ୍ଠା ସହ ନିର୍ବାହିବା,
କର୍ମହିଁ ଈଶ୍ୱର ହୃଦୟେ ଚିନ୍ତିଲେ,
ସର୍ବ କାର୍ଯ୍ୟେ ସିଦ୍ଧ ହେବା।
ଛୋଟ କାର୍ଯ୍ୟ ପାଇଁ ହୀନମନ୍ୟତାକୁ,
ମନରେ ସ୍ଥାନ ନଦେବା,
ବଡ କାର୍ଯ୍ୟ ପାଇଁ ଅହଂକାର ଗର୍ବ,
ଚିନ୍ତନରୁ ଦୂରେଇବା।
ବାଧ୍ୟ ବାଧ୍ୟକରେ ଆଦରିଲେ କର୍ମ,
ବୋଝ ତାହା ହୋଇଯିବ,
ଆଗ୍ରହ ସହିତ ଆପଣାଇ ନେଲେ,
ନିଶ୍ଚୟ ସହଜ ହେବ।
କର୍ମର ବିହୁନେ ସଫଳତା ପ୍ରାପ୍ତି,
ହୋଇଯିବ ଅସମ୍ଭବ,
ଫଳ ଆଶା ଛାଡି କର୍ମ କରିଗଲେ,
ଫଳ ନିଶ୍ଚୟ ଆସିବ।

♥ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ।
(ମୋ) ୬୩୭୧୫୯୩୨୨୦



## ଜହ୍ନପାଇଁ ମନ ଝୁରେ
### ନୀଳମଣି ଚାନ୍ଦ



ଜହ୍ନ କୁମୁଦର ସିଏ ନୁହଁ ମୋ'ର ମନେ କେତେ ପ୍ରୀତି ଭରେ
ଭଲ ଲାଗେନାହିଁ ନିଶିଟି ଜମାରୁ ନ ଦେଖିଲେ ତା'କୁ ଥରେ
ଲୁଚିଯାଉଥାଏ ବଉଦ ଫାଙ୍କରେ ମଥାର ଓଢଣା ଟାଣି
ଲାଗୁଥାଏ ସତେ ଚାହୁଁଛି ସେ ମୋତେ ହୋଇଟି ଜୋଛନାରାଣୀ।

ଜହ୍ନ ଦେଖି ମନ ହୁଏ ଛନଛନ ରାତିଥାଏ ତାତି ନାଇଁ
ହେଲେ ମୁଁ ଜାଣେନା କାହିଁକି ଅଧୀର ଆଉ ଏକ ଜହ୍ନପାଇଁ
ଜହ୍ନର ଉପମା ନେଇ ମୋ ଜହ୍ନର ସାଥେ ମୁହିଁ ଯୋଡିଦିଏ
ଏବେ ବି ଜାଣିନି କେଉଁ ମୂଲକର ମଉନାବତୀଟି ସିଏ।

ମନ ମୋ ବୁଝେନା କେତେ ଦୂରେ ସିଏ ଲୁହରେ ଭିଜଇ ଆଖି
ଭାବୁଥାଏ ମନେ ଜୋଛନା ସାଥିରେ ଚକୋର ରହିଛି ସାକ୍ଷୀ
ହାତ ଠାରି ଡାକେ ଦିଗ୍‌ବଳୟ କେତେ ସପନ ମୋ ସରିନାହିଁ
ଧୂଳି ଧରଣୀର କ୍ଳାନ୍ତ ପଥିକ ମୁଁ ଧରଣୀ ଭଲ ମୋ ପାଇଁ।

ଜହ୍ନ କୁମୁଦର କୁମୁଦ ଜହ୍ନର ଥାଉ ଯିଏ ଯେତେ ଦୂରେ
ଜାଣେନା କାହିଁକି ପରଦେଶୀ ଜହ୍ନ ପାଇଁ ମନ ଏତେ ଝୁରେ ?

♥ ୨୭, ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର-୨୯,
(ମୋ)୯୫୮୩୨୦୨୩୫୭

## ଅତୀତରେ ସତ
### ଆନନ୍ଦ କୁମାର ମାଇତି



ଏଇ ଏଇ ଆସିଥିବା ନୂଆ ସକାଳଟିରେ
ନୂଆ ଅନ୍ୱେଷଣ ପକ୍ଷୀଟେ ପରି
ମୋର ଦୀର୍ଘ ଆଶା
ଫଡ଼୍‌ଫଡ ହୋଇ ଉଡ଼ିବା
କାକଳିରେ ମୁଖରିତ ହୋଇ।

ତାର ତ ଇଏ କୁଆଁରୀ ବୟସ
କଷି ବୟସରେ ତାନରୁ ନାଦ ଖଞ୍ଜି ହୋଇଛି
କେତେ କସ୍ତୁରୁଣୀ ଗୁଞ୍ଜନ ମହକ
ଚାହାଣିରେ ବିଶ୍ୱାସର ଗପ
ଅଧରରେ ଅମୋଘ ମୟୁଖର ଗୀତ।

ଏତେ ପରେବି କାହିଁକି
ମୋ ସଜଳ ଆଖିରେ ନିରୁତା
ଅଭିମାନର ଭାଷା
କାଳେ ବ୍ୟକ୍ତ କଲେ ଲାଞ୍ଛିତ ହେବ
ପୁରୁଷ ପଣର ଐଶ୍ୱର୍ଯ୍ୟ।

ଲୋତକ ଓଦା ଆଖିରେ ଦେଖି ହେବ କି
ମରିଚିକାର ଲେଲିହାନ ଶିଖା ସେପାରିକୁ
ଆଗକୁ ଲମ୍ବିଥିବା ଅବଶିଷ୍ଟ ପଥର ଦୈର୍ଘ୍ୟ।

ଆତ୍ମୀୟତା ବୋଲି କି ଅବା ବ୍ୟକ୍ତ କରିବି
କେବଳ ଏଇ କେତୋଟି
ଅଭୁଲା ସ୍ମୃତି ହୀନ ବିଦୀର୍ଣ୍ଣ ମୁହୂର୍ତ୍ତ
କେତେ କ୍ଷୁଦ୍ର ରାଶିରେ ଗଢ଼ା
ଗୋଧୂଳି ପରି ପ୍ରବଣତାରେ ଦୁର୍ବାର
ଅଭୁଲା ଅତୀତ।

♥ ଏରସମା, ଜଗତସିଂହପୁର



## ସକାଳ
### ସତ୍ୟରମଣ ତ୍ରିପାଠୀ

ସବୁଦିନ ଆସେ
ଦୁଲକିଣା କଚାଡ଼ି ହେଇପଡେ,
ଶୂନ୍ୟତାର ଶବ୍ଦ ଧରି,
ଜୀବନର ବାଲି ଉପରେ ।

ସେଠି ଗଢେ କୋଣାର୍କ,
ଲେଖେ ବାସି ଗୋଲାପ ଉପରେ,
କାକରର କଲମ ଧରି ।

ମିନିଟ୍‌ରେ ବୁଲେଇ ଦିଏ,
ଇତିହାସର ଭଙ୍ଗା ଚକ ଖଣ୍ଡକୁ,
କହେ ଗୋଟେ ଅର୍ଦ୍ଧଦଗ୍ଧ କାହାଣୀ,
ଠିକ୍ ତୁମ ଧାରୁଆ ହସରେ
ରବିବାରର ଖୁସି ଲୁଚିଲା ଭଳି ।

ଲୁଚିଥାଏ ଚଞ୍ଚଳତାର
ଅଦୃଶ୍ୟ ମୁହିଁ ଉପରେ,
କାଲି ରାତିର ବାସି ଛେପର ଦାଗ ।

କେତେବେଳେ ପୁଣି,
ଶବ୍ଦ ସବୁ ସକାଳକୁ କରେ ସତେଜ
ଠିକ୍ ସେକ୍ସପିଅରଙ୍କ କବିତା ଭଳି ।
ଆଉ କେତେବଳେ
ବବ୍‌ଡିଲନଙ୍କ ଗୀତ ପରି ।

♥ ଚାନ୍ଦୋଳ, କେନ୍ଦ୍ରାପଡ଼ା
(ମୋ)୮୦୧୮୨୬୯୯୨୨

## ନୂଆରଙ୍ଗ
### ଜୟଶ୍ରୀ ପଟ୍ଟନାୟକ



ନୂଆରଙ୍ଗ କିଏ ମାଖି ଦେଇଗଲା
କାଲି ରାତି ସପନରେ
ପୌଷ କାକର ଲେଖିଦେଲା କିଛି
ନୂଆକଥା ଭାବନାରେ ।

ପହିଲି ସୁରୁଯ ଉଇଁଥିଲା ଯେବେ
ଶିତୁଆ ସମୀରଣରେ
ଲେଉଟାଣି ଢ଼େଉ ପରି ଚାଲିଗଲା
ବରଷଟା ସ୍ମୃତିଧାରେ
ନୂଆ ଆବେଗକୁ ନେଇ ନୂଆବର୍ଷ
ଆସିଛି ଧରା କୋଳରେ
ନୂଆରଙ୍ଗ କିଏ ମାଖି ଦେଇଗଲା
କାଲି ରାତି ସପନରେ ।

ବାରମାସ ଆଉ ଛଅ ଋତୁ ସାଥେ
ମନକୁ ଆମ ଛନ୍ଦିବ
ହରରଙ୍ଗୀ ସ୍ୱପ୍ନେ ସଜାଇ ମନକୁ
ପୁଣି ଦିନେ ଫେରିଯିବ
ନୂଆ ପୁରୁଣାର ଖେଳ ଚାଲିଥିବ
ସବୁବେଳେ ଜୀବନରେ
ନୂଆରଙ୍ଗ କିଏ ମାଖି ଦେଇଗଲା
କାଲି ରାତି ସପନରେ ।

♥ ଗଙ୍ଗନଗର, ଭୁବନେଶ୍ୱର
(ମୋ) ୭୯୭୮୧୧୦୪୭୪

## ପ୍ରିୟା ତୁମେ ମୋର...
### ସୁବ୍ରତ କୁମାର ଜେନା



ପ୍ରିୟା ତୁମେ ମୋର ଷୋହଳ ବୟସୀ
ଧୋବ ଫରଫର ଗାଁ,
ଶାନ୍ତ ନଈକୂଳ, ବାଲୁକା ରାଶିରେ
ନୂଆ ସକାଳର ଛୁଆଁ ।
ଗୋପୀ ମନଚୋରା ମୋହନ ବଂଶୀ
ମେଘ ମଲ୍ଲାରର ସ୍ୱର,
ବର୍ଷା ଫାଙ୍କ ମଧ୍ୟେ
ଦେଖା ଯାଉଥିବା ଇନ୍ଦ୍ରଧନୁର
ହସର କାଣିଚେ ଧାର ।

ପ୍ରିୟା ତୁମେ ମୋର......
କବିତା କିଆରୀ ଅସରନ୍ତି କେତେ ଗୀତ
ଫଗୁଣ ମାସରେ ଫଗୁଭରା ମୀତ,
ଅଳସ ଭାଙ୍ଗ ତୁମେ ସୋରିଷ କ୍ଷେତରେ
ଶୀତୁଆ ସକାଳର ଥୁରୁ ଥୁରିଆ ଶୀତ ।
ପହିଲି ଆମ୍ବର ଚଣା

କଳା ମେଘ ଦେଖି ମୟୂରୀ ବି ଆନମନା,
ପହିଲି ବର୍ଷାର ମାଟିର ଗନ୍ଧରେ
ଲୁଚି ଦେଖ ଆକାଶେ ଆଇନା ।

ପହିଲି ବର୍ଷାର ପହିଲି ଛୁଆଁରେ
ବର୍ଷା ଜୁଡୁବୁଡୁ ଲାଜବତୀ ମୋର ମିତ,
ଘନ ଅନ୍ଧକାର ଭରା ଅମା ସନ୍ଧ୍ୟାରେ
ଚିକ ମିକ ସବୁ ତାରାଫୁଲର କ୍ଷେତ ।

ସକାଳ ପ୍ରହରେ ପକ୍ଷୀର କାକଳି
ନିରୀହ ଶିଶୁର ଦୋରୁଟି ହସ,
କେବେ ରାଗ କେବେ ହସିଦିଅ ପୁଣି
ଅନ୍ତରରେ ଭରି କେତେ ଦ୍ୱେଷ ।

ପ୍ରିୟା ତୁମେ ମୋର.....
ଅର୍ଦ୍ଧରାତ୍ରର ଆସୁଥିବା ସବୁ ସ୍ୱପ୍ନ
ସୁନେଲି ରାତ୍ରିର ରୂପେଲି ଜହ୍ନ,
ପ୍ରଜାପତିର କାଉଁରୀ ସ୍ପର୍ଶରେ
ଫୁଲ ମନ ହୁଏ ଛନଛନ ।
ଗୋଟେ ପରେ ଗୋଟେ ଆଙ୍କି ଦେଉଥାଏ
ସବୁଜ ପ୍ରାନ୍ତରେ ପ୍ରୀତି ରୂପକ ଚୁମ୍ବନ,
ତଥାପି କେଜାଣି ସରେନି କାହିଁକି
ବିଚାରି ଫୁଲର ଶେଷ ଦହନ ।

ଚଷା ଗୀତ ଗାଏ ମନ ଆନନ୍ଦରେ
ଗାଁ ମୁଣ୍ଡ ଉଜାଣି ନଈର ସ୍ୱନ,
ଫଗୁଣ ଋତୁରେ ରକ୍ତରଞ୍ଜିତ
ଦୂର ପଳାସ ଫୁଲର ବନ ।
ଦୂରେ ବହୁଦୂରେ ଭାସିଯାଉଥିବା
ଶିଖର ଚୂଡାର ଭସା ମେଘ
ଜୀବନ ରୂପକ ତରୀତୁମେ ମୋର
ଭସାଇ ନିଅ ବଢ଼ାଇ ତୁମରି ବେଗ ।

♥ ଶୂରଡିହ,ନନ୍ଦିପୁର, ଯାଜପୁର
(ମୋ)୯୭୭୬୨୦୮୯୩୦ .

## ନିଃସର୍ତ୍ତ ପ୍ରେମ
### ପ୍ରଣତି ଆଚାର୍ଯ୍ୟ ମିଶ୍ର



ନିଃସର୍ତ୍ତ ପ୍ରେମରେ ବିମଣ୍ଡିତ ମହୀ
ଅପୂର୍ବ ହିମର ସ୍ପର୍ଶେ
ଜ୍ୟୋତ୍ସ୍ନା ବିଧୌତ ରଜନୀ ଅଙ୍କରେ
ଚନ୍ଦ୍ର କୁମୁଦ ଆକର୍ଷେ ।

ନବ ଉନ୍ମେଷରେ ନୂତନ ସକାଳ
ଗୋଲାପି ଗୋଲାପି ବାସେ
ମଗ୍ନ ମନରେ ମାଦକତା ଭରି
ଜହ୍ନ ବାତାୟନେ ହସେ ।

କୋମଳା କାମିନୀ ଶୀତ ପ୍ରଣୟିନୀ
ବିଭୋର କରଇ ହୃଦ
କୋଟିତାରା ଫୁଲ ସପନ ସମାନ
ସମ୍ମୋହିତ ଅବବୋଧ ।

ଝାପ୍ସା ଆଲୋକରେ ଝଲସି ଉଠଇ
ସଫେଦ ଚାନ୍ଦିନୀ ରାତି
ଶୀତୁଆ ଶେଜରେ ଅଳସୀ ନିଦରେ
ନିଳତୃଷ୍ଣା ତାର ପ୍ରିତି ।

ଚମକାଇ ଦିଏ କୁଆଁରୀ ଶୀତଟା
ଅନିଦ୍ର ନନ୍ଦନ ବନେ
ପିଆସୀ ପ୍ରାଣରେ ଅନ୍ତର ଭେଦି
ପଶି ଆସଇ ଦହନେ ।

ସ୍ନିଗ୍ଧ ଶୀତଳ ବାଷ୍ପାରେ ତାର
ତନୁରେ ସ୍ପନ୍ଦନ ଜାଗେ
କୋଳାଇ ଧରିଛି ପ୍ରେମ ପ୍ରଣୟରେ
ଉଜ୍ଜ୍ୱଳ ଆଲୋକ ମାର୍ଗେ ।

ମଧୁର ଲାଳସା ମେଣ୍ଟାଏ ମଧୁପ
ପ୍ରସ୍ଫୁଟିତ ପୁଷ୍ପ ଅଙ୍ଗେ
ଆଲିଙ୍ଗନେ ପ୍ରିୟା ପ୍ରେମ ଭିକ୍ଷାକରେ
ସ୍ମିତହାସ୍ୟେ ତାର ସଙ୍ଗେ ।

କଥାଦେଲା ପ୍ରିୟା ଆସୁଥିବ ନିତି
ସାକ୍ଷୀ ଅଛି ଜହ୍ନ ରାତି
ତା କୋମଳ ସ୍ପର୍ଶେ ଲାଜ ଲାଲିମାରେ
ଭିଜୁଥିବି ନିତିନିତି ।

♥ ନୟାଗଡ଼
(ମୋ)୯୪୩୭୬୪୨୯୪୭

## ମୁଖା
### ଆଦ୍ୟାଶା ମହାପାତ୍ର



ଦୁଃଖ ଯନ୍ତ୍ରଣା ମାନଙ୍କୁ ଯଦି
କବିତା କରି ଗାଇ ହୁଅନ୍ତା
ଗପ ଭଳି କହି ହୁଅନ୍ତା
ମୁଖାଟିଏ ଭିତରେ...,
କେବଳ 'ଆଃ'ରେ
ମୁଁ କ'ଣ ଲୁଚାଇ ରଖନ୍ତି
ମୋ ମୁହଁରେ ଉକୁଟୁଥିବା
କରୁଣ ମାନଚିତ୍ରକୁ... ?

ହସୁଥିବା ସବୁ ମୁହଁରେ
ସୁଖ ବୋଲା ହୋଇ ନଥାଏ
ବେଳେ ବେଳେ
ହସର କୃତ୍ରିମ ପ୍ରଲେପ ଦେଇ
ଦୁଃଖ ସବୁକୁ ଆତ୍ମସାତ କରାଯାଏ !
ଲୁଚେଇବାକୁ ପଡେ
ଲୁହର ଅବରୋହଣକୁ ମୁଖାଟିଏ ଭିତରେ..!

ଦୁନିଆକୁ ଦେଖାଇବାକୁ
ହସିବାକୁ ପଡେ ଅକାରଣେ
ଯନ୍ତ୍ରଣା ସହ ଯୁଝିବାକୁ ପଡେ ନୀରବରେ
କାରଣ...

କିଛି ଆତ୍ମୀୟ ତୁମ ଲୁହ ଦେଖି
ଦୁଃଖରେ ଭାଙ୍ଗି ପଡିବେ
ଯାହା ତୁମକୁ ଲାଗିବ ଅସହ୍ୟ
ଆଉ କିଛି ଖୁସି ହେବେ ଜାଣି
ତୁମେ ସତେ କେତେ ଅସହାୟ ...!!

ଏଠି ଉପରକୁ ଥାଏ ଛଳନାର ଆଶ୍ୱାସନାଟିଏ
ତୁଚ୍ଛା 'ଆହାଃ' ଶବ୍ଦ
ଭିତରେ ଥାଏ କିନ୍ତୁ ଈର୍ଷାର ହଳାହଳ ବିଷ
କୃତ୍ରିମ ହସରୁ ଖିଏ..!

କି ଦର୍କାର ସାଉଁଟିବା ରିକ୍ତ ସମ୍ପର୍କର
ଅନାହୂତ ମନ୍ତ୍ରଣା !
ବରଂ ଭଲ ମୁଖା ତଳେ
ଲୁକ୍କାୟିତ ଆତ୍ମସ୍ଥ ଯନ୍ତ୍ରଣା...!!!

ନୂଆପଡା, କଟକ

## ଶୀତୁଆ ସନ୍ଧ୍ୟା
### ସୁବ୍ରତ ମଲିକ



ପଶ୍ଚିମ ଦିଗଟି ନାରଙ୍ଗୀ ଦିଶଇ
ଦିନମଣୀ ହୁଏ ଅସ୍ତ,
ଶୀତର ଲହଡ଼ି ଧୀରେ ଧୀରେ ମାଡ଼େ
ପ୍ରାଣୀଗଣ ବ୍ୟତିବ୍ୟସ୍ତ ।

ଶୀତ ବସ୍ତ୍ର ଖୋଜି ଦେହେ ଘୋଡ଼ିବାକୁ
ଅନେକ ହୁଅନ୍ତ ସଜ,
ବୁଢାବୁଢ଼ୀ ଯେତେ ନିଆଁ ପୁଉଥାନ୍ତି
ସକାଳର ପରି ସଞ୍ଜ ।

ବିଭୁଙ୍କୁ ସୁମରି କୁନା ମୁନା ବେଗେ
ପଢ଼ିଣ ବସନ୍ତି ପାଠ,
କିଏ କରୁଥାଏ ମିଶାଣ ଫେଡାଣ
କିଏ ଗଣେ ସାତ ଆଠ ।

ଧାନ ବୋହି ବୋହି ଥକା ଚାଷୀ ଭାଇ
ଖଳାରେ ବାଆଙ୍ଗି ରଖେ,
ହାଲୁକା ଗରମ ସୋରିଷ ତେଲକୁ
ସାରା ଶରୀରରେ ମାଖେ ।

ପଶୁପକ୍ଷୀ ସବୁ ଦଳଦଳ ହୋଇ
ସଅଳ ବସାକୁ ଫେରେ,
ଦୂର ତାଳ ବଣୁ ଝୁଲି ଝୁଲି ରାତି
ଆସଇ ଅନ୍ଧାର ମେଳେ ।

♥ କୋରୁଆ, ଅସୁରାଳି, ଭଦ୍ରକ
୭୦୦୮୩୧୫୯୧୬

## ପ୍ରେମ
### ଜିନାତମାମ୍ ଦର୍ଜୀ



ପ୍ରେମ
ସ୍ୱର୍ଗୀୟ ବିଭୂତିକଳା ପରିସେ ମଧୁମୟ

ପ୍ରେମ
ଲୌକିକତାରେ ଲୌକିକତାର ଅନୁଭବ

ପ୍ରେମ
ସପ୍ତମ ଋତୁ, ଅଷ୍ଟମ ରଙ୍ଗ
ପ୍ରେମ
ଆକାଶର ପୁନେଇଁ ଜହ୍ନ,
ପ୍ରେମିକାର ଅବୁଝା ମନ

ପ୍ରେମ
ଜୀବନର ଅଭୁଲା ଗପ
ବିନା ଦୋଷେ ପ୍ରଥମ ପାପ

ପ୍ରେମ
କେବେ ଫଗୁଣର ରଙ୍ଗ
କେବେ ଶ୍ରାବଣର ମେଘ
କେବେ ମହୁଲିର ନିଶା, କେବେ ବିଶ୍ୱାସର ଆଶା

ପ୍ରେମ
ଏ ଦୁଇ ମିଳନ ଛାତିର କମ୍ପନ
ହୃଦୟ ସ୍ପନ୍ଦନ
କାହାପାଇଁ ସେ ଲକ୍ଷେ ଶିହରଣ
ଲକ୍ଷେ ଆଲୋଡ଼ନ

ପ୍ରେମ
ଏକ ଫୁଲବଣ, ଦେଇଯାଏ ଏଇ ରାଣ
ତୋଳିବାକୁ ହେବ ତତେ ଫୁଲଟିଏ ସବୁଦିନ
ପ୍ରେମ
ପୁରୁଣା ମଦ ସେ
ଯେତେ ବାସି ହୁଏ ସେତେ ନିଶା ବଢ଼ିଯାଏ
ବୟସ ତା ପାଖେ ଯାଏତ ହାରି
ଚିର ଯୌବନା ସିଏ

ପ୍ରେମ
ଯୁଗ ଯୁଗର ପ୍ରତୀକ୍ଷାଟିଏ
ମହାନୁଭବତାର ସୀମାହୀନ ସମ୍ପର୍କ ଟିଏ
ହୃଦୟ ବେଦୀରେ ପୂଜା ପାଉଥିବା ଫୁଲ ଟିଏ

ପ୍ରେମ
ନିର୍ଦ୍ଦୋଷ, ନିଷ୍କପଟ, ନିଷ୍କଳଙ୍କ, ନିଃସ୍ୱାର୍ଥପର,
ନିର୍ବାସନିକ ସ୍ନେହ

ପ୍ରେମ
ଆତ୍ମାଟିଏ ସେ ଅନ୍ୟର ବନ୍ଧନ
ଜଣେ ଅନ୍ୟ ଜଣକ ପାଇଁ ପୂର୍ଣ୍ଣସମର୍ପଣ ।

♥ ଲଇଡ଼ା, ସମ୍ବଲପୁର

## ନବବରଷ....
### ସାଇପ୍ରସାଦ ସାହୁ

ଆଶାର ଆଲୋକ ଉଦ୍ଦୀପନା ନେଇ
ଆସିଅଛି ନବବରଷ,
ନୂଆ ସମ୍ଭାବନା ନୂଆ ଆଶ୍ୱସନା
ଭରିଅଛି ମନେ ହରଷ ।

ନବବରଷର ପ୍ରଥମ ଦିନରେ
ସଭିଏଁ ଶପଥ ନେବା,
ଆଜି କାର୍ଯ୍ୟ ଆଜି ସାରିଦେବା
କାଲି ପାଇଁ ନ ରଖିବା ।

ଗାନ୍ଧୀ, ଗୋପବନ୍ଧୁ, ମଧୁବାବୁଙ୍କ ପରି
ତାଙ୍କ ପଥେ ସଭେ ଯିବା
ଦୁଃଖୀ ଦରିଦ୍ରଙ୍କୁ ସାହାଯ୍ୟ ଯୋଗାଇ
ରୋଗୀଙ୍କ ସେବା କରିବା ।

ଏ ନବବରଷେ ଏତିକି କାମନା
ସଭିଙ୍କ ମନରେ ଥାଉ
ଏସନ ବରଷ ସମସ୍ତଙ୍କ ପାଇଁ
ହସଖୁସି ଆଣି ଦେଇ ।

ଆସିଛି ନୂଆବରଷଟି
ଦୁଃଖ, ସୁଖ ସବୁ ନେଇ
ସୁଖ ଓ ଶାନ୍ତିରେ ରହିବା ସଭିଏଁ
ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ପାଇ ।

♥ ସିନ୍ଧେକେଲା, ବଲାଙ୍ଗୀର

## ନିଜସ୍ୱ ଖୋଜରେ
### କ୍ଷୀରୋଦ୍ର କୁମାର ସାହୁ

ଆକାଶର ଦରଜାରେ
କେହିଜଣେ
ଦସ୍ତକ ଦେଲା ଭଳି
ଅବିକା ନବ ପଲ୍ଲବିତ
କୁସୁମ କଳିକାର
ପାଖୁଡାକୁ
ଖୁମ୍ପି ଦେଲା କାଳିଆ ଭ୍ରମର
ଚୁପ ହେଲା
ବହେ ଗାଳି ଦେଲା ଭଳି
ଗର ଗର ହେଲା ।
ନିରାଶାର ଭାବରେ
ପାଖୁଡାରୁ
ନିର୍ବିକାର ଚିତ୍ତରେ
ପଶ୍ଚାତପଦ ଦେଇ
ହାଏ ହୁତାସରେ
ନିରେଖେଇ ଦେଖୁଥିଲା
ନିଜର ପାରିବା ପଣିଆ
ପୁରୁଷାର୍ଥକୁ
ଆତ୍ମ ସମୀକ୍ଷା କରୁଥିଲା
ନିଜର ଦେହ ମନ
ଆକାର ଆଉ ଆୟତନର ।

♥ ବରପିଟା, ପାଟଣାଗଡ଼
ବଲାଙ୍ଗିର
(ମୋ) ୯୮୬୨୮୫୨୫୮୭

# ଭୋଟର ଲିଷ୍ଟରେ ବ୍ୟାପକ ଅନିୟମିତତା କରାଯାଇଛି : ଗୋଲକ ମହାପାତ୍ର

ଭୁବନେଶ୍ୱର,୯/୧ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ସ୍ୱଚ୍ଛତାକୁ ନେଇ ବିରାଟ ସନ୍ଦେହ ସୃଷ୍ଟି ହୋଇଛି । ନିର୍ବାଚନରେ କ୍ଷମତା, କଳ, ବଳକୁ ଅପବ୍ୟବହାର କରି ବ୍ୟାପକ ମାତ୍ରାରେ ହେରଫେର ଓ ଚଂଚକତା ଜରିଆରେ ଭୋଟ ହାତେଇବାର ହୀନ ପ୍ରୟାସ ଆରମ୍ଭ କରିସାରିଛି ଶାସକ ବିଜେଡି । ଭୋଟର ଲିଷ୍ଟ ପ୍ରସ୍ତୁତିରେ ବ୍ୟାପକ ଘୋଟାଲା କରାଯାଇଛି । ପ୍ରକୃତ ଭୋଟରଙ୍କ ନାମ ଭୋଟର ତାଲିକାରେ ପ୍ରକାଶ ପାଇନାହିଁ ।

ରାଜ୍ୟ ସରକାର ସର୍ବପ୍ରଥମେ ଗୋଟିଏ ଡ୍ରାଫ୍ଟ ଭୋଟର ଲିଷ୍ଟ ପ୍ରକାଶ କରି ସାଧାରଣ ଭୋଟରଙ୍କ ଦାବୀ, ଆପତି, ଅଭିଯୋଗ ଆଦି ଶୁଣିବା ପରେ ଯାଇ ଚୁଡାନ୍ତ ଭୋଟର ଲିଷ୍ଟ ଘୋଷଣା ହୋଇଥାନ୍ତା । କିନ୍ତୁ ଅଭିଯୋଗ ତ ଦୂରର କଥା, ଡ୍ରାଫ୍ଟ ଭୋଟର ଲିଷ୍ଟ ମଧ୍ୟ ସାର୍ବଜନୀନ କରାଗଲା ନାହିଁ । ଗତ ଡିସେମ୍ବର ୧୪ ତାରିଖ ଦିନ ଚୁଡାନ୍ତ ଭୋଟର ଲିଷ୍ଟ ପ୍ରକାଶ ପାଇବାର ଥିଲା । ସଂରକ୍ଷଣରେ ପରିବର୍ତନ ହେଉଛି ବୋଲି କହି ଭୋଟର ତାଲିକା ପ୍ରକାଶକୁ ଘୁଂଚାଇ ଘୁଂଚାଇ ଚାଲିଲେ । କେବଳ ଯାଜପୁର ଜିଲ୍ଲା ବ୍ୟତୀତ ଅନ୍ୟ କୌଣସି ଜିଲ୍ଲାରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରାଯାଇନାହିଁ । ଭୋଟର ଲିଷ୍ଟ ମାଗିଲେ ମଧ୍ୟ ଜିଲ୍ଲାପାଳ ଏବଂ ବିଡିଓମାନେ ଦେଉନାହାନ୍ତି ଏବଂ ତାଙ୍କୁ ବାରଣ କରାଯାଇଛି ବୋଲି ମଧ୍ୟ କହୁଛନ୍ତି । ଚୁଡାନ୍ତ ଭୋଟର ତାଲିକା ପ୍ରକାଶନର ତାରିଖ ଶେଷ ହୋଇଯାଇଥିଲେ ସୁଦ୍ଧା କାହିଁକି ପ୍ରକାଶ ପାଇନାହିଁ ?

ପ୍ରତ୍ୟେକ ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାର ଚୁଡାନ୍ତ ଭୋଟର ତାଲିକା ପ୍ରକାଶ କରି ରାଜ୍ୟ ନିର୍ବାଚନ କମିଶନଙ୍କୁ ଗୋଟିଏ ଏବଂ ପ୍ରତ୍ୟେକ ରାଜନୈତିକ ଦଳମାନଙ୍କୁ ୨-୨ଟି କପି ପଠାଇବାର ନିୟମ ଥିବା ସତ୍ୱେ ତାଲିକା ଦେବା ପାଇଁ ତାଙ୍କ ପାଖକୁ କୌଣସି ନିର୍ଦ୍ଦିଷ୍ଟ ବିଜ୍ଞପ୍ତି ବା ନିର୍ଦ୍ଦେଶ ଆସି ନାହିଁ ବୋଲି ଜିଲ୍ଲାର ଡିପିଓମାନେ ଉତର ରଖୁଛନ୍ତି । ଭୋଟର ତାଲିକା ପ୍ରକାଶ ନକରାଯାଇ ରାଜ୍ୟରେ କେମିତି ପଂଚାୟତ ନିର୍ବାଚନ ହେବ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି ।

ସେହିପରି ପ୍ରତ୍ୟେକ ଜୋନ ପାଇଁ ଗୋଟିଏ ସ୍ଥାନରେ ଭୋଟ ଗଣତି




ହେବ ବୋଲି ଘୋଷଣା କରାଯିବା ମଧ୍ୟ ସ୍ୱଚ୍ଛ ନିର୍ବାଚନ ପରିଚାଳନାକୁ ନେଇ ଉତ୍ପନ୍ନ ହୋଇଥିବା ସନ୍ଦେହକୁ ଦୃଢୀଭୁତ କରିଛି । ଗୋଟିଏ ଜିଲ୍ଲା ପରିଷଦ ଜୋନରେ ୬ ରୁ ୮ଟି ପଂଚାୟତ ଏବଂ ୧୦୦ ରୁ ୧୫୦ ପର୍ଯ୍ୟନ୍ତ ୱାର୍ଡ ରହିଛି । ଏ ସମସ୍ତ ପାଇଁ ଗୋଟିଏ ଭୋଟ ଗଣତି କେନ୍ଦ୍ରରେ ସମସ୍ତ ପଦ ପାଇଁ ସର୍ବନିମ୍ନ ୭୦୦ରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଥିବାବେଳେ ସମାନ ସଂଖ୍ୟାରେ ତାଙ୍କ ଏଜେଂଟ ମଧ୍ୟ ଥିବେ । ଏହା ବ୍ୟତୀତ ଭୋଟ ଗଣତି କର୍ମଚାରୀ ଥିବେ । ଏଭଳି ଭିଡରେ ଭୋଟ ଗଣତି କିପରି ସ୍ୱଚ୍ଛ ହେବ ? କରୋନା ସଂକ୍ରମଣ କାରଣରୁ ଜନଗହଳି ହ୍ରାସ କରିବାକୁ ଗାଇଡଲାଇନ ଥିବାବେଳେ ଅଯଥା ଗହଳି କରାଯାଇ ଚଂଚକତା କରିବାର ପ୍ରୟାସ କରୁଛି ଶାସକ ବିଜେଡି । ତେଣୁ ଭୋଟ ଗଣତିରେ ମଧ୍ୟ ସ୍ୱଚ୍ଛତା ରହିବ ନାହିଁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଚୁଡାନ୍ତ ନିଷ୍ପତି ଗ୍ରହଣ ପୂର୍ବରୁ ରାଜ୍ୟ ନିର୍ବାଚନ କମିଶନ ଡେମୋ ଦେଖାଇବା ଉଚିତ୍ । ନଚେତ୍ ପୁରୁଣା ପଦ୍ଧତିରେ ଭୋଟ ଗଣନା କରାଯାଉ । ରାଜ୍ୟ ନିର୍ବାଚନ କମିଶନ ଏଥି ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ପଂଚାୟତ ନିର୍ବାଚନକୁ ସ୍ୱଚ୍ଛତାର ସହ ପରିଚାଳନା କରନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂପାଦକ ଅମର ନାୟକ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଏବଂ ପଂଚାୟତରାଜ ବିଭାଗ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶଙ୍କର୍ଷଣ ପରିଡା ଉପସ୍ଥିତ ଥିଲେ ।

# କରୋନା ବୁଷ୍ଟର୍ ଡୋଜ୍‌କୁ ନେଇ ସାଇବର ଠକ ସକ୍ରିୟ

## ଫେକ୍ କଲ୍, ମେଲ୍ ଓ ମେସେଜ୍ ଜରିଆରେ ପଠାଉଛନ୍ତି ମାଲୱେର ଲିଙ୍କ୍, ଓଟିପି ପଠାଇ ମୋବାଇଲ୍ ହ୍ୟାକ୍ କରୁଛନ୍ତି

ଭୁବନେଶ୍ୱର ,୧୦/୧ (ନି.ପ୍ର): କରୋନା ତୃତୀୟ ଲହରରେ ଓମିକ୍ରନକୁ ନେଇ ରାଜ୍ୟ ସମେତ ଦେଶରେ ଭୟର ବାତାବରଣ ସୃଷ୍ଟି ହୋଇଛି । ତେଣୁ ତୃତୀୟ ଲହରକୁ ପ୍ରତିହତ କରିବା ପାଇଁ ଆସନ୍ତାକାଲି ସାରା ଦେଶରେ ବୁଷ୍ଟର ଡୋଜ୍ ଦିଆଯିବ । ପ୍ରଥମେ ୬୦ବର୍ଷରୁ ଉର୍ଦ୍ଧ୍ୱ ଲୋକ ଏବଂ କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ମେଡିକାଲ୍ କର୍ମଚାରୀଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ବୁଷ୍ଟର ଡୋଜ୍ ଦିଆଯିବ । ଏହାକୁ ନଜରରେ ରଖି ସାଇବର ଠକ ଏବେ ଲୋକଙ୍କ ମୋବାଇଲକୁ ବିଶେଷ କରି ଦ୍ୱିତୀୟ ଡୋଜ୍ ନେବା ସତ୍ୱେ କରୋନା ଆକ୍ରାନ୍ତ ହୋଇଥିବା ଲୋକଙ୍କ ସବିଶେଷ ତଥ୍ୟ ସଂଗ୍ରହ କରି ସେମାନଙ୍କ ମୋବାଇଲ୍‌କୁ ମେସେଜ୍ ପଠାଉଛନ୍ତି । କେବଳ ଏତିକି ନୁହେଁ, ୬୦ବର୍ଷରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଫେକ୍ କଲ୍ ଜରିଆରେ ବୁଷ୍ଟର୍ ଡୋଜ୍ ନେବା ପାଇଁ ସେମାନେ ମୋବାଇଲକୁ ପଠାଉଥିବା ଲିଙ୍କ୍‌ରେ ଯାଇ ପଞ୍ଜୀକରଣ କରିବାକୁ କହୁଛନ୍ତି ।



ଓମିକ୍ରନକୁ ନେଇ ଭୟଭୀତ ଥିବାରୁ ବୟସ୍କମାନେ ଆଗପଛ ବିଚାର ନ କରି ସାଇବର ଠକର କହିବାନୁଯାୟୀ ଲିଙ୍କ୍‌କୁ କ୍ଲିକ୍ କରି ଠକେଇର ଶିକାର ହେଉଥିବା ଜଣାପଡ଼ିଛି । ଏନେଇ ସାଇବର ବିଶେଷଜ୍ଞ ଆକାଶ ମିଶ୍ର କହିଛନ୍ତି, ଉତ୍ତର ଭାରତରେ ଏହି ଠକେଇ ବ୍ୟାପକ ପରିମାଣରେ ହେଉଥିବା ଅଭିଯୋଗ ଆସିଛି । ସାଇବର ଠକ କୋଭିଡ୍ ବୁଷ୍ଟର ଡୋଜ୍‌ର ପଞ୍ଜୀକରଣ କରାଇବା ଆଳରେ ମାଲୱେର୍ ଲିଙ୍କ ପଠାଉଛନ୍ତି । ଏହି ଲିଙ୍କ୍‌ରେ କ୍ଲିକ୍ କରିବା ପରେ ସାଇବର ଠକ ଦ୍ୱାରା ତିଆରି ହୋଇଥିବା ନକଲି ୱେବସାଇଟ୍‌ରେ ଟିକାକରଣର ସ୍ଲଟ୍ ବୁକିଂ କରିବା ପାଇଁ ତାରିଖ ଏବଂ ପୂର୍ବରୁ ଦ୍ୱିତୀୟ ଡୋଜ୍ ଟିକା ନେଇଥିବା ସାର୍ଟିଫିକେଟର ସବିଶେଷ ତଥ୍ୟ, ଆଧାର କାର୍ଡ ଦେବାକୁ ନିର୍ଦ୍ଦେଶ ଥାଏ । ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ତଥ୍ୟ ଦେବା ପରେ ସାଇବର ଠକ ମୋବାଇଲ୍‌କୁ ପଞ୍ଜୀକରଣର ନିଶ୍ଚିତ କରାଇବା ପାଇଁ ଓଟିପି ପଠାଏ । ଏହା ପରେ ଉକ୍ତ ଓଟିପି ଦେବାକୁ କହିଥାଏ । ଓଟିପି ଦେବା ପରେ ସାଇବର ଠକ ମୋବାଇଲକୁ ସଂପୂର୍ଣ୍ଣ ନିଜ ନିୟନ୍ତ୍ରଣକୁ ନେଇଥାଏ । ଏହା ପରେ ମୋବାଇଲ୍‌ରେ ଥିବା ୟୁପିଆଇ ବ୍ୟାଙ୍କିଂ ଡିଟେଲ୍ସ ଓ ଅନ୍ୟାନ୍ୟ ତଥ୍ୟ ନେଇ ଲୋକଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌ରୁ ଟଙ୍କା ଲୁଟିନେଇଥାଏ । ଏପରିକି ମୋବାଇଲ୍‌ର ହ୍ୱାଟ୍‌ସଆପ୍ ବ୍ୟବହାର କରି ସଂପର୍କୀୟଙ୍କୁ ମେସେଜ୍ କରି ଟଙ୍କା ମଧ୍ୟ ନେଇଥାଏ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ତେଣୁ ଏଥିରୁ ବର୍ତ୍ତିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ କୋୱିନ୍ ପୋର୍ଟାଲକୁ ଯାଇ ବୁଷ୍ଟର୍ ଡୋଜ୍‌ର ପଞ୍ଜୀକରଣ କରାଇବାକୁ ସେ କହିଛନ୍ତି । ଏହା ସହ ଏଭଳି ଫେକ୍ ମେସେଜ୍ ବା କଲ ଆସିଲେ କିମ୍ବା ଠକେଇର ଶିକାର ହେଲେ ସାଇବର ଥାନାର ସହାୟତା ନେବାକୁ ସେ ପରାମର୍ଶ ଦେଇଛନ୍ତି । ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ସମୟରେ ସାଇବର ଠକ ଲୋକଙ୍କୁ ଅକ୍ସିଜେନ୍ ସିଲିଣ୍ଡର, ଅକ୍ସିମିଟର, ଔଷଧ ଓ ରେମେଡିସିଭର ଇଂଜେକ୍ସନ ଆଦି ଦେବେ କହି ଠକେଇ କରିଥିବା ବେଳେ ଟିକାକରଣ ସମୟରେ ମଧ୍ୟ ବ୍ୟାପକ ମାତ୍ରାରେ ଠକେଇ ହୋଇଥିଲା ।

## ରାଜ୍ୟର ସବୁ ଜିଲ୍ଲାରେ ଓମିକ୍ରନର ଉପସ୍ଥିତି ରହିଛି: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୦/୧ (ନି.ପ୍ର): ରାଜ୍ୟର ମୁଖ୍ୟତଃ ୪/୫ ଟି ଜିଲାରେ ଅଧିକା ସଂକ୍ରମଣ ହେଉଛି । ଏହାସହ ସବୁ ଜିଲ୍ଲାରେ ଓମିକ୍ରନର ଉପସ୍ଥିତି ରହିଛି । ଏହା କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ସେ କହିଛନ୍ତି, ଦେଶରେ ସଂକ୍ରମଣ ବଢିବା ସହ ରାଜ୍ୟରେ ମଧ ସଂକ୍ରମଣ ବଢୁଛି । କିଛି ବିଶେଷଜ୍ଞ କହିଛନ୍ତି ଦିଲ୍ଲୀ, ମହାରାଷ୍ଟ୍ରରେ ଜାନୁଆରି ୧୫ ସୁଦ୍ଧା ପିକ ନେବ । ସେହି ଅନୁସାରେ ଆମର ତାର ୧୦ରୁ ୧୫ ଦିନ ଭିତରେ ପିକ୍ ନେବାର ସମ୍ଭାବନା ରହିଛି । ଏହା ଭିତରେ ଆମ ଟେଷ୍ଟ ସର୍ଭିଲାନ୍ସ ଓ ଟିକାକରଣକୁ ମଧ ବଢାଯାଇଛି । ଯେଉଁଭଳି ଭାବେ ଏବେ ସଂକ୍ରମଣ ବଢୁଛି ଲୋକ ତାକୁ ହାଲୁକା ଭାବେ ନ ନେଇ ସଜାଗ ହେବା ଆବଶ୍ୟକ । ସ୍ଥିତି ଉପରେ ସରକାର ନଜର ରଖିଛନ୍ତି । ଏପଟେ ଟେଷ୍ଟିଂ କିଟକୁ ନେଇ କଳାବଜାରୀ ବଢୁଥିବାରୁ ଆଇସିଏମଆର ଦ୍ୱାରା ଅନୁବନ୍ଧିତ କିଟରେ ଟେଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ।

## ନିୟମ ଭାଙ୍ଗିଲେ ଗଣିବେ ୫୦୦ ଟଙ୍କା

ଭୁବନେଶ୍ୱର(ଓଡ଼ିଶା ରିପୋର୍ଟର): ସାବଧାନ ରାଜଧାନୀବାସୀ । ଆଉ ବରଦାସ୍ତ କରି ହେବନି । ଏଣିକି କୋଭିଡ ନିୟମ ଭାଙ୍ଗିଲେ ଗଣିବାକୁ ପଡ଼ିବ ୫ ଶହ ଡଣ୍ଡ । ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ସବୁଠୁ ଅଧିକ ଚିହ୍ନଟ ହେଉଛନ୍ତି ରାଜଧାନୀ ଭୁବନେଶ୍ୱରରୁ । ତେଣୁ ଅମାନିଆ ରାଜଧାନୀବାସୀଙ୍କ ସାବାଡ଼ କରିବାକୁ ଏଣିକି ଜରିମାନା ଗଣିବାକୁ ପଡ଼ିବ ବୋଲି ଟ୍ୱିଟ କରିଛି ବିଏମ୍‌ସି ।

ବିଏମସି ପକ୍ଷରୁ କୁହାଯାଇଛି, କୋଭିଡ୍‌ର ନୂତନ ଭାରିଏଣ୍ଟ ଓମିକ୍ରନ ସଂକ୍ରମଣ ବଢିବାରେ ଲାଗିଛି । ଏଥିପାଇଁ ଆମକୁ ଅଧିକ ସତର୍କ ରହିବାକୁ ପଡିବ । ଆପଣଙ୍କ ସତର୍କତା ହିଁ ଆପଣଙ୍କୁ କରୋନା ମହାମାରୀ ଠାରୁ ସୁରକ୍ଷିତ ରଖିବ ।

# ମିଶନାରୀ ଅଫ ଚ୍ୟାରିଟିକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଅର୍ଥ ପ୍ରଦାନ ନିଷ୍ପତ୍ତି ପ୍ରତ୍ୟାହାର କରାଯାଉ : ଭିଏଚପି

ଭୁବନେଶ୍ୱର,୯/୧ (ନି.ପ୍ର): ଗତ ଜାନୁଆରୀ ୪ ତାରିଖ ରେ ରାଜ୍ୟ ସରକାର ମିଶନାରୀ ଅଫ ଚାରିଟି ସଂସ୍ଥାକୁ ମୁଖ୍ୟମନ୍ତ୍ରୀ ଙ୍କ ରିଲଫ ପାଣ୍ଠିରୁ ୭୮ଲକ୍ଷ ୬୭ ହଜାର ଟଙ୍କାର ସହାୟତା ଘୋଷଣା କରିବା ନିଷ୍ପତିକୁ ଭିଏଚପି ଦୃଢ ନିନ୍ଦା କରିବା ସହ ଏହି ନିଷ୍ପତିକୁ ପ୍ରତ୍ୟାହାର କରିବାକୁ ଦାବି କରିଛି । ବିଶ୍ୱ ହିନ୍ଦୁ ପରିଷଦ ର ରାଷ୍ଟ୍ରୀୟ ମହାମନ୍ତ୍ରୀ ମିଲିନ୍ଦ ପରାଣ୍ଡେ ଆଜି ଏକ ସାମ୍ବାଦିକ ସମିଳନୀ ରେ କହିଛନ୍ତି ଯେ ମିଶନାରୀ ଅଫ ଚାରିଟି ସଂସ୍ଥା ବିରୋଧରେ ଅନେକ ଅପରାଧିକ ମାମଲା ବିଷୟ ଜନମାନସ ରେ ଚର୍ଚ୍ଚା ହେଉଛି ଓ ପିଲା ବିକ୍ରି ଠାରୁ ଆରମ୍ଭ କରି ଧାର୍ମାନ୍ତୀକରଣ ପର୍ଯ୍ୟନ୍ତ ଅନେକ ଅଭିଯୋଗ ଆସିଛି ଓ ଏଭଳି ଏକ ସଂସ୍ଥାକୁ ଅର୍ଥ ପ୍ରଦାନ କରି ରାଜ୍ୟ ସରକାର ନିଜର ନୈତିକ ଅଧୋପତନର ପରିଚୟ ଦେଇଛନ୍ତି ଓ ଅନ୍ୟ ପକ୍ଷରେ କୋଭିଡ ସମୟରେ ଦୟନୀୟ ଜୀବନ ବିତାଉଥିବା ମନ୍ଦିର ପୂଜକ ମାନଙ୍କୁ ଓଡିଶା ସରକାର କୌଣସି ଅନୁଦାନ ପ୍ରଦାନ କରିନାହାନ୍ତି ଓ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ମଠ ମନ୍ଦିର ପାଇଁ ସରକାର ଙ୍କ ଚିନ୍ତା ନାହିଁ , ସମାଜରେ ବାଳାଶ୍ରମ, ଅନାଥାଶ୍ରମ, ଜରା ନିବାସ ଆଦି ଅନେକ ସଂସ୍ଥା ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିବା ସତ୍ୱେ ମୁଖ୍ୟମନ୍ତ୍ରୀ ନିଜ ରିଲିଫ ପାଣ୍ଠି ରୁ ସେମାନଙ୍କୁ କେବେ ସହଯୋଗର ହାତ ବଢ଼ାଇଛନ୍ତି କି ? ଅଥଚ ମିଶନାରି ମାନଙ୍କୁ ସରକାର ନିଜ ଆଡୁ ଅଯାଚିତ ଭାବରେ ଏହି ଅର୍ଥ ପ୍ରଦାନ କରିବା ପକ୍ଷପାତିତା ର ପରିଚୟ ଅଟେ । ଅନେକ ହିନ୍ଦୁ ସଂସ୍ଥା ମାନଙ୍କ ସହ ଓଡିଶା ସରକାର ପକ୍ଷପାତିତା ବିଚାର କରି ସରକାରୀ ଅନୁଦାନ ବନ୍ଦ କରୁଥିବା ସମୟରେ ମିଶିନାରୀ ସଂସ୍ଥା କୁ ଲକ୍ଷ ଲକ୍ଷ ଟଙ୍କା ମାଗିବା ପୂର୍ବରୁ ପ୍ରଦାନ କରିଦେଲେ, ଏହା ହିନ୍ଦୁ ମାନଙ୍କ ପ୍ରତି ଅପମାନ ନୁହଁ କି ? ସରକାରଙ୍କ ଏପରି ହିନ୍ଦୁ ବିରୋଧୀ ସର୍ବପରି ଓଡିଶା ବିରୋଧୀ ମାନସିକତାକୁ ବିଶ୍ୱହିନ୍ଦୁ ପରିଷଦ ଦୃଢ ବିରୋଧ କରୁଛି ଓ ଓଡିଶା ର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମାନଙ୍କୁ ଆହ୍ୱାନ କରୁଛି ଯେ ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ହେବାକୁ ଥିବା ବୈଚାରିକ ଆନ୍ଦୋଳନ ରେ ସାମିଲ ହୋଇ ଓଡିଶା ର ହିତ ସାଧନ ରେ ସହଯୋଗ କରନ୍ତୁ ଓ ସରକାରଙ୍କୁ ପଥଭ୍ରଷ୍ଟ ହେବାରୁ ରକ୍ଷା କରନ୍ତୁ ଓ ହିନ୍ଦୁ ବିରୋଧୀ ମାନଙ୍କୁ ପ୍ରୋତ୍ସାହନ ଦେବା ର କାର୍ଯ୍ୟକଳାପ ବିରୋଧ ରେ ବିଶ୍ୱହିନ୍ଦୁ ପରିଷଦ ସମାଜ କୁ ଜାଗ୍ରତ କରିବ । ସେ କହିଛନ୍ତି ଯେ - ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଲୋକମାନେ କରିଥିବାର ଅନେକ ସୂତ୍ର ଉପଲବ୍ଧ ଥିବା ସତ୍ୱେ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ନ୍ୟାୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି ଓ ଏହାର ଏକମାତ୍ର କାରଣ ଖ୍ରୀଷ୍ଟିଆନ ମତାବଲମ୍ବୀ ଙ୍କ ପ୍ରତି ଅନୁକମ୍ପା ଓ ତୁଷ୍ଟିକରଣ ଓ ଓଡିଶାରେ ମିଶନାରୀମାନଙ୍କ ଦ୍ୱାରା ଧାର୍ମାନ୍ତୀକରଣ ପ୍ରକ୍ରିୟା ଅବାଧ ଭାବରେ ଚାଲୁଅଛି ଓ ଓଡିଶା ବିଧାନ ସଭାରେ ପାରିତ ହୋଇଥିବା ଧାର୍ମାନ୍ତୀକରଣ ନିରୋଧ ଆଇନୀକୁ ସରକାର ପାଳନ କରିବାରେ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି ଓ ଏମିତି ଅନେକ ଘଟଣା ଅଛି ଯାହା ପ୍ରମାଣିତ କରିଛି ଯେ ରାଜ୍ୟ ସରକାର ପ୍ରାୟ (୩ %) ତିନି ପ୍ରତିଶତ ଈସାଇ ପାଇଁ ୯୪% ହିନ୍ଦୁଙ୍କୁ ବାରମ୍ବାର ଆଘାତ ଦେଇ ଚାଲିଛନ୍ତି ଓ ଯାହାର ସଦ୍ୟତମ ଉଦାହରଣ ହେଉଛି, ଓଡିଶା ଭଳି ଏକ ଗରିବ ରାଜ୍ୟର ସାଧାରଣ ଜନତାଙ୍କ ପାଇଁ ଉଦ୍ଧିଷ୍ଟ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିର ଅର୍ଥକୁ ମିଶନାରୀ ମାନଙ୍କ ହାତକୁ ଟେକି ଦିଆଯାଇଛି ।

ଏହି ସାମ୍ବାଦିକ ସମିଳନୀ ରେ ବିଶ୍ୱହିନ୍ଦୁ ପରିଷଦ ର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ସପନ ମୁଖାର୍ଜୀ, ରାଜ୍ୟ ସଭାପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରାନ୍ତ ସଂଗଠନ ମନ୍ତ୍ରୀ ଆନନ୍ଦ କୁମାର ପାଣ୍ଡେ ରାଜ୍ୟ ସମ୍ପାଦକ ପଣ୍ଡିତ ମହେଶ କୁମାର ସାହୁ ଓ ରାଜ୍ୟ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ ଏବଂ ବିଶ୍ୱ ହିନ୍ଦୁ ପରିଷଦ ର ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ଭୁବନେଶ୍ୱରରେ ବଢ଼ିଲା କୋଭିଡ୍ ହସ୍ପିଟାଲ୍ ଓ ଶଯ୍ୟା ସଂଖ୍ୟା

ଭୁବନେଶ୍ୱର ,୧୦/୧ (ନି.ପ୍ର): ଭୁବନେଶ୍ୱରରେ ବଢ଼ିଲା କୋଭିଡ୍ ହସ୍ପିଟାଲ ଓ ଶଯ୍ୟା ସଂଖ୍ୟା । କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ନିଆଯାଇଛି ଏହି ପଦକ୍ଷେପ । ପୂର୍ବରୁ ସମ ଓ ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲକୁ ଅନୁମତି ମିଳିଥିବା ବେଳେ ଏବେ ହାଇଟେକ ଓ କିମ୍ସ ହସ୍ପିଟାଲ ସହ ଚୁକ୍ତି କରିଛି ବିଏମସି । କିମ୍ସ କୋଭିଡ ହସ୍ପିଟାଲରେ ୫୦୦ ଓ ହାଇଟେକ କୋଭିଡ ହସ୍ପିଟାଲରେ ୨୩୯ଟି ଶଯ୍ୟାର ବ୍ୟବସ୍ଥା କରାଯାଇଛି । ପୂର୍ବରୁ ସମ୍ କୋଭିଡ ହସ୍ପିଟାଲରେ ୮୧୦ ଓ ଆଦିତ୍ୟ ଅଶ୍ୱିନୀ କୋଭିଡ ହସ୍ପିଟାଲରେ ୧୫୦ଟି ଶଯ୍ୟାର ସୁବିଧା ଥିଲା । ରାଜଧାନୀରେ ଏବେ ମୋଟ କୋଭିଡ୍ ହସ୍ପିଟାଲ୍ ସଂଖ୍ୟା ୪କୁ ବୃଦ୍ଧି ପାଇଥିବା ବେଳେ ଶଯ୍ୟା ସଂଖ୍ୟା ୧୬୯୯କୁ ବୃଦ୍ଧି ପାଇଛି । ଏହା ସହିତ ବିଏମ୍‌ସି ପକ୍ଷରୁ ପଟିଆ ଓ ଡୁମଡୁମା ଠାରେ ୧୦୦ ଶଯ୍ୟା ବିଶିଷ୍ଟ ଦୁଇଟି କୋଭିଡ କେୟାର ସେଣ୍ଟର ଖୋଲାଯାଇଛି । ଆଗକୁ ଆବଶ୍ୟକ ସ୍ଥଳେ କୋଭିଡ ହସ୍ପିଟାଲ ଓ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ ବୋଲି ବିଏମସି କମିଶନର ସଂଜୟ ସିଂହ କହିଛନ୍ତି । ଗତକାଲି ଯେଉଁ ରିପୋର୍ଟ ଆସିଥିଲା ସେଥିରେ ଭୁବନେଶ୍ୱରରେ ୫୮୧ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା କୁହାଯାଇଥିଲା । ଆଜି ଆସିଥିବା ରିପୋର୍ଟ ଅନୁଯାୟୀ, ଗତ ୨୪ ଘଣ୍ଟାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬୧୯ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାରୁ ଭୁବନେଶ୍ୱରରେ ଗତକାଲି ରିପୋର୍ଟ ଠାରୁ ଆଜିର ରିପୋର୍ଟରେ ଆକ୍ରାନ୍ତଙ୍କ ସଂଖ୍ୟା ବେଶ୍ ବୃଦ୍ଧି ପାଇଥିବ ବୋଲି ଆଶଙ୍କା କରାଯାଉଛି । ପଜିଟିଭ୍ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଭୁବନେଶ୍ୱରରେ ପ୍ରାୟ ପ୍ରତ୍ୟେକ ଦିନ କିଛି ନା କିଛି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଉଛି । ଆଜି ମଧ ୭ଟି ସ୍ଥାନକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି । ଏହି ୭ଟି ସ୍ଥାନ ଦକ୍ଷିଣପୂର୍ବ ଜୋନ୍‌ରେ ରହିଛି ।

# ପ୍ରିକସନ ଡୋଜ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୧୦/୧ (ନି.ପ୍ର): ସମଗ୍ର ରାଜ୍ୟରେ ଆଜିଠୁ ପ୍ରିକସନ ଡୋଜ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବରିଷ୍ଠ ନାଗରିକ,ସମ୍ମୁଖ ଯୋଦ୍ଧା ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଦିଆଯାଉଛି ଏହି ଟିକା । ଏନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟରେ ମୋଟ ୧୭ ଲକ୍ଷ ୫୨ ହଜାର ୮୩୮ ଲୋକ ପ୍ରିକସନ ଟିକା ନେବେ । ଯେଉଁମାନଙ୍କର ସେକେଣ୍ଡ ଡୋଜରୁ ୯ ମାସ ବା ୩୯ ସପ୍ତାହ ହୋଇଥିବ, ସେମାନେ ପ୍ରିକସନ ଡୋଜ ପାଇଁ ଯୋଗ୍ୟ ହେବେ । ଜାନୁଆରି ଶେଷ ସୁଦ୍ଧା ୫ ଲକ୍ଷ ୨୫ ହଜାର ୬୦୭ ଲୋକ



ପ୍ରିକସନ ଡୋଜ ପାଇଁ ଯୋଗ୍ୟ ହେବେ । ବର୍ତ୍ତମାନ ରାଜ୍ୟର ୩୬୧୬ ସେସନ ସାଇଟରେ ଟିକାକରଣ ଚାଲିଛି । ସେଥିମଧ୍ୟରୁ ୧୩୪୦ ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ରରେ ୧୫ରୁ ୧୮ ବର୍ଷର କିଶୋରଙ୍କ ଟିକାକରଣ ଚାଲିଛି । ପ୍ରିକସନ ଡୋଜ ନେବା ପାଇଁ ନୂଆ ପଞ୍ଜିକରଣ କରିବାର ଆବଶ୍ୟକତା ନାହିଁ । କେବଳ ସ୍ଲଟ ବୁକିଂ କରିବାର ଆବଶ୍ୟକ ରହିଛି । ସ୍ଲଟ ବୁକିଂ ପାଇଁ ଉଭୟ ଅନ ଲାଇନ ଓ ଅଫ ଲାଇନ ବ୍ୟବସ୍ଥା ରହିଛି । ଯିଏ ଯେଉଁ ଟିକା ନେଇଥିଲେ ସେମାନେ ସେହି ଟିକା ନେବେ ।

# ଦଳୀୟ ସଂଗଠନରେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି : ସ୍ମୃତିରଞ୍ଜନ

## ଆଗାମୀ ପଂଚାୟତ ନିର୍ବାଚନରେ ଚିଟ୍‌ଫଣ୍ଡ ହେବ ମୁଖ୍ୟ ପ୍ରସଙ୍ଗ

ଭୁବନେଶ୍ୱର ,୧୦/୧ (ନି.ପ୍ର): ଭାରତୀୟ ଜାତୀୟ କଂଗ୍ରେସ ହେଉଛି ଦେଶର ସର୍ବ ପୁରାତନ ଓ ସର୍ବ ବୃହତ ଶୃଙ୍ଖଳିତ ରାଜନୈତିକ ଦଳ । ଜାତିର ପିତା ମହାତ୍ମା ଗାନ୍ଧି ଓ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ନୀତି ଓ ଆଦର୍ଶ ହେଉଛି ଏହି ଦଳର ମୁଖ୍ୟ ଭିତିଭୂମି । ତେଣୁ ଦଳୀୟ ସଂଗଠନରେ ବିଶୃଙ୍ଖଳାକୁ କୌଣସି ପ୍ରକାରେ ବରଦାସ୍ତ କରାଯିବନି ବୋଲି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି । ଏହି ଅବସରରେ ସେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ଯୁଗ୍ମ ସମ୍ପାଦକ ଦେବବ୍ରତ ମହାନ୍ତିଙ୍କୁ ଯୁବ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଥିବା ସୂଚନା ଦେଇଛନ୍ତି । ଡ. ଲେଙ୍କା କହିଛନ୍ତି ଯେ, ଯୁବ କଂଗ୍ରେସ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନବିରୋଧୀ କାର୍ଯ୍ୟକୁ ନେଇ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇ ଆସିଛି । ରାଜ୍ୟର ଗରିବ ଜନସାଧାରଣଙ୍କ କଷ୍ଟ ଉପାର୍ଜିତ ଟଙ୍କାକୁ ଚିଟ୍‌ଫଣ୍ଡ ଜରିଆରେ ବହୁ ଦଲାଲ ଲୁଟି ନେଇଛନ୍ତି । ପୁଲିସ ପ୍ରଶାସନ ତ ଦୂରର କଥା ସିବିଆଇ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଲାସୁତରାରେ ସିବିଆଇ ତଦନ୍ତକୁ ଶିଥିଳ କରିଦିଆଯାଇଛି । ଚିଟ୍‌ଫଣ୍ଡ ଦଲାଲମାନେ ନିର୍ଭୟରେ ବୁଲୁଥିବା ବେଳେ ଗରିବ ଜମାକାରୀମାନେ ଟଙ୍କା ଫେରି ପାଇବାକୁ ଚାହିଁ ବସିଛନ୍ତି । ଯୁବ କଂଗ୍ରେସ ସବୁବେଳେ ଏହି ଜମାକାରୀମାନଙ୍କ ସହିତ ରହିଆସିଛି । ଜମାକାରୀଙ୍କୁ ସେମାନଙ୍କ ଅର୍ଥ ଫେରାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ଆସନ୍ତା ପଂଚାୟତ ନିର୍ବାଚନରେ ଚିଟ୍‌ଫଣ୍ଡକୁ ଯୁବ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରି ତୃଣମୂଳସ୍ତରରେ ଗରିବ ଜନସାଧାରଣଙ୍କ ପାଖରେ ପହଂଚିବ । ଏପରି କି ଆଗାମୀ ଦିନରେ ଏହି ପ୍ରସଙ୍ଗକୁ ନେଇ ସିବିଆଇ ଅଫିସ ଘେରାଉ କରାଯିବ ବୋଲି ଡ. ଲେଙ୍କା ଚେତାବନୀ ଦେଇଛନ୍ତି ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୪୮୨୯ କରୋନା ପଜିଟିଭ୍ ଚିହ୍ନଟ : ୪୪୮ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୧୦/୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୪୮୨୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୮୨୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୨୦୦୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୪୪୮ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬୧୯ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬୯ ଜଣ, ବାଲେଶ୍ୱର ଜିଲ୍ଲାରୁ ୨୧୦ ଜଣ, ବରଗଡ଼ରୁ ୮୪ ଜଣ, ଭଦ୍ରକରୁ ୬୯ ଜଣ, ବଲାଙ୍ଗୀରୁ ୧୦୪ ଜଣ, ବୌଦ୍ଧରୁ ୬ ଜଣ, କଟକରୁ ୪୦୧ ଜଣ, ଦେବଗଡ଼ରୁ ୧୯ ଜଣ, ଢେଙ୍କାନାଳରୁ ୨୩ ଜଣ, ଗଞ୍ଜାମରୁ ୪୯ ଜଣ, ଗଜପତିରୁ ୩୨ ଜଣ, ଜଗତସିଂହପୁରରୁ ୪୬ ଜଣ, ଯାଜପୁରରୁ ୬୬ ଜଣ, ଝାରସୁଗୁଡ଼ାରୁ ୧୮୯ ଜଣ, କଳାହାଣ୍ଡିରୁ ୪୮ ଜଣ, କନ୍ଧମାଳରୁ ୮ ଜଣ, କେନ୍ଦ୍ରାପଡ଼ାରୁ ୨୪ ଜଣ, କେନ୍ଦୁଝରରୁ ୬୩ ଜଣ, ଖୋର୍ଦ୍ଧାରୁ ୯୩୩ ଜଣ, କୋରାପୁଟରୁ ୭୭ ଜଣ, ମାଲକାନଗିରିରୁ ୧୧ ଜଣ, ମୟୂରଭଞ୍ଜରୁ ୧୮୨ ଜଣ, ନବରଙ୍ଗପୁରରୁ ୮୫ ଜଣ, ନୟାଗଡ଼ରୁ ୨୪ ଜଣ, ନୂଆପଡ଼ାରୁ ୫୧ ଜଣ, ପୁରୀରୁ ୧୩୦ ଜଣ, ରାୟଗଡ଼ାରୁ ୮୨ ଜଣ, ସମ୍ବଲପୁରରୁ ୬୪୪ ଜଣ, ସୋନପୁରରୁ ୩୨ ଜଣ, ସୁନ୍ଦରଗଡ଼ରୁ ୮୬୯ ଜଣ ଓ ଷ୍ଟେଟ ପୁଲରୁ ୨୧୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୭୫ ହଜାର ୬୯୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ଭିତରୁ ୧୦ ଲକ୍ଷ ୪୬ ହଜାର ୬୧୭ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୨୦ ହଜାର ୫୬୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି । ସୂଚନାଯୋଗ୍ୟ, ଗତକାଲି ୪୭୧୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଜାନୁଆରି ୮ ତାରିଖରେ ୩୬୭୯ ଜଣ , ଜାନୁଆରି ୭ ତାରିଖରେ ୨୭୦୩ ଜଣ, ଜାନୁଆରି ୬ ତାରିଖରେ ୧୮୯୭ ଜଣ , ଜାନୁଆରି ୫ ରେ ୧୨୧୬, ଜାନୁଆରି ୪ ରେ ୬୮୦, ଜାନୁଆରି ୩ ରେ ୪୨୪, ଜାନୁଆରି ୨ରେ ୪୨୪, ଜାନୁଆରି ୧ରେ ୨୯୮, ଡିସେମ୍ବର ୩୧ରେ ୨୨୮, ଡିସେମ୍ବର ୩୦ରେ ୨୨୫, ଡିସେମ୍ବର ୨୯ରେ ୨୨୧ ଓ ଡିସେମ୍ବର ୨୮ରେ ୧୫୬ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ । ଖୋର୍ଦ୍ଧା, କଟକ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ସ୍ଥିତି ଉଦବେଗଜନକ ଥିବା ଜଣାଯାଇଛି ।

## ମଝି ଆକାଶରେ ହୃଦ୍‌ଘାତ : ଚାଲିଗଲା ଜୀବନ

ଭୁବନେଶ୍ୱର ,୧୦/୧ (ନି.ପ୍ର): ରାଞ୍ଚିରୁ ଚେନ୍ନାଇ ଯାଉଥିବା ଏୟାର ଏସିଆ ବିମାନରେ ବସନ୍ତ କୁମାର ପାଶୱାନ (୪୦) ନାମକ ଜଣେ ବ୍ୟକ୍ତିଙ୍କର ହୃଦ୍‌ଘାତ ହେବାରୁ ବିମାନଟି ଭୁବନେଶ୍ୱର ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି । ହେଲେ ଯାତ୍ରୀ ଜଣଙ୍କ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ବିଜୁ ପଟ୍ଟନାୟକ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ରବିବାର ସଂଧ୍ୟାରେ ରାଞ୍ଚିରୁ ଆସୁଥିବା ବିମାନରେ ଜଣେ ଯାତ୍ରୀଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିବାରୁ ବିମାନଟି ଭୁବନେଶ୍ୱରରେ ଜରୁରୀ ଅବତରଣ କରିଥିଲା । ବିମାନବନ୍ଦରରେ ଥିବା ଆମ୍ବୁଲାନ୍ସରେ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଉକ୍ତ ଯାତ୍ରୀଙ୍କ ସହ ଆସିଥିବା ତିନିଜଣ ମହିଳା ଯାତ୍ରୀଙ୍କୁ ଭୁବନେଶ୍ୱରରେ ଓହ୍ଲାଇ ଦେବା ପରେ ବିମାନଟି ଚେନ୍ନାଇ ଅଭିମୁଖେ ଯାଇଛି । କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ଯେ ବିମାନରେ ହୃଦ୍‌ଘାତ ହେବାରୁ ଯେଉଁ ଯାତ୍ରୀଜଣଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କର ପହଞ୍ଚିବା ବେଳକୁ ମୃତ୍ୟୁ ହୋଇଯାଇଥିଲା ।

## ମହାମାରୀର ଆହ୍ୱାନ: ସତତ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ସରକାର ଗ୍ରାମାଞ୍ଚଳରୁ ସହରାଞ୍ଚଳ ଯାଏଁ ଜରୁରୀ ସ୍ୱାସ୍ଥ୍ୟ ସହାୟତା ପାଇଁ ଡାକ୍ତର, ସହାୟକ ତଥା ଜରୁରୀ ଚିକିତ୍ସା ସହାୟତା ସମେତ ଅକ୍ସିଜେନ, ଔଷଧ,ବେଡର ବ୍ୟବସ୍ଥା କରିବାକୁ ହେବ। ଜରୁରୀ ରୋଗୀଙ୍କୁ ପ୍ରାଥମିକତା ଦେଇ ବିଭିନ୍ନ ଡାକ୍ତରଖାନାରେ ରୋଗୀ ଗହଳି ନିୟନ୍ତ୍ରଣ ପାଇଁ ତ୍ୱରିତ ମୋବାଇଲ ଚିକିତ୍ସା ସହାୟତା ସହ କୋଭିଡ ଗାଇଡ ଲାଇନକୁ କଡାକଡି କରିବା ଉଚିତ୍। ବେପରୁଆ ନହେଲେ ଆଗକୁ କରୋନା ନିଶ୍ଚୟ ପ୍ରତିହତ ହେବ। ସମସ୍ତେ ସତତ ସ୍ୱାସ୍ଥ୍ୟ ସଚେତନ ହେଲେ, କରୋନା ଗାଇଡ ଲାଇନ ମାନି ଚଳିଲେ ଜୀବନ ରହିବ ଓ ଜୀବିକା ମଧ ଚାଲୁରହିବ। ଆମେ ବେପରୁଆ ହେଲେ ସଂକ୍ରମଣ ବ୍ୟାପିବ, ବର୍ଷ ବର୍ଷ ଧରି ପୂର୍ବବର୍ଷ ଭଳି ତାଲାବନ୍ଦ ଜନୀତ ଆର୍ଥିକ ଦୁର୍ଗତିର ଆମ ସଭିଙ୍କୁ ଶୀକାର ହେବାକୁ ପଡିବ। ଭିଡ ଓ ସମାବେଶ ଠାରୁ ଦୂରେଇ ମୁହଁରେ ସଠିକ ଢଙ୍ଗରେ ତୁଣ୍ଡି ଦେଇ କୋଭିଡ ଗାଇଡ ଅନୁପାଳନ କରିପାରିଲେ ଏହି ମହାମାରୀକୁ ଆମେ ସଫଳ ଭାବେ ପ୍ରତିହତ କରିପାରିବା। କରୋନା ବିରୋଧରେ ଆମର ସଂଗ୍ରାମ କେବଳ ସଚେତନତା, କିନ୍ତୁ ସନ୍ତ୍ରସ୍ତତା ନୁହେଁ। ଆମର ଦୀର୍ଘ ସ୍ୱଭାବିକ ସୁସ୍ଥ ଜୀବନ ପାଇଁ ଆମକୁ ଯତପରୋନାସ୍ତି କୋଭିଡ ଗାଇଡ ଲାଇନ ରହି ଜୀବନ ନିର୍ବାହ କରିବାକୁ ହେବ। ଆମ ବେପରୁଆ ପଣରେ ସଂକ୍ରମଣ ବ୍ୟାପି କେହି ଅବା ନିଜେ ଅବା ପରିବାର ଆଗକୁ ଅଯଥା ସଂକ୍ରମିତ ନହୁଅନ୍ତୁ, କରୋନା ସଂକ୍ରମଣ ପାଇଁ ଅଯଥାରେ କେହି ଅକାଳରେ ମୃତ୍ୟୁ ମୁଖରେ ନପଡନ୍ତୁ, ଏଥି ପାଇଁ କାହାର ପରିବାର ଉଜୁଡି ନଯାଉ, ଶିକ୍ଷା,ସ୍ୱାସ୍ଥ୍ୟ, ସମାଜ ବ୍ୟବସ୍ଥା ସମେତ ଆର୍ଥିକ ସନ୍ତୁଳନ ଆଉ ଅଧିକ ବିଗିଡି ନଯାଉ, କରୋନା ଅଚଳାବସ୍ଥା ଆଗକୁ ଆଉ ନବଢୁ, କେହି ଶିଶୁ ଅନାଥ ନହୁଅନ୍ତୁ, ଏଥି ପାଇଁ ଆମକୁ ସବୁବର୍ଗ ଓ ସବୁ କ୍ଷେତ୍ରରେ ସଂଯମୀ ହୋଇ ତଥା ସବୁମତେ ନିରବଚ୍ଛିନ୍ନ ଭାବେ ମାନବିକତାର ଦ୍ୱାହି ଦେଇ ଆମେ ସମସ୍ତେ କୋଭିଡ ଗାଇଡ ଲାଇନରେ ରହି ସମାଜ ହିତୈଷୀ ହେବାକୁ ପଡିବ ହିଁ ପଡିବ। କାରଣ କରୋନା ହାରିବା ଦରକାର। ଜୀବନ ଜିତିବା ଦରକାର।

## ରଣା ସାପ ଉଦ୍ଧାର

ନୀଳଗିରି, ୧୦/୦୧ (ନି.ପ୍ର): ଆଜି ସକାଳେ ଦିନ ପ୍ରାୟ ୮ଘଟିକା ସମୟରେ କଷବା ଜୟପୁର ପଂଚାୟତ ଅଧିନ ତିନିପଡ଼ା ଗ୍ରାମର ଶିକ୍ଷକ ଗୋବର୍ଦ୍ଧନ ପରିଡ଼ାଙ୍କ ବାଡ଼ିରେ ଥିବା ଏକ ପରିତ୍ୟକ୍ତ ନଳକୂପରେ ୫ଫୁଟ ଲମ୍ବର ରଣା ସାପ ପଡ଼ିଯାଇଥିବା ର ଖବର ପାଇ ବନବିଭାଗର ପଂଚଲିଙ୍ଗେଶ୍ୱର ବିଟ୍ ଫରେଷ୍ଟର ରାମେଶ୍ୱର ମୁର୍ମୁ ଓ ସବୁଜ ବାହିନୀ ଜୟନ୍ତ କୁମାର ସେଠି ଉପସ୍ଥିତ ରହି ସାପଟିକୁ ଉଦ୍ଧାର କରିଥିଲେ। ନୀଳଗିରିର ସାପ ଧରାଳୀ ମନୋରଂଜନ ଦାସ ଏହି ସାପଟିକୁ ଉଦ୍ଧାର କରି ସ୍ଥାନିୟ ଦେବଗିରି ପାହାଡ଼ରେ ଛାଡ଼ି ଦେଇଥିବା ଜଣାପଡ଼ିଛି ।

## ନୂତନ ବିଡିଓଙ୍କ ଯୋଗଦାନ : ବିକାଶ ପ୍ରତି ଦେବେ ଗୁରୁତ୍ୱ

ଜଳେଶ୍ୱର, ୧୦/୧(ନିପ୍ର): ଆଜି ଅପରାହ୍ନରେ ଜଳେଶ୍ୱର ବ୍ଲକର ନୂତନ ବିଡିଓ ଅଶ୍ୱିନୀ କୁମାର ଦାସ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ଶ୍ରୀ ଦାସ କେନ୍ଦ୍ରାପଡା ଜିଲାରେ ବିଡିଓଭାବେ ଅବସ୍ଥାପିତ ଥିଲେ । ଆଜି ବ୍ଲକ ସମ୍ମିଳନୀ କକ୍ଷରେ ଶ୍ରୀ ଦାସଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ବିଜେଡି ବ୍ଲକ ସଭାପତି ଭୂପତି ମିର୍ଦ୍ଧା, ନିର୍ବାଚିତ ପ୍ରଂଚାୟତରାଜ ପ୍ରତିନିଧିମାନେ ନୂତନ ବିଡିଓଙ୍କୁ ଫୁଲତୋଡା ଦେଇ ସ୍ୱାଗତ ଜଣାଇଥିଲେ । ଜଳେଶ୍ୱର ଏକ ଉପାନ୍ତ ସ୍ଥାନ ଏବଂ ଉତ୍ତର ଦିଗରୁ ପ୍ରବେଶ ପଥ ବୋଲି କହିବା ସହିତ ଏହାର ସର୍ବାଙ୍ଗିନ ବିକାଶ ନେଇ ପ୍ରତିନିଧିମାନେ ଆଲୋଚନା କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ବିଡିଓ ଶ୍ରୀ ଦାସ ରାଜ୍ୟର ଉତ୍ତର ଉପାନ୍ତ ଜଳେଶ୍ୱରର ସର୍ବାଙ୍ଗୀନ ବିକାଶ ଦିଗରେ ଓ ସରକାରୀ ନିତି ନିୟମ ମଧ୍ୟରେ କାର୍ଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ପ୍ରକାଶଯୋଗ୍ୟ ପୂର୍ବ ବିଡିଓଙ୍କ ସମୟରେ କେତେକ କେଳେଙ୍କାରୀ କାର୍ଯ୍ୟ, ଅନିୟମିତତା ହୋଇଥିବା ବେଳେ ଏବେ ସେ କାର୍ଯ୍ୟର ପୁନରାବୃତି ନ ହେବାଲାଗି ବହୁ ବ୍ୟକ୍ତି ଆଶାପୋଷଣ କରିଛନ୍ତି ।

## ଯାତ୍ରୀବାହୀ ବସକୁ ଆକ୍ରମଣ କଲା ଦନ୍ତାହାତୀ

ବାରିପଦା, ୧୦/୦୧ (ନି.ପ୍ର): ଆଜି ସକାଳ ୯ଟା ସମୟେର ରାସେଗାବିନ୍ଦପୁର ରେଞ୍ଜ ଅଧିନ ଘାସମାରି ଜଙ୍ଗଲେର ଥିବା ୬୫ଟି ଝାଡ଼ଖଣ୍ଡୀ ହାତୀ ପଲରୁ ଗୋଟିଏ ଦନ୍ତାହାତୀ ଓଲମରା - ରାସେଗାବିନ୍ଦପୁର ମୁଖ୍ୟ ରାସ୍ତାକୁ ଆସିଥିଲା । ସେହି ସମୟେର ଟିକପଦା ରାସ୍ତାେର ବାଲେଶ୍ୱର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ତାରିଣୀ ବସକୁ ଦନ୍ତାହାତୀ ଆକ୍ରମଣ କରିଥିଲା । ଫଳେର ବସେର ଥିବା ଯାତ୍ରୀ ମାେନ ଭୟଭୀତ ହୋଇ ପଡିଥିଲେ । ଦନ୍ତାହାତୀଟି ବସର କିଛି କାଚ ଭାଙ୍ଗିବା ପେର ବସର ପଛପଟୁ ଆକ୍ରମଣ କରିଥିଲା । ତେବ ବସ



ଡ୍ରାଇଭର ଭୟଭୀତ ନେହାଇ ବସ ଟିକୁ ସୁରକ୍ଷିତ ଭାବେ ଘଟଣା ସ୍ଥଳରୁ ନେଇ ପଳାଇବାେର ସଫଳ ହୋଇଥିଲେ । ରାସେଗାବିନ୍ଦପୁର ରେଞ୍ଜ ଅଧିନେର ବିଭିନ୍ନ ଅଞ୍ଚଳେର ଝାଡ଼ଖଣ୍ଡୀ ଓ ଶିମିଳିପାଳ ହାତୀ ଉପଦ୍ରବ ଯୋଗୁଁ ସମସ୍ତ ଜନସାଧାରଣ ଭୟଭୀତ ଅବସ୍ଥାେର ଅଛନ୍ତି । ହାତୀ ପଲ ଘୋଡାଇବା ପାଇଁ ବନବିଭାଗ ପଦେକ୍ଷପ ନେଉଥିଲେ ମଧ ଅେନକ ସ୍ଥଳେର ହାତି ଉପଦ୍ରବ ଜାରି ରହିଛି ।

## ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ ସିନିଅର ଓ ଜୁନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳୀ ଚୟନ

ବାରିପଦା, ୧୦/୦୧ (ନି.ପ୍ର): ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଏବଂ ଓଡିଶା କ୍ରିକେଟ ଏସୋସିଏସନର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ ସିନିଅର । ଜୁନିଅର (୧୯ ବର୍ଷରୁ କମ ) କ୍ରିକେଟ ଟୁର୍ନାମେଣ୍ଟ ଓସିଏ ଭିଜନ - ୨୦୨୪ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଉଭୟ ଦଳ ପାଇଁ ଖେଳାଳି ଚୟନ କରାଯିବା ପାଇଁ ଇଚ୍ଛୁକ ଖେଳାଳି ମାନେ ନିଜ ନିଜ କ୍ଲବ ଜରିଆରେ ଚଳିତ ମାସ ୧୩ ତାରିଖ ଦିନ ସକାଳ ୧୦ଟାରୁ ୧୨ଟା ଏବଂ ଅପରାହ୍ନ ୨ଟାରୁ ୬ଟା ମଧ୍ୟରେ ନିଜ ନିଜର ମୂଳ ପ୍ରମାଣ ପତ୍ର ସହିତ ବାରିପଦା ଷ୍ଟାଡିୟମ ଅଫିସରେ ଗୋଟିଏ କ୍ଲବରୁ ସର୍ବାଧିକ ୧୫ ଜଣ ( ସିନିଅର୧୦ ଓ ଜୁନିଅର ୫ ଜଣ ) ନାମ ପଞ୍ଜିକୃତ କରାଇପାରିବେ ବୋଲି ଜଣାଯାଇଛି । କ୍ଲବ ସହିତ ଜଡିତ ନଥିବା ଖେଳାଳି ସିଧାସଳଖ ପ୍ରମାଣପତ୍ର ସହ ନିଜ ନାମ ପଞ୍ଜିକୃତ କରିପାରିବେ । ଖେଳାଳି ମାନେ ପଞ୍ଜିକରଣ ସମୟରେ ନିଜ ନିଜର ଡିଜିଟାଲ ଜନ୍ମ ସାର୍ଟିଫିକେଟ ସହ ଆଧାର କାର୍ଡ, ପାନ କାର୍ଡ, ଭୋଟର କାର୍ଡ ଦାଖଲ କରିବା ବାଧ୍ୟତାମୂଳକ ହୋଇଥିବା ବେଳେ, ଏହି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୧୦ଟି ଦଳ ଅଂଶ ଗ୍ରହଣ କରିପାରିବେ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସୂତ୍ରରୁ ପ୍ରକାଶ ।

## ମୁନି ସମାଜର କର୍ମକର୍ତ୍ତା ଚୟନ

ଛତିଆ, ୧୦/୦୧ (ନି.ପ୍ର): ଛତିଆ ଶାଖା କାର୍ଯ୍ୟାଳୟଠାରେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ଓ ବିଶ୍ୱପ୍ରାନ୍ତର କର୍ମକର୍ତ୍ତା ଚୟନ କରାଯାଇଛି । ସହଦେବଖୁଣ୍ଟା ଶିବମୁନି ଯୋଗାଶ୍ରମର ଅଧକ୍ଷ ଯୋଗାଚାର୍ଯ୍ୟ ଲେଖକ ଶଶଧର ମୁନି ବୈଠକରେ ଅଧକ୍ଷତା କରିଥିଲେ । ମୁନିଶ୍ୱର ଯୋଗେଶ୍ୱର ସଦ୍‌ଗୁରୁଦେବ ଶିବମୁନି ମହାରାଜଙ୍କ ଜୟଗାନ, ପ୍ରଣବ ଓ ଶୁଭଭାବନା ପରେ ଆତ୍ମଲୋକଗମନ କରିଥିବା ମୁନି, ମୁନିମତୀ, ଯୋଗୀ, ଯୋଗାଚାର୍ଯ୍ୟମାନଙ୍କ ବିଶ୍ରାନ୍ତି କାମନା ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ମହାଧିବେଶନ ସଂପର୍କରେ ପ୍ରଥମେ ସଭାପତି ଆଲୋଚନା ରଖିଥିଲେ । ସାହାରପଡ଼ା, ପାରାଦୀପ ଓ ସେଣ୍ଟତାରା ମହାଧିବେଶନ ପରେ ୨୨୨୦ରେ ପୁନଃ ତିନିବର୍ଷ ପାଇଁ କର୍ମକର୍ତ୍ତା ଜିଲ୍ଲାମାନଙ୍କରୁ ଆସିଥିବା ମନୋନୀତ ପ୍ରତିନିଧିମାନଙ୍କ ଦ୍ୱାରା ନୂତନ କାର୍ଯ୍ୟକାରୀ କମିଟି ଗଠନ ହୋଇ ପରବର୍ତ୍ତୀ ଦିନ ମହାଧିବେଶନରେ ଶପଥ ନେବା ବିଧିବିଧାନ ବାଇଲରେ ଅଛି । ସଭାପତିଙ୍କ ପ୍ରସ୍ତାବ ଓ ଅନୁରୋଧକୁ ସମ୍ମାନ ଜଣାଇ ନୂତନ କର୍ମକର୍ତ୍ତା ଚୟନ ପ୍ରସ୍ତାବ ସମର୍ଥନ ଓ ନିଷ୍ପତ୍ତିକ୍ରମେ ସଭାପତି ଭାବେ ଯୋଗାଚାର୍ଯ୍ୟ କମଳାକାନ୍ତ ମୁନି, ଉପସଭାପତି ଭାବେ ଯୋଗଚାର୍ଯ୍ୟ ଗଙ୍ଗାଧର ମୁନି, ଯୋଗୀ ମୀନକେତନ ମୁନି, ଯୋଗୀ ବଳରାମ ମୁନି, ଯୋଗୀ ସୁବାସ ମୁନି, ସଂପାଦକ ଭାବେ ଯୋଗୀ ଧ୍ରୁବଚରଣ ମୁନି, ସହସଂପାଦକ ଭାବେ ଯୋଗୀ ଯୋଗୀ ବସନ୍ତ ମୁନୀ, ଯୋଗୀ ଚିତ୍ତରଞ୍ଜନ ମୁନି, ସଂଗଠନ ପ୍ରଚାର ମନ୍ତ୍ରୀ ଭାବେ ଯୋଗୀ ଅନନ୍ତ ମୁନି, ସହସଂଗଠନ ପ୍ରଚାର ମନ୍ତ୍ରୀ ଭାବେ ଦଶରଥ ପଣ୍ଡା, ଯୋଗୀ ସୁବ୍ରତ ମୁନି, କୋଷାଧକ୍ଷ ଭାବେ ଯୋଗ ଶିକ୍ଷକ ଦୀପାଞ୍ଜଳି ଦାସ, ହିସାବ ସମୀକ୍ଷକଭାବେ ଯୋଗୀ ତ୍ରିଲୋଚନ ମୁନି, ଅମୂଲ୍ୟ ମୁନି, କାର୍ଯ୍ୟକାରୀ କମିଟି ସଭ୍ୟସଭ୍ୟା ଯୋଗୀ ଫାଲ୍‌ଗୁନି ମୁନି, ଯୋଗୀ ଅରୁଣ ମୁନି, ଘନଶ୍ୟାମ ମୁନି, ଲକ୍ଷ୍ମୀଧର ମୁନି, ନାରାୟଣ ମୁନି, ଜଗନ୍ନାଥ ମୁନି, ଯୋଗଶିକ୍ଷିକା ସ୍ନେହଲତା ଓଝା, ଯୋଗୀ କ୍ଷୀରୋଦ ମୁନି, ଉପଦେଷ୍ଟା ଭାବେ ଯୋଗାଚାର୍ଯ୍ୟ ଶଶଧର ମୁନି ଓ ଶ୍ରୀପତି ମୁନି ପ୍ରମୁଖ ସଭ୍ୟମାନଙ୍କୁ ନେଇ ଓଡ଼ିଶା ପ୍ରାନ୍ତ ମୁନି ସମାଜ କର୍ମକର୍ତ୍ତା ଚୟନ କରାଗଲା । ପଦାଧିକାରୀ ଓ ସଭ୍ୟମାନଙ୍କର ଦାୟିତ୍ୱ କର୍ତ୍ତବ୍ୟ ସମ୍ବନ୍ଧରେ ସଂପାଦକ ଧ୍ରୁବଚରଣ ମୁନି ଉପସ୍ଥିତ ସଭ୍ୟମାନଙ୍କୁ ବାଇ-ଲ ଅନୁସାରେ ଅବଗତ କରାଇଥିଲେ ।

## ଶ୍ୟାମାଖୁଣ୍ଟା ବ୍ଲକରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର କର୍ମୀ ସମ୍ମିଳନୀ ଓ ମିଶ୍ରଣ ସମାବେଶ

ବାରିପଦା, ୧୦/୦୧ (ନି.ପ୍ର): ଆଜି ଅପରାହ୍ନରେ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଠାରେ ଝାରଖଣ୍ଡ ମୁକ୍ତିମୋର୍ଚ୍ଚାର ପୂର୍ବ ମୟୂରଭଞ୍ଜ ଜିଲ୍ଲା ସଭାପତି ପ୍ରଭୁଦାନ ମାରାଣ୍ଡିଙ୍କ ତତ୍ୱାବଧାନରେ ବ୍ଲକ କମିଟି ଗଠନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ପଞ୍ଚାୟତର ବହୁ ଯୁବନେତା ବିଭିନ୍ନ ଦଳ ଛାଡି ଝାରଖଣ୍ଡ ମୁକ୍ତିମୋର୍ଚ୍ଚା ଦଳରେ ଯୋଗଦେଇଛନ୍ତି । ଏଥିରେ ରାଜ୍ୟ ସମ୍ପାଦକ ଜେଏମଏମର ନେତା ପଦ୍ମଲୋଚନ ମହାନ୍ତ ମୁଖ୍ୟଅତିଥି, ଜିଲ୍ଲା ସମ୍ପାଦକ ସୁନ୍ଦର ମୋହନ ସିଂ, ଯୁବନେତା ଅନନ୍ତ ମୁର୍ମୁ, ସାରଶକଣା ବ୍ଲକ କାର୍ଯ୍ୟକାରୀ ସଭାପତି ଗୋପାଳ ମୁର୍ମୁ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ



ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସଭାରେ ସର୍ବସମ୍ମତି କ୍ରମେ ଯୁବନେତା ରଞ୍ଜିତ ସିଂଙ୍କୁ ଶ୍ୟାମାଖୁଣ୍ଟା ବ୍ଲକ ସଭାପତି, ଶ୍ରୀ ଠାକୁରା ସୋରେନଙ୍କୁ ସାଧାରଣ ସମ୍ପାଦକ, କର୍ମୀ ସିଂଙ୍କୁ ୪୯ ନଂ ଜୋନର ସମ୍ପାଦକ, ସୁଧାଂଶୁ ଶେଖର ବାରିକଙ୍କୁ ସହ-ସମ୍ପାଦକ, ଦୁଃଖିଆ ମାଝୀଙ୍କୁ କୁଚିଲାଘାଟୀ ଗ୍ରାମପଞ୍ଚାୟତ ସଭାପତି, ଶ୍ରୀମତୀ ହାଁସଦାଙ୍କୁ ସମ୍ପାଦକ, ବୁଲଟୁ ସିଂଙ୍କୁ ସଭାପତି ଓ ସୁରାଇ ସିଂଙ୍କୁ ରଙ୍ଗାମାଟିଆ ଗ୍ରାମପଞ୍ଚାୟତର ସମ୍ପାଦକ, ଈଶ୍ୱର ମୁର୍ମୁଙ୍କୁ ଶ୍ୟାମାଖୁଣ୍ଟା ସହ-ସମ୍ପାଦକ, ବୁଧୁରାମ ସିଂଙ୍କୁ କେନ୍ଦୁଆ ଗ୍ରା.ପ.ର ସଭାପତି, ରାମେଶ୍ୱର ବେହେରାଙ୍କୁ ୫୦ ନଂ ଜିଲ୍ଲା ପରିଷଦ ଜୋନର ସମ୍ପାଦକ, ସଞ୍ଜିବ ବେହେରାଙ୍କୁ ଉପ-ସଭାପତି, ସୁନାରାମ ମହାନ୍ତଙ୍କୁ ପାଇକବସା ଗ୍ରା.ପ. ସମ୍ପାଦକ, ଅଜିତ କୁମାର ବାରିକ, ପ୍ରମୋଦ କୁମାର ବାରିକ, ହିରୋଣ୍ୟ ମହାନ୍ତ, ସଞ୍ଜିବ ମହାନ୍ତ ଓ ମାନସ ରଞ୍ଜନ ମହାନ୍ତ ପାଇକବସା, ହାଡିବନ୍ଧୁ ସିଂ ବାଉଁଶବିଲା ପ୍ରମୁଖ ଦଳରେ ଯୋଗଦାନ କରି କାର୍ଯ୍ୟକାରୀ କମିଟିର ସଦସ୍ୟ ହେଲେ । ଏହି ସଭାରେ ବ୍ୟୟଜ୍ୟେଷ୍ଠ ନେତା ଭାସ୍କର ପାତ୍ର ଓ ଦେବେନ୍ଦ୍ର ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନେତୁଆ ପଂଚାୟତର ଗଣଧାରଣା ୪ର୍ଥ ଦିନରେ

ଜଳେଶ୍ୱର, ୧୦/୧(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନେତୁଆ ପଂଚାୟତ ଉନ୍ନୟନ କାମରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସମିତି ସଦସ୍ୟ ସୁରେଶ କୁମାର ଜେନାଙ୍କ ନେତୃତ୍ୱରେ କେତେକ ପଂଚାୟତବାସୀ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଛନ୍ତି । ଗଣ ଧାରଣା ସଂପର୍କରେ ପୂର୍ବରୁ ଉଚ୍ଚ କର୍ତୃପକ୍ଷଙ୍କୁ ଲିଖିତ ସୂଚନା ଦିଆଯାଇଥିଲେ ମଧ୍ୟ ଆଜି ଧାରଣାର ୪ର୍ଥ ଦିନ ସୁଦ୍ଧା ଘଟଣାସ୍ଥଳରେ କେହି କର୍ମଚାରୀ ପହଞ୍ଚିନଥିବାର ଆନ୍ଦୋଳନକାରୀ ମାନେ କହିଛନ୍ତି । ଗଣଆନ୍ଦୋଳନର ଆଜି ୪ର୍ଥ ଦିନ ବିତିବାକୁ ଯାଉଥିବା ବେଳେ ଆନ୍ଦୋଳନସ୍ଥାନରେ କେହି ସରକାରୀ କର୍ମଚାରୀ ପହଞ୍ଚିନଥିବାରୁ ଏହା ଗଣତନ୍ତ୍ର ରାଷ୍ଟ୍ରରେ ଏହା ନିଆରା ଘଟଣାବୋଲି ସେମାନେ କହିଛନ୍ତି । ଏ ସମ୍ପର୍କରେ ବ୍ଲକ କର୍ତ୍ତୃପକ୍ଷ, ଜିଲାପାଳ ଓ ଭିଜିଲାନ୍ସ ବିଭାଗକୁ ଲେଖାଯାଇଥିଲେ ମଧ୍ୟ ଅଭିଯୋଗ ସଂପର୍କରେ ତଦନ୍ତ ହେଉନଥିବାରୁ ଆସନ୍ତା ମଂଗଳବାର ଠାରୁ ଆନ୍ଦୋଳନକାରୀମାନେ ଆମରଣ ଅନଶନ କରିବେ ବୋଲି କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । ପଂଚାୟତର ବିଭିନ୍ନ ରାସ୍ତାକାମ, ପିଇବାପାଣି ପ୍ରକଳ୍ପ, ବିଦ୍ୟୁତିକରଣ, ହରିଶ୍ଚନ୍ଦ୍ର ଯୋଜନା, ପୋଖରୀଘାଟ ଇତ୍ୟାଦିରେ ଅନୀୟମିତତା ସଂପର୍କରେ ସୁରେଶଚନ୍ଦ୍ର ଜେନା, ବାରିଦ ବରଣ ହୁଇ, ରତନ କୁମାର ଦତ୍ତ, ଚନ୍ଦନ କୁମାର ରାଉଳ, ରବିନ୍ଦ୍ର ନାଥ ଜେନା, ସପନ ରାଉଳ, ଦିଲ୍ଲିପ ପାଳ, ଚିନ୍ମୟ ହୁଇ ପ୍ରମୁଖ ବହୁ ଗ୍ରାମବାସୀ ଆଜି ଅଭିଯୋଗ କରିଛନ୍ତି ।

## ପୁଣି ଦୁଇଦିନିଆ ଚନ୍ଦ୍ରଭାଗା ଉତ୍ସବ ଆୟୋଜନ ନିଷ୍ପତ୍ତି

ବାଲେଶ୍ୱର,୧୦/୦୧ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ ଚନ୍ଦ୍ରଭାଗାର ୩୧/୩୨ବର୍ଷ ମହୋତ୍ସବର ସଂକ୍ଷିପ୍ତ କାର୍ଯ୍ୟକ୍ରମକୁ କରୋନା ପ୍ରକୋପ ହ୍ରାସପରେ ପୁଣି ଦୁଇଦିନିଆ ଉତ୍ସବ ଆୟୋଜନ ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ହୋଟେଲ କଳିଙ୍ଗ ପରିସରରେ ବରିଷ୍ଠ ଉପଦେଷ୍ଟା ରଜନୀ ଶତପଥୀଙ୍କ ପୌରୋହିତ୍ୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ କଟକଣା ମଧ୍ୟରେ ଚଳିତବର୍ଷ ୫ ଦିନିଆ ଚନ୍ଦ୍ରଭାଗା ମହୋତ୍ସବକୁ ଗତ ଡିସେମ୍ବର ୨୯ ଓ ୩୦ ତାରିଖ ଦୁଇଦିନ ମଧ୍ୟରେ ସଂକ୍ଷିପ୍ତ କରାଯାଇ ଅନୁଷ୍ଠିତ ହୋଇଥିଲା। ଅସଂପୂର୍ଣ୍ଣ ଭାବରେ ଆୟୋଜିତ ଚନ୍ଦ୍ରଭାଗୋତ୍ସବର ଅବଶିଷ୍ଟ ଉଦଯାପନୀ କାର୍ଯ୍ୟକ୍ରମ ଆସନ୍ତା ଫେବ୍ରୁଆରି ମାସ ଶେଷ ଭାଗରେ ଆୟୋଜନ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆଉ ଦୁଇଦିନ ନିରାଡମ୍ବର ଭାବେ ଏହି ଉତ୍ସବ ପାଇଁ ବୈଠକରେ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଦ୍ୱାନ ବ୍ୟକ୍ତି ହିଁ ନ୍ୟାୟପୂର୍ଣ୍ଣ ....

ନିର୍ମାଣ କରିଥାଏ। ଏହି ଜ୍ଞାନକୁ ଶିଖିବା, ଏହାକୁ ପ୍ରୟୋଗ କରିବା ଏବଂ ଆଗକୁ ବଢ଼ାଇବାର ଜିଜ୍ଞାସା ମାନବ ସମାଜକୁ ଅଗ୍ନି ଅନୁସରଣରୁ ଚାଷ ପର୍ଯ୍ୟନ୍ତ, ଆକାଶରେ ଉଡ଼ିବା ଠାରୁ ଆରମ୍ଭ କରି ଗ୍ରହକୁ ଯିବାର ବାଟ ବତାଇଲା। ଏହା ଉପରେ ଗୁରୁତ୍ୱାରୋପ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଆମର ସମସ୍ତଙ୍କ କର୍ତବ୍ୟ ହେଉଛି ଆମେ ଆମ ମାନଙ୍କର ପିଲା ମାନଙ୍କୁ ଶିକ୍ଷାର ମୌଳିକ ଅଧିକାର ଦେବା ପାଇଁ ସବୁଠୁ ଭଲ କାମ କରିବାର ଆବଶ୍ୟକତା ରହିଛି। ସେମାନଙ୍କୁ ସମ୍ପୂର୍ଣ୍ଣ କ୍ଷମତାର ଉପଯୋଗ କରିବା ଠାରୁ ମାଗଦର୍ଶନ କରିବା ଏବଂ ଏହିପରି ଭାବରେ ଦେଶ ଓ ଦୁନିଆକୁ ସର୍ବୋତମ ଏବଂ ଅଧିକ ସମାବେଶୀ କରିବା ଦରକାର। ୧୯୩୯ ମସିହାରେ କିଛି ଆବାସୀ ବିଦ୍ୟାଳୟକୁ ନେଇ ଆରମ୍ଭ ହୋଇଥିବା ଆଇପିଏସସିରେ ସୈନିକ ଏବଂ ସୈନ୍ୟ ସ୍କୁଲ ସମେତ ଏହି ସଂଖ୍ୟା ୮୧କୁ ବୃଦ୍ଧି ପାଇବା ନେଇ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି। ସମାଜ ଏବଂ ରାଷ୍ଟ୍ର ପାଇଁ ଜିଜ୍ଞାସୁ, ବିଦ୍ୱାନ ତଥା ବିଶେଷଜ୍ଞ ବ୍ୟକ୍ତି ନିର୍ମାଣ ପାଇଁ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି। ୧୯୩୯ରେ ପ୍ରତିଷ୍ଠିତ ଆଇପିଏସସି ପବ୍ଲିକ ସ୍କୁଲକୁ ଏକ ଭିନ୍ନ ପରମ୍ପରାରେ ମାଗଦର୍ଶନ ଦେଇଛି । ଯାହା ଭଲ ଭାବେ ଶିକ୍ଷା ପ୍ରଦାନ କରି ଛାତ୍ରଙ୍କ ଚରିତ୍ର ଏବଂ ବ୍ୟକ୍ତିତ୍ୱ ନିର୍ମାଣ କରିବାରେ ପ୍ରମୁଖ ଯୋଗଦାନ ରଖିଛି।

### ତୃତୀୟ ଲହରର ମୁକାବିଲା ନେଇ....

ସେପଟେ ରାଜ୍ୟରେ ୨୪ ଘଣ୍ଟାରେ ଚିହ୍ନଟ ହେଲେ ୪,୮୨୯ ଆକ୍ରାନ୍ତ । ଜାନୁଆରୀ ଶେଷ ଆଡକୁ ଶୀର୍ଷ ଛୁଇଁପାରେ ସଂକ୍ରମଣ ! ଖୋର୍ଦ୍ଧା, ସୁନ୍ଦରଗଡ଼, ସମ୍ବଲପୁର ଓ କଟକ ଜିଲ୍ଲାରେ ସ୍ଥିତି ସଙ୍ଗୀନ ହେବାରେ ଲାଗିଛି । ଖୋର୍ଦ୍ଧା ଓ ସୁନ୍ଦରଗଡ଼ ରେଡ୍ ଜୋନରେ ଥିବା ବେଳେ ସମ୍ବଲପୁର ଓ କଟକ ଜିଲ୍ଲା ୟେଲୋ ଜୋନରେ ରହିଛନ୍ତି । ନଜର ପକାନ୍ତୁ ଓଡ଼ିଶାର କରୋନା ମିଟର ଉପରେ । ପ୍ରତିଦିନ ବଢିଚାଲିଛି ସଂକ୍ରମିତଙ୍କ ସଂଖ୍ୟା । ସଂକ୍ରମଣ ହାର ମଧ ବଢୁଛି । ଗତ ଦୁଇ ଦିନ ହେଲା ୬ ପ୍ରତିଶତ ଉପରେ ରହୁଛି ସଂକ୍ରମଣ ହାର । ଦୈନିକ ସଂକ୍ରମଣ ୫ ହଜାର ମୁହାଁ ହୋଇଛି । ସେପଟେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି, ଯଦି ଦିଲ୍ଲୀ ଓ ମହାରାଷ୍ଟ୍ରରେ ଜାନୁଆରୀ ମଧ ଭାଗରେ ସଂକ୍ରମଣ ଶୀର୍ଷ ଛୁଇଁବ, ତେବେ ଜାନୁଆରୀ ଶେଷ ଆଡକୁ ଓଡ଼ିଶାରେ ପିକ୍ ଆସିପାରେ । ଏପଟେ ରାଜ୍ୟରେ ଆଉ ୨୩ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୧୦୩ରେ ପହଞ୍ଚିଛି ।

### ପଞ୍ଚାୟତ ନିର୍ବାଚନ ୩ ମାସ ସ୍ଥଗିତ....

ଗୁଡ଼ିକୁ ଦାବି କରିଛନ୍ତି। ଏହା ସହିତ ପଛୁଆ ବର୍ଗ ଓ ଏସ୍‌ଟି ବର୍ଗଙ୍କୁ ସଂରକ୍ଷଣ ପ୍ରସଙ୍ଗରେ ମଧ ସେମାନେ ନିର୍ବାଚନ ସ୍ଥଗିତ ରଖିବାକୁ ଦାବି କରିଛନ୍ତି। ସେହିଭଳି ପଞ୍ଚାୟତ ନିର୍ବାଚନ ବନ୍ଦ କରିବାକୁ ହାଇକୋର୍ଟରେ ମାମଲା ଦାଏର ହୋଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ମାମଲା ଦାଏର ହୋଇଛି। ଓବିସି ବର୍ଗଙ୍କୁ ସଂରକ୍ଷଣ ଦିଆଯାଇନଥିବାରୁ ନିର୍ବାଚନ ବନ୍ଦ କରିବାକୁ ଦାବି ହୋଇଛି। ସେହିପରି କରୋନା ବଢ଼ିଚାଲିଥିବାରୁ ପଞ୍ଚାୟତ ନିର୍ବାଚନ କିଭଳି ହେବ ବୋଲି ପରିଷଦ ପ୍ରଶ୍ନ କରିଛି। ଅନ୍ୟପକ୍ଷରେ ଆଜି ସର୍ବଦଳୀୟ ବୈଠକ ପରେ ରାଜ୍ୟ ନିର୍ବାଚନ କମିଶନ ଆଦିତ୍ୟ ପାଢ଼ି କହିଛନ୍ତି, କୋଭିଡ୍ ସ୍ଥିତିରେ ପଞ୍ଚାୟତ ନିର୍ବାଚନ କେମିତି କରାଯିବ ଓ କରାଯିବ କି ନାହିଁ, ସେ ନେଇ ସବୁ ଦଳ ସେମାନଙ୍କ ମତାମତ ଦେଇଛନ୍ତି। ନିର୍ବାଚନ ନେଇ କେନ୍ଦ୍ର ନିର୍ବାଚନ କମିଶନ (ସିଇସି) ଗାଇଡଲାଇନ କରିଛନ୍ତି। ସିଇସି ଙ୍କ ଗାଇଡଲାଇନ ଆଧାରରେ ଆମେ ଗାଇଡଲାଇନ କରୁଛୁ। ଖୁବ୍ ଶୀଘ୍ର ଆମେ ଉକ୍ତ ଗାଇଡଲାଇନ ଜାରି କରିବୁ।

### ୧୪ ଯାଏଁ ବର୍ଷା ....

ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର ଏବଂ ମୟୁରଭଞ୍ଜ ଜିଲ୍ଲା ପାଇଁ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର । ସେହିପରି ୧୨ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ଓ ବଜ୍ରପାତ ସମ୍ଭାବନା ରହିଛି। ଏହାସହ ବରଗଡ଼, ସମ୍ବଲପୁର, ଦେବଗଡ଼ ଏବଂ ସୁବର୍ଣ୍ଣପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ମଧ ହୋଇପାରେ । ଏସବୁ ଜିଲ୍ଲାରେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅଦିନିଆ ବର୍ଷା ପ୍ରଭାବରେ ଫସଲ ଏବଂ ପନିପରିବା ନଷ୍ଟ ହେବାର ସମ୍ଭାବନା ରହିଛି । ଅମଳ ଫସଲକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ଲାଗି ଏସ୍‌ଆରସି ଆଡଭାଇଜରି ଜାରି କରିଛନ୍ତି । ଡାଲି ଏବଂ ତୈଳବୀଜ ଫସଲରେ ସାମାନ୍ୟ ବିଳମ୍ବ କରିବା ସହ ପନିପରିବା ତୋଳି ନେଇ ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଛି। ୟେଲୋ ଆଲର୍ଟ ଜାରି କରାଯାଇଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏପଟେ ଅମଳ ଫସଲ ଖଳା ଏବଂ ମଣ୍ଡିରେ ଖୋଲା ଆକାଶ ତଳେ ପଡିଛି । ମଣ୍ଡିରେ ଧାନ ବିକ୍ରି ହୋଇପାରିନି ଏଣେ ଧାନ ସୁରକ୍ଷିତ ରଖିବାକୁ ଜାଗା ମଧ ନାହିଁ । ତେଣୁ ଚାଷୀମାନେ ଫସଲକୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ପରାମର୍ଶ ଦିଆଯାଇଛି ।

## ୨୪୪୯ ସମ୍ମୁଖ ଯୋଦ୍ଧା ଓ ବରିଷ୍ଠ ନାଗରିକଙ୍କୁ ବୁଷ୍ଟର ଡୋଜ୍

ପୁରୀ,୧୦/୦୧(ନି.ପ୍ର): କରୋନା ସଂକ୍ରମଣ ତୃତୀୟ ଲହରର ମୁକାବିଲା ଲାଗି ସମ୍ମୁଖ ଯୋଦ୍ଧା ଓ ବରିଷ୍ଠ ନାଗରିକଙ୍କୁ ସମଗ୍ର ଦେଶରେ ବୁଷ୍ଟର ଡ଼ୋଜ୍ ଟିକା ପ୍ରଦାନ କାର୍ଯ୍ୟକ୍ରମ ଆଜି ଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ଆଜି ପୁରୀ ଜିଲ୍ଲାର ୨୪୪୯ ଜଣ ସମ୍ମୁଖ ଯୋଦ୍ଧା ଓ ବରିଷ୍ଠ ନାଗରିକ ଟିକା ନେଇଛନ୍ତି। ବୁଷ୍ଟର ଡ଼ୋଜ୍ ଟିକା ପ୍ରଦାନ ଲାଗି ପୌରସଂସ୍ଥାର ୭ଟି ଓ ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରେ ୫୦ଟି ସ୍ଥାନରେ ଏହି ଟିକା ଦାନ ଅଭିଯାନ ଆରମ୍ଭ ହୋଇଛି। ଆଜି ୯୫୯ଜଣ ସ୍ୱାସ୍ଥ୍ୟ କର୍ମୀ,୧୧୦୪ଜଣ କେରୋନା ସମ୍ମୁଖଯୋଦ୍ଧା ଓ ୪୩୬ଜଣ ବରିଷ୍ଠ ନାଗରିକଙ୍କୁ ମିଶାଇ ୨୪୪୯ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଟିକା କରଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ,ବିନୟ କୁମାର ଦାଶ,ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ କୈଳାଶ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ଭବତାରଣ ସାହୁ,ଜିଲ୍ଲା ମୁଖ୍ୟଚିକିତ୍ସାଧିକରୀ ଡ଼ାକ୍ତର ପ୍ରଣବ ଶଙ୍କର ଦାଶ ଓ ଆପଦକାଳୀନ ଅଧିକରୀ ଜିତେନ୍ଦ୍ର କୁମାର ପାତ୍ର ପ୍ରମୁଖ ଉପସ୍ଥିତଥିଲେ।

## ଶ୍ୱଶୁର ଘରେ ଜ୍ୱାଇଁର ସନ୍ଦେହଜନକ ମୃତ୍ୟୁ

ନୀଳଗିରି, ୧୦/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଅଧିନସ୍ଥ ତେଲିପାଳ ପଂଚାୟତ ଧଡ଼ାସାହି ଗ୍ରାମର ଶ୍ୱଶୁର ଘରେ ଜ୍ୱାଇଁର ଝୁଲନ୍ତା ଅବସ୍ଥାରେ ମୃତ ଦେହ ଠାବ ହୋଇଥିବା ଜଣାଯାଇଛି । ସୂଚନା ଅନୁଯାଇ ମୟୂରଭଂଜ ଜିଲ୍ଲା ପୁରୁଣାପାଣି ଅଂଚଳର ଯୁବକ ପ୍ରଧାନ ସରେନ ବରହମପୁର ଥାନା ଅଧିନସ୍ଥ ତେଲିପାଳ ପଂଚାୟତ ଧଡ଼ାସାହି ଗ୍ରାମର ସାଇ ମୁର୍ମୁଙ୍କ ଝିଅକୁ ବିବାହ କରିଥିଲେ। ତାଙ୍କ ଔରସରୁ ଗୋଟିଏ ପୁଅ ଓ ଗୋଟିଏ ଝିଅ ଜନ୍ମଲାଭ କରିଛନ୍ତି । ବିଗତ କିଛି ଦିନ ଧରି ପ୍ରଧାନ ସରେନ ଧଡ଼ାସାହି ସ୍ଥିତ ଶ୍ୱଶୁର ଘରେ ରହି ଆସୁଥିଲେ। ମାତ୍ର ସୋମବାର ସକାଳୁ ପ୍ରଧାନ ସରେନ ଶୋଇବା ଘରେ ବେକରେ ଲୁଗା ସାହାଯ୍ୟରେ ଟଙ୍ଗା ହୋଇଥିବା ଦେଖିବାକୁ ମିଳିଥିଲା । ପରେ ବରହମପୁର ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ଖୋଳତାଡ଼ କରିଛି । ମୃତ ଦେହର ଗୋଡ଼ ଆଣ୍ଠେଇ ହୋଇ ଖଟ ଉପରେ ଝୁଲୁଥିବାର ଗ୍ରାମବାସୀମାନେ ହତ୍ୟା ଅଭିଯୋଗ ଆଣିଛନ୍ତି । ଯୁବକର ପରିବାର ତାଙ୍କ ପୁଅକୁ ହତ୍ୟା କରାଯାଇଥିବାର ଅଭିଯୋଗ କରିଥିଲା ବେଳେକୁ ଝିଅ ଘର ଲୋକେ ସ୍ତ୍ରୀ ସହିତ ଝଗଡ଼ା କରି ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି କହିଛନ୍ତି । ବରହମପୁର ପୋଲିସ ସାଇଂଟିଫିକ ଟିମ୍ ଡକାଇ ଯାଂଚ କରୁଥିବା ବେଳେ ଶବଟିକୁ ପୋଷ୍ଟମଟମ କରିବା ସହିତ ଘଟଣାର ଯାଂଚ କରୁଥିବା ଜଣାପଡ଼ିଛି ।

## ନିହାର ନଳିନୀ ଦେବୀଙ୍କର ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ମୟୂରଭଞ୍ଜ, ୧୦/୦୧ (ନି.ପ୍ର): ଶିମିଳିପାଳ ଇକୋ ଫ୍ରେଣ୍ଡସ ମହୁଲିଆ ସ୍କୁଲ ପକ୍ଷରୁ ବିଶ୍ୱ ପ୍ରସିଦ୍ଧ ବାଘୁଣୀ ଖଇରୀର ପାଳିତ ମାତା ନିହାର ନଳିନୀ ଦେବୀଙ୍କର ଏକାଦଶାହ ଉପଲକ୍ଷେ ନିରବ ସର୍ବ ଧର୍ମ ପ୍ରାର୍ଥନା, ସ୍ମୃତି ଚାରଣ ସଭା ଓଡିଶା ପରିବେଶ ସମିତିର ସଭାପତି ବିଶିଷ୍ଟ ଶିକ୍ଷାବିତ ଏବଂ ପରିବେଶବିତ ଡ଼କ୍ଟର ସୁନ୍ଦର ନାରାୟଣ ପାତ୍ରଙ୍କର ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି, ପ୍ରାରମ୍ଭରେ ମହୁଲିଆ ସ୍କୁଲର ଇକୋ କ୍ଲବର ଭାର ପ୍ରାପ୍ତ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ ଏବଂ ଇକୋ ଫ୍ରେଣ୍ଡସ ରାଜକୁମାର ମହାନ୍ତ ଏବଂ ଅଭିପ୍ସା ମହାନ୍ତ ନଳିନୀ ଦେବୀଙ୍କର ଫୋଟୋ ଚିତ୍ରରେ ପୁଷ୍ପ, ପୁଷ୍ପ ମାଲ୍ୟ ଏବଂ ଫୁଲ ଚନ୍ଦନ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ,ଏଥିରେ ସରୋଜ ରାଜ ଚୌଧୁରୀ,ବାଘୁଣୀ ଖଇରୀ ଓ ନିହାର ନଳିନୀ ଦେବୀଙ୍କ ସହିତ ଦୀର୍ଘ ଦିନ ନିକଟ ସମ୍ପର୍କ ରେ ଆସିଥିବା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଅବସର ପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ଡ଼କ୍ଟର ଲାଲା ଅଶ୍ୱିନୀ କୁମାର ସିଂହ ମୁଖ୍ୟ ଆଲୋଚକ ଭାବେ ଯୋଗ ଦାନକରି ଏକ ଅତି ହିଂସ୍ର ବନ୍ୟ ପ୍ରାଣୀ ବାଘୁଣୀ ଖଇରୀକୁ ନିଜର ସ୍ନେହ, ଶ୍ରଦ୍ଧା, ଭଲ ପାଇବାର ଅନାବିଳ ପ୍ରେମରେ ଆବଦ୍ଧ କରି ଏକାଠି ଖାଇବା, ପିଇବା, ଶୋଇବା, ଖେଳିବା, ବୁଲିବାର ଦୃଷ୍ଟାନ୍ତ ସୃଷ୍ଟି କରି ଥିବାରୁ ନିହାର ନଳିନୀ ମରି ମଧ ଚିର ଦିନ ଅମର ହୋଇ ରହିବେ ବୋଲି କହିଥିଲେ,ଅନ୍ୟ ମାନଙ୍କ ମଧରେ ଓଡିଶା ପରିବେଶ ସମିତିର ସମ୍ପାଦକ ଅଧାପକ ଡ଼କ୍ଟର ଜୟକୃଷ୍ଣ ମହାପାତ୍ର,ନିହାର ନଳିନୀଙ୍କର ସ୍କାଉଟ ଏବଂ ଗାଇଡ଼ ଛାତ୍ରୀ ଢେଙ୍କାନାଳର ଇକୋ କ୍ଲବ ମାଷ୍ଟର ଟ୍ରେନର ଦିପ୍ତିମୟୀ ଲେଙ୍କା, ଯାଜପୁରର ସଂଯୁକ୍ତା ମହାପାତ୍ର, ଭଦ୍ରକର ରଶ୍ମିତା ଦାସ, ଝାରସୁଗୁଡାର ପ୍ରଣତି ଜେନା, ଅନୁଗୁଳର ଅହିଂସା ମହାପାତ୍ର, ଚୌଦ୍ୱାର କଲେଜ କଟକର ପ୍ରାକ୍ତନ ଅଧକ୍ଷ ଜୟକୃଷ୍ଣ ମହାନ୍ତ, ସେଭ ଏଲିଫେଣ୍ଟ ଫାଉଣ୍ଡେସନ ମୟୁରଭଞ୍ଜର ପ୍ରମୁଖ ହରିହର ଦାସ, ଜାମଦାର ଅଧାପିକା ପ୍ରଜ୍ଞ୍ୟା ପରମିତା ମହାନ୍ତ, ଇକୋ ଗାଇଡ଼ ଲିକେଶ ପଣ୍ଡା,ଜଗତ ସିଂହପୁର ଇନସାଫର ସମ୍ପାଦକ ଉତ୍କଳ ରଞ୍ଜନ ମହାନ୍ତି, ଗଞ୍ଜାମର ମାଷ୍ଟର ଟ୍ରେନର ଡ଼କ୍ଟର ଶଙ୍କର ନାରାୟଣ ବେଜ, ଇକୋ ଫ୍ରେଣ୍ଡ ଦୀପକ ମହାନ୍ତ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ସ୍ୱର୍ଗତ ନିହାର ନଳିନୀ ଦେବୀଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପର୍ଯ୍ୟାବରଣ ଗର୍ଜ୍ଜିଧିରର ମୟୁରଭଞ୍ଜ ଜିଲ୍ଲା ପ୍ରମୁଖ ତଥା ଶିମିଳିପାଳ ଇକୋ ଫ୍ରେଣ୍ଡସର ସମ୍ପାଦକ ଡ଼କ୍ଟର ରମାକାନ୍ତ ମହାନ୍ତ, ଧନ୍ୟବାଦ ଅର୍ପଣ କରିଥିଲେ ଇକୋ ଫ୍ରେଣ୍ଡ ଡ଼କ୍ଟର ଧ୍ରୁବ ଚରଣ ପ୍ରଧାନ, ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ସଂଗଠନ ପକ୍ଷରୁ ସର୍ବ ସାଧାରଣରେ ପ୍ରଶଂସା କରା ଯାଇଛି ।

ବାଲେଶ୍ୱର, ମଙ୍ଗଳବାର, ୧୧ ଜାନୁଆରୀ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଚାଷୀଙ୍କ କ୍ଷତିପୂରଣ, ଋଣଛାଡ ଓ ଧାନବିକ୍ରି ଦାବିରେ ସତ୍ୟାଗ୍ରହ ଓ ଧାରଣା

ଜଳେଶ୍ୱର,୧୦/୦୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ଆର୍‌ଆଇ ଅଫିସ୍ ସାମ୍ନାରେ ଆଜି ନାମ୍ପୋ କୃଷକ ସମାଜ ପକ୍ଷରୁ ଗୋପାଳକୃଷ୍ଣ ଜେନାଙ୍କ ନେତୃତ୍ୱରେ ସତ୍ୟାଗ୍ରହ ଓ ଧାରଣା ଅନୁଷ୍ଠିତ ହୋଇଯାଇଛି । ଗତବର୍ଷ ପ୍ରତିକୂଳ ପାଗ, ଅଧିକ ବର୍ଷା, ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା, ଜୋଆଦ୍ ବାତ୍ୟା ଓ ଶେଷରେ ଚକଡା ପୋକ ଯୋଗୁଁ ଚାଷୀମାନଙ୍କର ବ୍ୟାପକ ଫସଲ ନଷ୍ଟ ହୋଇଛି । କିନ୍ତୁ ନାମ୍ପୋ ରାଜସ୍ୱ ନିରିକ୍ଷକ ଏ ସମ୍ପର୍କରେ ଠିକ୍ ଆକଳନ କରିନଥିବାର ଅଭିଯୋଗ ହୋଇଛି । କ୍ରପ୍ କଟିଂ ସମୟରେ ରାଜସ୍ୱ ବିଭାଗ, କୃଷିକ ବିଭାଗ ଓ ସର୍ବେକ୍ଷଣ ବିଭାଗର ସମନ୍ୱୟ ଅଭାବରୁ ଚାଷର କ୍ଷୟକ୍ଷତି ସମ୍ପର୍କରେ ସଠିକ୍ ରିପୋର୍ଟ ପ୍ରକାଶ ପାଇଲା ନାହିଁ । ତେଣୁ କ୍ଷତିଗ୍ରସ୍ତ ଚାଷୀମାନେ ସରକାରୀ ସୁବିଧାରୁ ବଂଚିତ ହେଲେ ଓ ଋଣ ଛାଡ ହୋଇ ପାରିଲା ନାହିଁ। ସେହିପରି ବର୍ଷା ଜନିତ ଘରଭାଂଗି ଅର୍ଥ ମଧ୍ୟ ଚାଷୀମାନେ ଠିକ୍‌ଭାବେ ପାଇପାରିଲେ ନାହିଁ । କାଳିଆ ଓ ବଳିଆ ଯୋଜନାରେ ମଧ୍ୟ ସବୁ ଚାଷୀଙ୍କୁ ସହାୟତା ରାଶି ମିଳିପାରି ନାହିଁ । ନାମ୍ପୋ ସମବାୟ ସମିତି (ପ୍ୟାକ୍ସ)ରେ ୫୫୦ ଜଣ ଚାଷୀ ଧାନ ବିକ୍ରିପାଇଁ ନାମ ପଂଜିକରଣ କରିଥିଲେ ମଧ୍ୟ ସେମାନଙ୍କର ସମସ୍ତ ଧାନ ବିକ୍ରି ହୋଇ ପାରିନାହିଁ । ତେଣୁ ଆଜି ଆର୍‌ଆଇ ଅଫିସ୍ ସମ୍ମୁଖରେ ଧାରଣା ଓ ସତ୍ୟାଗ୍ରହ ଆରମ୍ଭ ହୋଇଛି । ଚାଷୀଙ୍କ ଠାରୁ ଧାନ କ୍ରୟ, କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା, ଯୋଗ୍ୟ ଚାଷୀଙ୍କୁ କାଳିଆ ଓ ବଳିଆ ଯୋଜନାରେ ସହାୟତା ଦେବାକୁ ଦାବି କରି ଆଜି କୃଷକ ସମାଜ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଛି । ଅଲ ଇଣ୍ଡିଆ ପ୍ରଫେସନାଲ କଂଗ୍ରେସ ପ୍ରଦେଶ ସଭାନେତ୍ରୀ ମମତା କୁଣ୍ଡୁ, ମାମା ପଣ୍ଡା, କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ହେମନ୍ତ ଗିରି, ଜୟଶ୍ରୀ ଜେନା, ସୀତାରାଣୀ ଦାସ, ସରସ୍ୱତୀ ପାତ୍ର, ଶୁଭଦ୍ରା ପାତ୍ର, ଚନ୍ଦମୋହନ ରାଉଳ, କମଳଲୋଚନା ଭୂୟାଁ, ପ୍ରଦେଶ ଷଡଙ୍ଗୀ, ବିଜୟ ଅଧିକାରୀ, ସୁଶୀଲ ଦାସ, କାହ୍ନୁ ଦାସ ଓ ଜଗବଂଧୁ ଦାସ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ଥିଲେ । ଜଳେଶ୍ୱର ଥାନା ଅଧିକାରୀ ରୋଜାଲିନ୍ ବେହେରା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି ।

## ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ

ବାଲିଆପାଳ, ୧୦/୦୧ (ନି.ପ୍ର): ବାଲିଆପାଳ ବ୍ଲକ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଶ୍ରୀକାନ୍ତ ଜେନା ବୈଠକରେ ପୌରହିତ୍ୟ କରିଥିଲେ । ସଂଘର ସାଧାରଣ ସଂପାଦକ ରାଖାଲ ଚନ୍ଦ୍ର ଦାସ, ଉପସଭାପତି ଗଙ୍ଗାଧର କୁହ୍ଲାରୀ, ସଂଗଠନ ସଂପାଦକ ନିତ୍ୟାନନ୍ଦ ପାତ୍ର, ନରସିଂହ ବିଶ୍ୱାଳ, ନଗେନ୍ଦ୍ର ଦଣ୍ଡପାଟ, ମିଳନ କୁମାର ମହାନ୍ତି, ବନବିହାରୀ ଦାସ ଅଧିକାରୀ, ନବକୁମାର ଦାସ, ଝାଡେଶ୍ୱର ପାତ୍ର ପ୍ରମୁଖ ଯୋଗ ଦେଇ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା । ୨୬ଟି ରାଜ୍ୟ ସେମାନଙ୍କ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଚିକିତ୍ସା ଭତା ପ୍ରଦାନ କରୁଥିଲେ ମଧ ଆମ ରାଜ୍ୟ ସରକାରଙ୍କ ଠାରେ ଦୀର୍ଘ ବର୍ଷ ଧରି ବିଚାରଧୀନ ଥିବା ଚିକିତ୍ସା ଭତା କେନ୍ଦ୍ର ହାରରେ କାର୍ଯ୍ୟକାରୀ କରିବାକୁ ବୈଠକରେ ଦାବି ରଖାଯାଇଥିଲା । ଅନ୍ୟମାନଙ୍କ ମଧରେ କମଳାକାନ୍ତ ଦେହୁରୀ, ନାରାୟଣ ନାୟକ, ସଞ୍ଜୟ କୁମାର ବିଶ୍ୱାଳ, କୀର୍ତ୍ତନ କୁମାର ଦେ, ବେଣୁଧର ଦାସ, ଉପେନ୍ଦ୍ର କୁହ୍ଲାରୀ ସମେତ ଅନେକ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ଆଲୋଚନା ଅଂଶସ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ଦିବଂଗତ ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦର ପ୍ରମାଣିକ ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

## ଶ୍ରୀଅରବିନ୍ଦ ଯୋଗ ମନ୍ଦିରର ବିଂଶତମ ପ୍ରତିଷ୍ଠା ଦିବସ

ଜଳେଶ୍ୱର, ୧୦/୧(ନିପ୍ର): ଜଳେଶ୍ୱରସ୍ଥିତ ଶାନ୍ତିଆ ଗ୍ରାମରେ ଥିବା ଗାନ୍ଧିସେବାଶ୍ରମ ପରିସରରେ ଥିବା ଶ୍ରୀଅରବିନ୍ଦ ଯୋଗ ମନ୍ଦିରର ବିଂଶତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡ. ଲଳିତରଂଜନ ସେନାପତି ପୌରହିତ୍ୱ କରି ଶ୍ରୀଅରବିନ୍ଦଙ୍କ ଅତିମାନସ ଅବତାରର ବିବର୍ତ୍ତନବାଦ ଘଟୁଥିବା ସମ୍ପର୍କରେ କହିଥିଲେ । ମୁଖ୍ୟଅତିଥିଭାବେ ସାଧକ ଅନାଦି ଚରଣ ସ୍ୱାଇଁ ଯୋଗ ଦେଇ ସାମ୍ପ୍ରତିକ ସମୟରେ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱ ଆରୋପ କରିଥିଲେ । ଜଣେ ସ୍ୱାଧୀନତା ସଂଗ୍ରାମୀ, ଆଧ୍ୟାତ୍ମିକ ଚିନ୍ତାଚେତନାର ନାୟକ ଶ୍ରୀଅରବିନ୍ଦଙ୍କ ୫୦ତମ ଜୟନ୍ତୀ କମିଟିର ଅଧ୍ୟକ୍ଷ ତଥା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ୧୫୦ତମ ଜୟନ୍ତୀ ପାଳନ ହେଉଥିବା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତା ପ୍ରଧାନ, ଧିରେନ୍ ପ୍ରଧାନ, ଆଶୁତୋଷ ନାୟକ ପ୍ରମୁଖ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନ ଓ ଅଲୌକିକ ଶକ୍ତି ସଂପର୍କରେ ପ୍ରକାଶ କରିଥିଲେ । ସୁନିଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋଚର ଜାଗାରେ ଶ୍ମଶାନ ଗୃହ ନିର୍ମାଣ ଗ୍ରାମବାସୀଙ୍କ ବିରୋଧ

ବାଲିଆପାଳ, ୧୦/୦୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ଗ୍ରାମ ପଂଚାୟତ ହାସିମପୁର ଗ୍ରାମଟି ଏକ ବଡ ଗାଁ । ଦୀର୍ଘ ଦିନ ଧରି ଏହି ଗ୍ରାମରେ ଥିବା ଖାତା ନଂ୧୭୧ ପ୍ଲଟ ନଂ ୬୧୪ ଏକ ଏକର ୨୫ ଡିସିମିଲ ବିଶିଷ୍ଟ ଶ୍ମଶାନ ଜାଗାକୁ ଗ୍ରାମର କିଛି ବ୍ୟକ୍ତି ବେଆଇନ ଦଖଲକରି ରଖି ଆସୁଛନ୍ତି । ଫଳରେ ଗ୍ରାମବାସୀ ଶ୍ମଶାନ ପାର୍ଶ୍ୱରେ ଥିବା ଗୋଚର ଜାଗାରେ ବାଧ ହୋଇ ଶବଦାହ କରିଆସୁଛନ୍ତି । ଏବେ ଏହି ଗ୍ରାମରେ ଏକ ଶ୍ମଶାନ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି । ଏହା ଜାଣିବା ପରେ ଗ୍ରାମର କାଳୀକିଙ୍କର ପଣ୍ଡା, ଅଜିତ କୁମା ପଣ୍ଡା, ସୁକେଶ ମିତ, ଶରତ କୁମାର ମହାନ୍ତି, ପ୍ରାଣକୃଷ୍ଣ ପ୍ରାଣୀଗ୍ରାହୀ କିସାନ ମାରାଣ୍ଡି ସମେତ ଶତାଧିକ ଗ୍ରାମବାସୀ ବାଲିଆପାଳ ତହସିଲଦାରଙ୍କୁ ଦୀର୍ଘ ବର୍ଷ ଧରି ବେଆଇନ ଦଖଲ ଥିବା ଶ୍ମାସନ ଜାଗାକୁ ଉଚ୍ଛେଦ କରି ସେହି ସ୍ଥାନରେ ଶ୍ମାସନ ଗୃହ ନିର୍ମାଣ ପାଇଁ ଲିଖିତ ଦରଖାସ୍ତ କରିଥିଲେ । ତହସିଲଦାର ଦୀପକ କୁମାର ଦାସ, ସଦର ଆରଆଈଙ୍କକୁ ସରଜମିନ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଶ୍ମଶାନ ଜାଗାରେ ଶ୍ମଶାନ ଗୃହ ନିର୍ମାଣ କରିବାର ନିୟମ ଥିବା ବେଳେ ପଂଚାୟତର ପିଇଓ ବବୁଲୁ ହାସଁଦା ଗ୍ରାମର କିଛି ମୁଷ୍ଟିମେୟ ଲୋକଙ୍କୁ ହାତ କରି ଉକ୍ତ ଗୋଚର ଜାଗାରେ ଜୋରଜବରଦସ୍ତ ଶ୍ମଶାନ ଗୃହ ନିର୍ମାଣ କରୁଛନ୍ତି । ଗ୍ରାମବାସୀ ଏ ସଂପର୍କରେ ପୁନଃର୍ବାର ବାଲିଆପାଳ ବିଡିଓ ,ତହସିଲଦାର,ବାଲେଶ୍ୱର ଜିଲାପାଳଙ୍କୁ ଏହି କାର୍ଯ୍ୟ ବନ୍ଦ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି । ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ଏହି ଦାବିକୁ ବିଚାର କରାନଗଲେ ବାଧ ହୋଇ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହେବେ ବୋଲି ଅଭିଯୋଗ କାରୀ ଗ୍ରାମବାସୀମାନେ ପ୍ରେସକୁ କହିଛନ୍ତି । ଏ ସଂପର୍କରେ ପଂଚାୟତର ପିଇଓ ବବୁଲ ହାସଁଦାକୁ ପଚାରିବାରୁ ଶବଦାହ ସ୍ଥାନରେ ଶ୍ମଶାନ ଗୃହ ନିର୍ମାଣ କରାଯାଉଥିବା କହିଛନ୍ତି ।

## ନବନିର୍ମିତ ସିନେମା ଛକ ଟ୍ରାଫିକ ସିଗନାଲ ପୋଷ୍ଟ ଉଦ୍‌ଘାଟିତ



ବାଲେଶ୍ୱର,୧୦/୦୧ (ନି.ପ୍ର): ଆନ୍ତର୍ଜାତିକ ଇନରହୁଇଲ କ୍ଲବ ପ୍ରତିଷ୍ଠା ଦିବସ ଅବସରରେ ବାଲେଶ୍ୱର ରୋଟାରୀ ଇନରହୁଇ କ୍ଲବ ଦ୍ୱାରା ନବନିର୍ମିତ ସିନେମାଛକ ଇଲେକ୍ଟ୍ରାନିକ ଟ୍ରାଫିକ ସିଗନାଲ ପୋଷ୍ଟ ସୋମବାର ଲୋକାର୍ପିତ ହୋଇଯାଇଛି । ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମାଜସେବାକୁ ସର୍ବଦା ବ୍ରତ ଭାବେ ଗ୍ରହଣ କରିଥିବା ବାଲେଶ୍ୱର ରୋଟାରୀ ଇନରହୁଇଲ କ୍ଲବର ଏହି ଟ୍ରାଫିକ ସିଗନାଲ ପୋଷ୍ଟ ଏକ ଉଦାହରଣ ହୋଇ ରହିବ ବୋଲି ସେ କହିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରା ଓ ଟ୍ରାଫିକ ଇନସ୍ପେକ୍ଟର ଶିବପ୍ରସାଦ ଭଦ୍ରା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନ୍ୟାନ୍ୟ ସମାଜସେବା ମୂଳକ କାର୍ଯ୍ୟ ସାଙ୍ଗକୁ ସିନେମାଛକରେ ଇନରହୁଇଲ କ୍ଲବର ଏହି ନୂତନ ଟ୍ରାଫିକ ସିଗନାଲ ପୋଷ୍ଟ ସ୍ଥାପନ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ମତ ପ୍ରକାଶ କରିଥିଲେ । ବାଲେଶ୍ୱର ରୋଟାରୀ ଇନରହୁଇଲ କ୍ଲବ ସଭାପତି ଡକ୍ଟର କଳ୍ପନା ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ପାଦିକା ସିନ୍ଧୁ ଉଦୟ କୁମାର, ଉପ-ସଭାପତି ସ୍ୱାତି ଦାସ, ପୂର୍ବତନ ସଭାପତି ସୁବାସିନୀ ଜେନା, ନଳିନୀ ଜଟାନିଆ, ସୁମିତା ଚାନ୍ଦ, ମଧୁମିତା ଘୋଷ, ସିପ୍ରାରେଖା ମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ଇନରହୁଇଲ କ୍ଲବର ବିଭିନ୍ନ କାର୍ଯ୍ୟଧାରା ଏବଂ ଆଗାମୀ ଦିନରେ ହାତକୁ ନିଆଯାଇଥିବା ଅନ୍ୟାନ୍ୟ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ । ରୋଟାରୀ କ୍ଲବର ସଭାପତି ରାଜଲକ୍ଷ୍ମୀ ଯତି, ସମ୍ପାଦକ ଡ. ମନୋଜଞ୍ଜନ ଦାସ, ସୁବ୍ରତ କର, ଭି ଉଦୟ କୁମାର, ପଦାରବିନ୍ଦ ମହାପାତ୍ର, ସମୀର ତାଳଦି, ଇଂ ସୌରଭ ବେହେରା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

## ଫେଂଟ ଲକ୍ସ୍ ପ୍ରିମିୟର ଲିଗ ଉଦ୍‌ଘାଟିତ




ନୀଳଗିରି, ୧୦/୦୧ (ନି.ପ୍ର): ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଫ୍ୟାଟଲକ୍ସ୍ କ୍ଲବ ଆନୁକୂଲ୍ୟରେ ଫ୍ୟାଟଲକ୍ସ୍ ପ୍ରିମିୟର ଲିଗ୍ ଶିଜିନ୍ -୨ ଉଦଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ନୀଳଗିରି ତହସିଲଦାର ତଥା ବି.ଡି.ଓ. ଦାୟିତ୍ୱରେ ଥିବା ଅଶେଷ କୁମାର ନାୟକ, ଫ୍ୟାଟଲକ୍ସ୍ କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତି, ସଂପାଦକ ସବ୍ୟସାଚୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଆଜିର ପ୍ରଥମ ଲିଗ୍ ମ୍ୟାଚରେ ଗଜରାଜ ଜାମୁଡ଼ିହା ଓ ମହାବୀର ୟୁନାଇଟେଡ ମଧରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିଣି ମହାବୀର ବୋଲିଂ ନିଷ୍ପତି ନେଇଥିବା ବେଳେ ନିର୍ଦ୍ଧାରିତ ୧୨ ଓଭରରେ ଗଜରାଜ ଜାମୁଡ଼ିହା ୯୫ରନ ଟାର୍ଗେଟ ଦେଇଥିଲା । ପରେ ମହାବୀର ବ୍ୟାଟିଂ ବିପର୍ଯ୍ୟୟ ହୋଇଥିବା ବେଳେ ଉମାଶଙ୍କର ରାଉତ ଙ୍କ ୧୯ ବଲରେ ଧୂଆଁଧାର ୪୩ରନ ବଲରେ ୭.୨ ଓଭରରେ ୪ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା । ତେବେ ଉମାଶଙ୍କର କୁ ମ୍ୟାନ ଅଫ ଦା ମ୍ୟାଚ ଘୋଷଣା କରାଯାଇଥିଲା । ଆଜିର ଏହି ମ୍ୟାଚକୁ ଜଗନ୍ନାଥ ଦାସ ଓ ଲକ୍ଷ୍ମୀଧର ବାରିକ ପରିଚାଳନା କରିଥିବା ବେଳେ କ୍ଲବର ସଦସ୍ୟ ଶିଶିର କୁମାର ରାଉତ, ବିଜୟ କୁମାର ଲେଙ୍କା, ଭାସ୍କର ବିଶ୍ୱାଳ, ରାଜେନ୍ଦ୍ର ଜେନା, ବାବୁଲି ପରିଡ଼ା, ବ୍ରଜକିଶୋର ପାଣି, ଅଭିଷେକ ରାଉତ, ବିବେକ ସାହୁ, ରାଜୀବ ମହାପାତ୍ର, ଯଶୋବନ୍ତ ରାଉତ, କୁମାର ରାୟ, ସତ୍ୟନାରାୟଣ ମହାପାତ୍ର, କଟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା କାଲିର ଲିଗ୍ ମ୍ୟାଚ ମା'ଭୂଧାରଚଣ୍ଡି ୱାରିୟସ ସହିତ କେ.ଆର.ଫାଇଟର ସହିତ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ ମା' ରାବାଣୀ ୱାରିୟସ ସହି ମା ବଡ଼କାଳିଆ ବୟଜ୍ ମଧରେ ଅନୁଷ୍ଠିତ ହେବ ।

## ବାଙ୍କତିରା ଜଳସେଚନ ପ୍ରକଳ୍ପକୁ ଅନୁଦାନ ମଞ୍ଜୁର



ବାଲେଶ୍ୱର,୧୦/୦୧ (ନି.ପ୍ର): ଦୀର୍ଘ ଦୁଇ ଦଶନ୍ଧିର ପ୍ରୟାସରେ ପ୍ରସ୍ତାବିତ ବାଙ୍କତିରା ଜଳସେଚନ ପ୍ରକଳ୍ପକୁ ଅନୁଦାନ ମଞ୍ଜୁର ହେବା ନେଇ ବାଙ୍କତିରା ଜଳସେଚନ ପ୍ରକଳ୍ପ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ସ୍ଥାନୀୟ ଆତିଥ୍ୟ ଭବନ ସଭାଗୃହରେ ସୋମାବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାଙ୍କତିରା ଜଳସେଚନ ପ୍ରକଳ୍ପ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ସଭାପତି ଶୁଭଙ୍କର ମହାପାତ୍ର, ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ, ଉପ-ସଭାପତି ଇଂ ପ୍ରଦୀପ ମହାନ୍ତି ଓ ପ୍ରଭୁଚରଣ ରାଉତ, ସଂଯୋଜକ ଚକ୍ରଧର ମହାନ୍ତି ପ୍ରମୁଖ ଯୋଗଦେଇ ବାଙ୍କତିରା ଜଳସେଚନ ପ୍ରକଳ୍ପ ପାଇଁ ଦୀର୍ଘବର୍ଷ ଧରି ଚାଲିଥିବା ପ୍ରୟାସ ସମ୍ପର୍କରେ ସୂଚନା ଦେଇଥିଲେ । କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୨୦୦୩ ମସିହାରେ ରାଜ୍ୟପାଳ ଏମ ରାଜେନ୍ଦ୍ରନଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରକୁ ସେ ସେତେବେଳେ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ । ଏମିତିକି ଜଳସେଚନ ସର୍ବେକ୍ଷଣ ଓ ଅନୁସନ୍ଧାନ ବିଭାଗ ପକ୍ଷରୁ ମଧ୍ୟ ଏହି ପ୍ରକଳ୍ପକୁ ସବୁଜ ସଙ୍କେତ ମିଳିଥିଲା । ରାଜ୍ୟ କ୍ୟାବିନେଟ ସାଙ୍ଗକୁ ବୈଷୟିକ କମିଟି, ପରିବେଶ, ବନ ବିଭାଗ ଓ ପଲୀସଭାରେ ଏହି ପ୍ରକଳ୍ପକୁ ମଞ୍ଜୁରି ମିଳିବା ପରେ ଏବେ ନିର୍ମାଣ କାର୍ଯ୍ୟ ପାଇଁ ସରକାରୀ ସ୍ତରରେ ଉପକ୍ରମ ଆରମ୍ଭ ହୋଇଛି ବୋଲି କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ସୂଚନା ଦେଇଚନ୍ତି । କେନ୍ଦ୍ର ଜଳ ଆୟୋଗ ଓ ରାଜ୍ୟ ଜଳସେଚନ ବିଭାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୪ଶହ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ବେଳେ ପରେ ଚାଷଜମିକୁ କେନାଲ ସଂଯୋଗ ପାଇଁ ଆଉ୨ଶହ କୋଟି ଟଙ୍କାର ଅଟକଳ ମଞ୍ଜୁର ହେବ । ରାଜ୍ୟ ସମ୍ପଦ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ ବି କରାଯାଇଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ରେମୁଣା ଓ ସଦର ବ୍ଲକର ୧୫ କୋଟି ପଞ୍ଚାୟତରେ ୨୫ ହଜାର ଏକରରୁ ଅଧିକ ଚାଷଜମି ଜଳସେଚିତ ହେବ ବୋଲି କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି । କମିଟିର ନିରନ୍ତର ପ୍ରୟାସ ଫଳରେ ଦୁଇଗୋଟି ବ୍ଲକର ଲୋକଙ୍କ ବହୁଦିନର ସ୍ୱପ୍ନ ସାକାର ହେବାକୁ ଯାଉଥିବା ସେମାନେ କହିଛନ୍ତି । ଏନେଇ କମିଟିର କର୍ମକର୍ତ୍ତାମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଯାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ସଦସ୍ୟ ଲମ୍ବୋଦର ପ୍ରଧାନ, ବିଜୟ ବେରା, ଅଭିମନ୍ୟୁ ଦାସ, ସୁରେଶ ଜେନା ପ୍ରମୁଖ ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ରେମୁଣା ବିଜେପି ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୧୦/୦୧ (ନି.ପ୍ର): ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଜନ୍ମଦିବସ ଅବସରରେ ରେମୁଣା ବିଜେପି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଦଳୀୟ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ ସହ ଶ୍ରୀ ଦାସଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଭଳି ମହତ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଉପ-ସଭାପତି ସୁଶାନ୍ତ କୁମାର ପଟ୍ଟନାୟକ, କମଳଲୋଚନ ଦାଶ, ଆଶିଷ ଘୋଷ, କମଳା ବିନ୍ଧାଣୀ, ମୀନାକ୍ଷୀ ମହାପାତ୍ର, ପିଙ୍କି ପ୍ରଧାନ, ଜିଲା ପରିଷଦ ସଦସ୍ୟ ସୀତାରାମ ପ୍ରଧାନ ଓ ବିପିନ ମାରାଣ୍ଡି, ସ୍ଥାନୀୟ ସରପଞ୍ଚ ବାସନ୍ତି ବେହେରା ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ୨୭ ଜୋନର ଜିଲା ପରିଷଦ ସଦସ୍ୟ ତଥା ବରିଷ୍ଠ ବିଜେପି ନେତା ଦିବଂଗତ ସୁଧାଂଶୁ ଶେଖର ପଣ୍ଡାଙ୍କ ଉଦ୍ଦେଶ୍ୟରେ ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## କାଳୀମାତା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ବିଷ୍ଣୁପୁର ଚମ୍ପିୟାନ

ବାଲିଆପାଳ, ୧୦/୦୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଚୌମୁଖ ଠାରେ ଅନୁଷ୍ଠିତ କାଳିମାତା ଗ୍ରାମାଳ କ୍ରିକେଟ ଟୁର୍ଣ୍ଣାମେ ଉଦଯାପିତ ହୋଇଯାଇଛି ।ଫାଇନାଲ ଖେଳ ନାରାୟଣପୁର ଓବିଷ୍ଣୁପୁର ମଧରେ ଅନୁଷ୍ଠିତ ହୋଇଥିଲା ।.ବିଷ୍ଣୁପୁର ଟିମ ପ୍ରଥମେ ଟସ ଜିତି ବ୍ୟାଟିଙ୍ଗ କରିବାର ସିଦ୍ଧାନ୍ତ ନେଇଥିଲା । ନିର୍ଦ୍ଧାରିତ ୨୦ ଓଭର ଖେଳରେ ବିଷ୍ଣୁପୁର ଟିମ ୮ ଉଇକେଟ ହରାଇ ୨୦୧ ରନ ସଂଗ୍ରହ କରିଥିଲା । ବିଷ୍ଣୁପୁର ଟିମର ହରିଶ ଜେନା ସର୍ବାଧିକ ୪୮ ବଲରେ ୮୨ ରନ ସଂଗ୍ରହ କରିଥିଲେ ।୨୦୨ ରନର ବିଜୟ ଲକ୍ଷ ନେଇ ନାରାୟଣପୁର ଟିମ ୧୧.୩ ଓଭର ଖେଳି ୭୨ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା । ନନ୍ଦନ କର, ସପନ ଦେ, ବିଦ୍ୟାଧର ଦେ ଓ ରାଜୀବ ଦେ ଏମ୍ପୟର ଦାୟିତ୍ୱ ତୁଲାଇଥିବା ବେଳେ ମୋହନ ଦାସ, ନନ୍ଦନ କର ସ୍କୋରର, କାଳିଚରଣ ଦାସ ଓ ସୁମନ ଦାସ ଧାରାବିବରଣୀ ପ୍ରଦାନ କରିଥିଲେ ।ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ବିଜନ ନାୟକ,ମୁଖ୍ୟ ବକ୍ତା ଭାବେ ସରପ ନାରାୟଣ ଖଟୁଆ,ସମ୍ମାନୀତ ଅତିଥି ଭାବେ ପୂର୍ବତନ ସମିତି ସଦସ୍ୟ ବେଣୁଧର ରଣଜିତ,ପୂର୍ବତନ ସରପ କାଳିଚରଣ ଚୌଧୁରୀ, ତୀର୍ଥ କୁମାର ନାଗ, ମନୋରଞ୍ଜନ ବେହେରା, କାର୍ତ୍ତୀକ ମଣ୍ଡଳ, ପ୍ରାଣକୃଷ୍ଣ ନାୟକ, ବିନୋଦ କର, ରମାକାନ୍ତ ମଣ୍ଡଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ବିଜୟୀ ଏବଂ ରନର୍ସଅପ ଟିମକୁ ଟ୍ରଫି ଓପୁରସ୍କାର ରାଶି ପ୍ରଦାନ କରିଥିଲେ ।ଟୁର୍ଣ୍ଣାମେକୁ କ୍ଲବର ସନ୍ୟାସୀ ଜେନା, କାଳିଆ ଦେ, ବାବୁ ଦାସ, ମୁନା ସାମଲ, କୀର୍ତ୍ତନ ଦାସ ସମେତ ସମସତ ସଦସ୍ୟମାନେ ପରିଚାଳନା କରିଥିଲେ ।

## ପଂଚାୟତ ବିଭାଗରେ ନିଯୁକ୍ତି ପାଇଲେ ୨୧୦ ସହକାରୀ ନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, ୧୦/୦୧ (ନି.ପ୍ର): ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ନୂଆ କ୍ୟାଡର ତିଆରି ପରେ ପ୍ରଥମ ବ୍ୟାଚରେ ୨୧୦ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି । ଏନେଇ ଆଜିର ଓରିଏଂଟେସନ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ରାଜ୍ୟ ସରକାର ଗ୍ରାମୀଣ ଗୃହ ଓ ପାନୀୟ ଜଳ ଯୋଗାଣ ଦୁଇଟି ଫ୍ଲାଗସିପ୍ ଯୋଜନା ଆରମ୍ଭ କରିଛନ୍ତି । ଏଥିରେ ଗାଁର ସମସ୍ତ କଚ୍ଚାଘରକୁ ପକ୍କାଘର କରିବା ନେଇ ସ୍ଥିର କରାଯାଇଛି । ସେହିପରି ୨୦୨୪ ସୁଦ୍ଧା ପ୍ରତିଘରକୁ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ପଂଚାୟତସ୍ତରରେ ମାନବ ସମ୍ବଳ ବିକାଶ ନିଯୁକ୍ତିକୁ ଗୁରୁତ୍ୱ ଦେଉଛନ୍ତି ସରକାର । ଆଜିର ନିଯୁକ୍ତି ସରକାରଙ୍କ ଫ୍ଲାଗସିପ୍ ଯୋଜନାକୁ ଆହୁର ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି । ଏହାସହ ପଂଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରିବା ସହ ଗରିବଙ୍କୁ ସରକାରୀ ଯୋଜନାର ଫାଇଦା ପହଂଚାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଆଜି ନବନିଯୁକ୍ତ ସମସ୍ତ ଇଂଜିନିୟର ନିଜର ଉଦ୍ୟମ ଦ୍ୱାରା ଏହି ଯୋଜନାର ସଫଳ ରୂପାୟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅପିଲ୍ କରିଛନ୍ତି । ଲୋକଙ୍କ ପାଇଁ ସରକାର । ତେଣୁ ସେମାନଙ୍କ ପାଇଁ ପେଶାଦାର ଭାବେ କାମ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟ ସରକାର ପଂଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ଏଣୁ ନବ ନିଯୁକ୍ତ ଇଞ୍ଜିନିୟରମାନେ ଏଦିଗରେ କାର୍ଯ୍ୟ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏଥିସହିତ କର୍ମଚାରୀଙ୍କୁ ୫-ଟି ମନ୍ତ୍ରକୁ ଆପଣାଇବାକୁ ମଧ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର , ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭିକେ ପାଣ୍ଡିଆନ , ବିଭାଗୀୟ ପ୍ରମୁଖ ଶାସନ ସଚିବ ଅଶୋକ ମୀନା ପ୍ରମୁଖ ଉପସ୍ଥିତ ଥିଲେ ।

## ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପରେ ନୀଳଗିରି ରାଜନୀତି ସରଗରମ

ନୀଳଗିରି, ୧୦/୦୧ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ସଂରକ୍ଷଣ ତାଲିକାକୁ ବାରମ୍ବାର ସଂଶୋଧନ ହେବା ପରେ ଶେଷରେ ଚୁଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ପ୍ରଥମ ସଂରକ୍ଷଣ ତାଲିକା ପ୍ରକାଶ ପରେ ଏଥିରେ ତୃଟିବିଚ୍ୟୁତ ଥିବାର ଅନୁଭବ କରି ବିଭିନ୍ନ ରାଜନୈତିକ ଦଳ ତାଲିକା ସଂଶୋଧନ ପାଇଁ ନିର୍ବାଚନ ଆୟୋଗଙ୍କ ଠାରେ ଫେରାଦ ହୋଇଥିଲେ । ଶେଷରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ଆଜି ଏହି ସଂଶୋଧିତ ତାଲିକା ପ୍ରକାଶ ପାଇଛି । ଏହି ଚୁଡ଼ାନ୍ତ ତାଲିକା ପ୍ରକାଶ ପରେ ଏବେ ନୀଳଗିରି ରାଜନୀତି ସରଗରମ ହୋଇଉଠିଛି । ବିଶେଷ କରି ଜିଲ୍ଲାପରିଷଦ ପ୍ରାର୍ଥୀ ଚୟନକୁ ନେଇ ବିଭିନ୍ନ ରାଜନୈତିକ ଦଳମାନଙ୍କ ମଧରେ ଛକାପଂଝା ଚାଲିଥିବା ଶୁଣିବାକୁ ମିଳିଛି । ନୀଳଗିରି ବ୍ଲକର ବିଶେଷ କରି ୩ଗୋଟି ଜୋନ୍ ମଧରେ ପ୍ରାର୍ଥୀ ଚୟନ କୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବା ଜଣାଯାଇଛି । ୧୧ନଂ. ଜୋନ୍ ବଣସୀମା ଅଂଚଳର ଆଦିବାସୀ ମହିଳା ଥିବାବେଳେ ସଂରକ୍ଷିତ ତାଲିକାରେ ଆଦିବାସୀ ହୋଇଥିବା ବେଳେ ଗତ ନିର୍ବାଚନରେ ବିଜେପି ଦଳ ଜିଲ୍ଲାପରିଷଦ ଅକ୍ତିଆର କରିଥିଲା । ଏହି ଜୋନରେ ବିଜେଡିର କର୍ମୀ ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ଜୋରଦାର ସଂଗଠନ କରିଥିବା ବେଳେ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପୂର୍ବ ସଫଳତାକୁ ଦୋହରାଇବାକୁ ଆଶା ବାନ୍ଧିଛନ୍ତି । ସେହିପରି ୧୨ନଂ. ଜୋନରେ ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଘର ହୋଇଥିବା ବେଳେ ଏହି ଜୋନ୍ ପୂର୍ବଥର ମଧ ବିଜେପି ଖାତାକୁ ଯାଇଥିଲା । ସଂରକ୍ଷଣ ତାଲିକାରେ ହରିଜନ ମହିଳା ଥିବା ବେଳେ ପୁନର୍ବାର ସଂଶୋଧିତ ହୋଇ ଚୁଡ଼ାନ୍ତ ତାଲିକାରେ ଆଦିବାସୀ ମହିଳା ହୋଇଥିବାରୁ ଏହି ଜୋନକୁ ଉଭୟ ବିଜେପି ଓ ବିଜେଡି ନିଜ ଅକ୍ତିଆରକୁ ନେବା ପାଇଁ ଜୋରଦାର ପ୍ରୟାସ ଚଳାଇଛନ୍ତି । ୧୩ନଂ. ଜୋନ ପୂର୍ବରୁ ଆଦିବାସୀ ମହିଳା ଥିବା ବେଳେ ଏବେ ଏହା ଅଣସଂରକ୍ଷିତ ହୋଇ ଚୁଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏହି ଜୋନରେ ଉଭୟ ଦଳର ଟାଣୁଆ ନେତା ଯଥା ବିଜେପିର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଥିବା ବବେଳ ବଜେଡି ର ରାଜ୍ୟ ଯୁଗ୍ମ ସଂପାଦକ ଗତିକୃଷ୍ଣ ନନ୍ଦ ଙ୍କ ଘର ଏହି ଜୋନରେ ଆସୁଥିବା ବେଳେ ଉଭୟ ବିଜେପି ଓ ବିଜେଡିର ସମ୍ମାନ ରକ୍ଷା ପାଇଁ ପ୍ରାର୍ଥୀ ଚୟନ ଠାରୁ ଆରମ୍ଭ କରି କିଭଳି ଆଗାମୀ ନିର୍ବାଚନ ରେ ସଫଳତା ହାସଲ କରି ପ୍ରତିପକ୍ଷଙ୍କୁ ଧୂଳି ଚଟାଇବେ ସେଥିପାଇଁ ଏବେ ଠାରୁ ଗୋଟି ଚାଳନା ଆରମ୍ଭ ହୋଇଯାଇଛି ।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
***RURAL WORKS DIVISION-II, BHADRAK.***
ee_rwbdk2@yahoo.co.in
***"e" Procurement Notice for Building Works***
***Identification Online Tender 19/RWD-II / 2021-22 Dtd.07.01.2022***

1. Name of the Work :- Building Work as per Annexure
2. Total Number of Works :- 02 Nos
3. Approximate Estimated Cost :- 30.34 to 31.26 lakhs
4. Class of Contractor :- As Per Annexure
5. Period of Completion :- As Per Annexure
6. Other details : - The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Bid (Single cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Bhadrak | 19 | 11.01.2022 at 3.00 P.M. | 18.01.2022 up to 4.00 P.M | 17.01.2022 up to 4.00 P.M | 19.01.2022 at 11.00 A.M. |

7. **Further details can be seen from the e-procurement portal "https://www.tendersorissa.gov.in"**
8. Any other changes / Corrigendum may be seen only in website www.tendersorissa.gov.in

OIPR : 25090/11/0036/2122

**Superintending Engineer**
**R.W. Division-II, Bhadrak**

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo